52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075


# ଦୈନିକ ଆଶା

Dainik Asha, The Oldest Odiya Daily, ସର୍ବ ପୁରାତନ ଦୈନିକ ଖବର କାଗଜ

ପ୍ରତିଷ୍ଠାତା: ଶଶିଭୂଷଣ ରଥ — ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 45/ Issue : 168 | Brahmapur | Wednesday 29 July 2026 | ବର୍ଷ: ୪୫/ ଅଙ୍କ: ୧୬୮ | ବୁଧବାର ୨୯ ଜୁଲାଇ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦


## ସିଜେପି ପ୍ରତିବାଦ ନେଇ ୮ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନୋଟିସ୍

# 'ଯାଞ୍ଚ କର, କାର୍ଯ୍ୟାନୁଷ୍ଠାନ ନୁହେଁ'

ନୂଆଦିଲ୍ଲୀ,୨୮/୭: ରାଜଧାନୀ ଦିଲ୍ଲୀର ଜନ୍ତରମନ୍ତରରେ କକ୍ରୋଚ୍ ଜନତା ପାର୍ଟି(ସିଜେପି) ପକ୍ଷରୁ ବିକ୍ଷୋଭ ସମୟରେ, ପୁଲିସ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଲାଠିଚାର୍ଜ କରିଥିଲା ଏବଂ ଲୁହ ବୁହା ଗ୍ୟାସ୍ ମଧ୍ୟ ପ୍ରୟୋଗ କରିଥିଲା। ଏହି ମାମଲାର ଶୁଣାଣିରେ ସୁପ୍ରିମକୋର୍ଟରେ



ମଙ୍ଗଳବାର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଏହାର ତଦନ୍ତ କରାଯିବା ଉଚିତ୍ ଏବଂ ଉତ୍ତରଦାୟିତ୍ୱ ସ୍ଥିର କରାଯିବା ଜରୁରି। ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି, ପ୍ରଥମେ ପ୍ରତିବାଦ ଶାନ୍ତିପୂର୍ଣ୍ଣ ଥିଲା, କିନ୍ତୁ ପରେହିଂସା ଆରମ୍ଭ ହୋଇଥିଲା। ଏହାର ଦୁଇଟି କାରଣ ହୋଇପାରେ, ପ୍ରଥମତଃ, ପୁଲିସ ଅତ୍ୟଧିକ କଠୋର ଥିଲା, ଏବଂ ଦ୍ୱିତୀୟତଃ, ହିଂସାକୁ ଉସୁକାଇବାକୁ ଚାହୁଁଥିବା ବ୍ୟକ୍ତିମାନେ ପ୍ରତିବାଦକାରୀଙ୍କ ମଧ୍ୟରେ ଅନୁପ୍ରବେଶ କରିଥିଲେ। ଏନେଇ ଏକ ପ୍ରୋଟୋକଲ ପ୍ରସ୍ତୁତ ହେବା ପରେ, ଦାୟିତ୍ୱ ନିର୍ଣ୍ଣୟ କରିବା ସହଜ ହେବ। ବିରୋଧ ପ୍ରଦର୍ଶନ ସମ୍ପର୍କରେ ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ ସମେତ ଆଠଟି ରାଜ୍ୟକୁ ନୋଟିସ୍ ଜାରି କରିଛନ୍ତି। ଏହି ତାଲିକାରେ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ବିହାର, ଆସାମ, କେରଳ, ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶ ଅନ୍ତର୍ଭୁକ୍ତ ରହିଛନ୍ତି। ଶୁଣାଣି ସମୟରେ, ସୁପ୍ରିମକୋର୍ଟ କହିଛନ୍ତି, ମହାରାଷ୍ଟ୍ର, ବିହାର, ଗୁଜରାଟ, କେରଳ, ଆସାମ ଏବଂ ଉତ୍ତର ପ୍ରଦେଶର ମାମଲାଗୁଡ଼ିକୁ ଏଠାରେ ତାଲିକାଭୁକ୍ତ କରାଯାଇଛି। ମତବ୍ୟକ୍ତ କରିବାର ଅଧିକାର ଏବଂ ଜୀବନ ବଞ୍ଚିବାର ଅଧିକାରକୁ ଉଲ୍ଲେଖ କରାଯାଇଛି। ଦିଲ୍ଲୀରେ ପୁଲିସ ଦ୍ୱାରା ଅତ୍ୟଧିକ ବଳ ପ୍ରୟୋଗ କରାଯାଇଥିବା ରିପୋର୍ଟ କରାଯାଇଛି। କୋର୍ଟ ଏହା ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ, ପୁଲିସ ତଦନ୍ତ କରିବ, କିନ୍ତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ନାହିଁ। ସିଜେଆଇ କହିଛନ୍ତି, ଲାଠିଚାର୍ଜ, ପେଲେଟ୍ ଗନ୍ ଏବଂ ଲୁହ ବୁହା ଗ୍ୟାସ୍ ପ୍ରୟୋଗ କରାଯାଇଥିବା ରିପୋର୍ଟ ହୋଇଛି। କିଛି ଲୋକଙ୍କ ଆଖିରେ ଆଘାତ ଲାଗିଥିବା ମଧ୍ୟ ରିପୋର୍ଟ ହୋଇଛି। ଗଣମାଧ୍ୟମ ସଦସ୍ୟମାନେ ମଧ୍ୟ ଆହତ ହୋଇଛନ୍ତି। ଲାଠିଚାର୍ଜ ସମ୍ପର୍କରେ ଆବେଦନକାରୀଙ୍କ ଆଇନଜୀବୀ କହିଛନ୍ତି, ଯଦି ପୁଲିସ ଚାହେ, ତେବେ ସେମାନେ ଆନ୍ଦୋଳନକାରୀଙ୍କ ବିରୋଧରେ ଏଫଆଇଆର ରୁଜୁ କରିପାରିବେ। କିନ୍ତୁ ଯଥାସମ୍ଭବ ବଳ ପ୍ରୟୋଗକୁ ଏଡାଇବା ଉଚିତ୍। ପ୍ରଦର୍ଶନ ସମୟରେ, କେତେକ ପୁଲିସ କର୍ମଚାରୀ ଥିଲେ ଯେଉଁମାନେ ୟୁନିଫର୍ମ ପିନ୍ଧି ନଥିଲେ ଏବଂ ଲାଠି ଧରିଥିଲେ। ସେମାନେ ମଧ୍ୟ ବଳ ପ୍ରୟୋଗ କରିଥିଲେ। ପୂର୍ବତନ ମୁଖ୍ୟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏକ ଏସଆଇଟି ଗଠନ କରାଯିବା ଉଚିତ୍। କୋର୍ଟ ଭବିଷ୍ୟତର ପଦକ୍ଷେପ ବିଷୟରେ ଆଲୋଚନା କରୁଛନ୍ତି। ଆମେ ଏହାକୁ ସ୍ୱାଗତ କରୁଛୁ। ତେବେ ଏହି ଘଟଣାଗୁଡ଼ିକର ଏକ ନିରପେକ୍ଷ ତଦନ୍ତ ମଧ୍ୟ ଆବଶ୍ୟକ। ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ପ୍ରତିବାଦକାରୀଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ସାର୍ବଜନୀନ କରିବା ମଧ୍ୟ ନିଷେଧ କରାଯିବା ଉଚିତ୍। ଏଥିରେ ଛାତ୍ରଛାତ୍ରୀ ଏବଂ ଅନେକ ନାବାଳକ ସାମିଲ ଅଛନ୍ତି।

# ଲଗାଣ ବର୍ଷାରେ ସ୍ଥିତି ବେହାଲ

## ବ୍ରାହ୍ମଣୀ ଓ ଘାଗରା ନାଳ ପୋଲ ଉପରେ ୫ ଫୁଟର ବନ୍ୟାଜଳ ପ୍ରବାହିତ

## ସାଳନ୍ଦୀ ଓ ଏହାର ଶାଖା ନଦୀରେ ବନ୍ୟା ସ୍ଥିତି

## ଅନେକ ଗାଁ ଜଳବନ୍ଦୀ, ରାସ୍ତାଘାଟରେ ଲହଡି ଭାଙ୍ଗୁଛି ବର୍ଷା ଜଳ



ଭୁବନେଶ୍ୱର, ୨୮।୭ : ସାରା ରାଜ୍ୟରେ ଲଘୁଚାପଜନିତ ବର୍ଷା ଲାଗିରହିଥିବା ବେଳେ କେନ୍ଦୁଝରଜିଲ୍ଲା ବାଂଶପାଳ ବ୍ଲକରେ ଗତକାଲି ଠାରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗିରହିଛି। ଲଘୁଚାପ ଜନିତ ବର୍ଷା ଲାଗି ରହିବା ଫଳରେ ଅନେକ ଗାଁ ଜଳବନ୍ଦୀ ହୋଇ ରହିଛି। ନଦୀ ଓ ନାଳରେ ଜଳସ୍ତର ବୃଦ୍ଧି ପାଇଛି। ଅନେକ ଗାଁକୁ ଯୋଗାଯୋଗ କରୁଥିବା ନାଳର ପୋଲ ଉପରେ ବନ୍ୟଜଳ ପ୍ରଭାହିତ ହେବା ଯୋଗୁଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛି। ବୈତରଣୀ ନଦୀ ଓ ମାଲଦା ନାଳ ଉପରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ବ୍ଲକ୍ ?ର ଫୁଲଝର ପଞ୍ଚାୟତର ଗମ୍ଭାରୀଡ଼ିହି, କେନ୍ଦୁଘାଟି ଗାଁ ଓ ତଳ କାଦକଳା ପଞ୍ଚାୟତ ହଳଡିହି ଗାଁ ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହୋଇ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇରହିଛି। ଏହି ୩ଟି ଗାଁର ଶତାଧିକ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଅଁରା ବ୍ରାହ୍ମଣୀ ନାଳ ପୋଲ ଉପରେ ୫ ଫୁଟର ବନ୍ୟଜଳ ପ୍ରବାହିତ ହେବା ଫଳରେ ଅଁରା, ରାଇଗୋଡ଼ା, ଆମୁଣୀ, ବିନିଦା ସମେତ ୧୦ରୁ ଅଧିକ ଗାଁକୁ ଯୋଗାଯୋଗ ଠପ ହୋଇଯାଇଛି। ଅଁରା ଠାରେ ଶତାଧିକ ଗାଡ଼ି ଅଟକି ରହିଛି। ଯାତାୟାତ ଠପ ହୋଇଯାଇଛି। ସେହିପରି କଲଣ୍ଡା ଠାରେ ଘାଗରା ନାଳ ପୋଲ ଉପରେ ୫ ଫୁଟର ବନ୍ୟାଜଳ ପ୍ରଭାହିତ ହେଉଥିବାରୁ କଲଣ୍ଡା, ଜମ୍ବୀରିପସି, ଭଗତପୁର, ବଡ଼ବିଲ, ଚାନ୍ଦ ପଶିକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଲୋକେ ଯାତାୟାତ କରିପାରୁନାହାନ୍ତି। ଅନ୍ୟପଟେ ଦଅଁଳା ଠାରୁ କସଡ଼ାକୁ ଯୋଗାଯୋଗ କରୁଥିବା ସ୍ଥାନୀୟ ନାଳ ଉପରେ ମଧ୍ୟ ବନ୍ୟଜଳ ପ୍ରବାହିତ ହେଉଥିବାରୁ କସଡ଼ା, ରୁଗୁଡ଼ି କସଡ଼ା, ପରିଡା। ଗୋଠ ଆଦି ଗାଁକୁ ଯୋଗାଯୋଗ ହୋଇପାରୁନାହିଁ।

ଆଜି ସକାଳେ କସଡ଼ା ଗାଁର ଜଣେ ଯୁବକ ଶୁଆକାଟି ଲୌହ ଖଣିକୁ କାମ କରିବାକୁ ଯାଉଥିବା ବେଳେ ଏହି ନାଳ ଉପରେ ଭାସି ଯାଇଥିଲେ। ତେବେ ଅଘଟଣ ପୂର୍ବରୁ ଯୁବକଙ୍କୁ ସ୍ଥାନୀୟ ଲୋକେ ସୁରକ୍ଷିତ ଉଦ୍ଧାର କରିଥିବା ଜଣାପଡିଛି। ବାଂଶପାଳରେ ପ୍ରବଳ ବର୍ଷା ଲାଗିରହିଛି। ପାଣିପାଗ ବିଭାଗ କେନ୍ଦୁଝର ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଜାରି କରିଥିବା ବେଳେ ବାଂଶପାଳରେ ସର୍ବାଧିକ ୫୭. ୩ ମିମି ବର୍ଷା ରେକର୍ଡ କରାଯାଇଛି। ଲଗାଣ ବର୍ଷା ପାଇଁ ବନ୍ୟା ଆଶଙ୍କା । ଭଦ୍ରକ ଜିଲ୍ଲା ରେ ସାଳନ୍ଦୀ ଓ ଏହାର ଶାଖା ନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ସାଳନ୍ଦି ନଦୀରେ ସୋମବାର ତିହିଡି ନିକଟ ଦେଉଲା ଠାରେ ଘାଇ ହୋଇଥିଲା । ଏବେ ମଧ୍ୟ ଲଗାଣ ବର୍ଷା ସହର ତଳି ଅଞ୍ଚଳରେ ବନ୍ୟା ଆଶଙ୍କା ସୃଷ୍ଟି କରିଛି । ସମାନ ଭାବେ ବୈତରଣୀ ନଦୀ ରେ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଛି। ଆଖୁଆପଦା ଆନିକଟ ଠାରେ ବିପଦ ସଙ୍କେତ ୧୮.୩୩ ମିଟର ରହିଥିବା ବେଳେ ସତର୍କ ସଙ୍କେତ ୧୭.୮୩ ମିଟର ରହିଛି। ତେବେ ଏବେ ପର୍ଯ୍ୟନ୍ତ ବନ୍ୟା ଜଳ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି ।

ସେହିପରି ଲଗାଣ ବର୍ଷା ଯୋଗୁଁ ବଣାଇଁଗଡ଼ ବ୍ଲକ କଷଡା ପଞ୍ଚାୟତ ଅନ୍ତର୍ଗତ ସରସରା-ବଲାଙ୍ଗ -ଟିକାୟତପାଲି ଗ୍ରାମ୍ୟ ଉନ୍ନୟନ ବିଭାଗ (ଆରଡି.) ରାସ୍ତାରେ ଅଡାଡ଼ିହି ନାଳ ଉପରେ ନିର୍ମିତ ସେତୁ ପୁଣି ବର୍ଷା ପାଣିରେ ବୁଡ଼ିଯାଇଛି। ଅବିରତ ଲଗାଣ ବର୍ଷା ଫଳରେ ନାଳରେ ଜଳସ୍ତର ବୃଦ୍ଧି ପାଇ ସେତୁ ଉପରେ ପ୍ରାୟ ୨ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି। ଫଳରେ ଉକ୍ତ ରାସ୍ତାରେ ସମ୍ପୂର୍ଣ୍ଣ ଯାତାୟତ ବନ୍ଦ ହୋଇପଡ଼ିଛି। ଏହି ସେତୁ ଦେଇ ଅଡାଡ଼ିହି, ନୂଆଡ଼ିହି, ସଂଝାରଣ, କରେଇପୁଟ, ତିଲେଇମାଲ ଓ କଟେଇ ସମେତ ଆଖପାଖର ଅନେକ ଗ୍ରାମର ଲୋକ ପ୍ରତିଦିନ ଯାତାୟତ କରିଥାନ୍ତି। ସେତୁ ଉପରେ ପାଣି ଚାଲୁଥିବାରୁ ସାଧାରଣ ଲୋକଙ୍କ ସହ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ମଧ୍ୟ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସ୍ଥାନୀୟ ଲୋକମାନେ ପ୍ରଶାସନକୁ ସେତୁ ନିକଟରେ ସୁରକ୍ଷା ବ୍ୟବସ୍ଥା କରିବା, ବିପଦପୂର୍ଣ୍ଣ ସମୟରେ ଯାତାୟାତ ଉପରେ କଟକଣା ଲଗାଇବା ସହ ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ସାବଧାନତାମୂଳକ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ବର୍ଷା ଜାରି ରହିଲେ ଏହି ସମସ୍ୟା ଆହୁରି ଗୁରୁତର ହେବା ସହ ଜନଜୀବନ ଅଧିକ ପ୍ରଭାବିତ ହେବ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି।

# ସ୍ଥିତି ନିୟନ୍ତ୍ରଣରେ, ଭୟଭୀତ ହୁଅନ୍ତୁ ନାହିଁ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର: ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଥିଲେ ମଧ୍ୟ ଓଡ଼ିଶାର ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଥିବା କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ମଙ୍ଗଳବାର ସେ କହିଛନ୍ତି ଯେ, ସରକାର ସମସ୍ତ ନଦୀର ଜଳସ୍ତର ଉପରେ କଡ଼ା ନଜର ରଖିଛନ୍ତି ଏବଂ ଲୋକଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ସରକାରୀ ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ହାରାହାରି ୪୭.୨ ମିଲିମିଟର ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକ ବର୍ଷାଠାରୁ ଅଧିକ। ଏହା ସହିତ ରାଜ୍ୟର ୮ଟି ବ୍ଲକରେ ୨୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଥିବାରୁ କିଛି ନଦୀର ଜଳସ୍ତର ବଢ଼ିଛି।ହୀରାକୁଦ ଡ୍ୟାମରୁ ବର୍ତ୍ତମାନ କେବଳ ୨ଟି ଗେଟ୍ ଖୋଲାଯାଇଛି। ମୁଣ୍ଡଳି ବ୍ୟାରେଜ ଦେଇ ସନ୍ଧ୍ୟା ସୁଦ୍ଧା ପ୍ରାୟ ୭ ଲକ୍ଷ କ୍ୟୁସେକ୍ ପାଣି ପ୍ରବାହିତ ହେବ ବୋଲି ଆକଳନ କରାଯାଇଛି। ତେବେ ମହାନଦୀ ଅବବାହିକାରେ ବନ୍ୟାର କୌଣସି ବଡ଼ ବିପଦ ନାହିଁ ବୋଲି ଜଳସମ୍ପଦ ବିଭାଗ ସ୍ପଷ୍ଟ କରିଛି। ବାଲେଶ୍ୱର, ଭଦ୍ରକ ଓ ସୁନ୍ଦରଗଡ଼ ଜିଲ୍ଲାରେ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ଟିମ୍ ମୁତୟନ କରାଯାଇଛି। ବନ୍ୟାପ୍ରବଣ ଅଞ୍ଚଳରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା, ରନ୍ଧା ଖାଦ୍ୟ ବଣ୍ଟନ ଓ ଅନ୍ୟାନ୍ୟ ରିଲିଫ୍ କାର୍ଯ୍ୟ ଆରମ୍ଭ ହୋଇସାରିଛି।ରାଜସ୍ୱ ମନ୍ତ୍ରୀ ପୁଣିଥରେ ସ୍ପଷ୍ଟ କରିଛନ୍ତି ଯେ, ପରିସ୍ଥିତିକୁ ସରକାର ନିରନ୍ତର ସମୀକ୍ଷା କରୁଛନ୍ତି ଏବଂ ବର୍ତ୍ତମାନ ସୁଦ୍ଧା ଭୟଭୀତ ହେବାର କୌଣସି କାରଣ ନାହିଁ। ସମସ୍ତ ବିଭାଗ ପରସ୍ପର ସମନ୍ୱୟରେ କାର୍ଯ୍ୟ କରୁଥିବାରୁ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସେ କହିଛନ୍ତି।

# ଜାପାନରେ ୭.୧ ତୀବ୍ରତାଯୁକ୍ତ ଭୂମିକମ୍ପ: ସୁନାମି ସତର୍କତା ଜାରି

ଟୋକିଓ,୨୮।୭:ଜାପାନର କୁମାମୋଟୋର କ୍ୟୁଶୁ ଅଞ୍ଚଳରେ ଏକ ଶକ୍ତିଶାଳୀ ୭.୧ ତୀବ୍ରତାଯୁକ୍ତ ଭୂମିକମ୍ପ ଅନୁଭୂତ ହୋଇଛି। ଫଳରେ ୩.୨୮ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ସମୁଦ୍ରରେ ଜୁଆର ଉଠିବା ଆଶଙ୍କା ରହିଛି ବୋଲି ଜାପାନ ପାଣିପାଗ ସଂସ୍ଥା ଏହି ସୂଚନା ପ୍ରକାଶ କରିଛି। ଉପକୂଳବାସୀଙ୍କୁ ତୁରନ୍ତ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତର କରିବାକୁ କର୍ତ୍ତୃପକ୍ଷ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ଜାପାନ ସରକାର ଅନେକ ପ୍ରାନ୍ତରେ ଏନେଇ ହାଇ ଆଲର୍ଟ ଜାରି କରିଛନ୍ତି। ଜାପାନ ସରକାର ଦକ୍ଷିଣ କ୍ୟୁଶୁ ଦ୍ୱୀପରେ ଥିବା କୁମାମୋଟୋ, ନାଗାସାକି, କାଗୋସିମା, ଫୁକୁଓକା, ସାଗା, ଓଇଟା ଏବଂ ମିୟାଜାକି ପ୍ରାନ୍ତରେ ଜରୁରୀକାଳୀନ ଭୂମିକମ୍ପ ସତର୍କତା ଘୋଷଣା କରିଛନ୍ତି।

ଭୂମିକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ ଲୋକଙ୍କ ପାଇଁ ଠିଆ ହେବା କଷ୍ଟକର ଥିଲା। ଅନେକ କୋଠାଘର ତାସ ଘର ପରି ଥରି ଉଠିଥିଲା।

ଭୂମିକମ୍ପ ପରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। କୁମାମୋଟୋର ଅନ୍ୟ ସହରଗୁଡ଼ିକ ସହିତ ପଡ଼ୋଶୀ ଅଞ୍ଚଳ ନାଗାସାକି, କାଗୋଶିମା, ଫୁକୁଓକା, ସାଗା ଏବଂ ମିଆଜାକିରେ ମଧ୍ୟ ୫ କିମ୍ବା ତା'ଠାରୁ କମ୍ ତୀବ୍ରତାଯୁକ୍ତ ଭୂମିକମ୍ପ ଅନୁଭୂତ ହୋଇଥିଲା। ଭୂମିକମ୍ପର କେନ୍ଦ୍ରସ୍ଥଳ କୁମାମୋଟୋ ସହରରୁ ଦକ୍ଷିଣରେ ଥିବା ଉକି ସହରର ଭୂପୃଷ୍ଠର ୧୦ କିଲୋମିଟର ଗଭୀରତାରେ ଥିଲା। କ୍ୟୁଶୁ ଇଲେକ୍ଟ୍ରିକ୍ ଅନୁଯାୟୀ, କୁମାମୋଟୋ ପ୍ରିଫେକ୍ଚରରେ ପ୍ରାୟ ୪୫,୬୦୦ ପରିବାରରେ ବିଦ୍ୟୁତ୍ ସଂଯୋଗ ବନ୍ଦ ରହିଛି।

# ଜେଲ୍‌ରେ କଏଦୀ ଦେଖିବେ ଦେଶଭକ୍ତି ଚଳଚ୍ଚିତ୍ର

ଭୁବନେଶ୍ୱର,୨୮।୭: ଓଡ଼ିଶାର ସମସ୍ତ ଜେଲ୍‌ରେ ଥିବା କଏଦୀମାନଙ୍କ ପାଇଁ ଆରମ୍ଭ ହେବ ଏକ ନୂଆ ପଦକ୍ଷେପ। ଆସନ୍ତା ଅଗଷ୍ଟ ୧୫ ସ୍ୱାଧୀନତା ଦିବସରୁ ରାଜ୍ୟର ସମସ୍ତ କାରାଗାରରେ ଦେଶଭକ୍ତିଭିତ୍ତିକ ଚଳଚ୍ଚିତ୍ର ଓ ପ୍ରାମାଣିକ ଚିତ୍ର (ଡକ୍ୟୁମେଣ୍ଟାରୀ) ପ୍ରଦର୍ଶନ କରାଯିବ। କଏଦୀମାନଙ୍କ ମନରେ ଦେଶପ୍ରେମର ଭାବନା ସୃଷ୍ଟି କରିବା ସହ ସେମାନଙ୍କ ସଂସ୍କାର ଓ ପୁନର୍ବାସ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ ଏବଂ ଗାନ୍ଧୀ ଜୟନ୍ତୀରେ ଦେଶାତ୍ମବୋଧକ ଚଳଚ୍ଚିତ୍ର ପ୍ରଦର୍ଶନ କରିବାକୁ ଓଡ଼ିଶା ଜେଲ ଏବଂ ସଂଶୋଧନ ସେବା ନିର୍ଦ୍ଦେଶାଳୟ ରାଜ୍ୟର ସମସ୍ତ ଜେଲକୁ ନିର୍ଦ୍ଦେଶ ଦେଇଛି। ଓଡ଼ିଶା କାରାଗାର ଓ ସଂଶୋଧନ ସେବା ନିର୍ଦ୍ଦେଶାଳୟ ପକ୍ଷରୁ ଏନେଇ ସମସ୍ତ ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ ଏବଂ ଗାନ୍ଧୀ ଜୟନ୍ତୀ ଅବସରରେ ଏହି ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ଏହି ପଦକ୍ଷେପ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ମାଧ୍ୟମରେ ଅଳକାଶ୍ରମ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ପରେ କାର୍ଯ୍ୟକାରୀ ହୋଇଛି। ଜଗତସିଂହପୁରର ''ସାବରମତୀ ଆଶ୍ରମ'' ଭାବେ ପରିଚିତ ଅଳକାଶ୍ରମର କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ହୋତା ପ୍ରସ୍ତାବରେ ଦର୍ଶାଇଥିଲେ ଯେ, କଏଦୀମାନେ ଅନେକ ସମୟରେ ଜାତୀୟ ପର୍ବ ଓ ଦେଶର ଇତିହାସଠାରୁ ଦୂରେଇ ରହିଥାନ୍ତି। ସେମାନଙ୍କ ମଧ୍ୟରେ ସକାରାତ୍ମକ ଚିନ୍ତାଧାରା ଓ ଦେଶପ୍ରେମ ଜାଗ୍ରତ କରିବା ପାଇଁ ଏଭଳି ଚଳଚ୍ଚିତ୍ର ପ୍ରଦର୍ଶନ ଉପଯୋଗୀ ହେବ।ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗତ ଜୁଲାଇ ୨୪ ତାରିଖରେ କାରାଗାର ନିର୍ଦ୍ଦେଶାଳୟ ପକ୍ଷରୁ ଏହି ସମ୍ପର୍କିତ ନିର୍ଦ୍ଦେଶନାମା ଜାରି କରାଯାଇଛି। ରେଞ୍ଜ ଡିଆଇଜିମାନେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବେ।

ତେବେ ଚଳଚ୍ଚିତ୍ର ପ୍ରଦର୍ଶନ ପାଇଁ କଡ଼ା ନିୟମ ମଧ୍ୟ ଲାଗୁ କରାଯାଇଛି। ପ୍ରତ୍ୟେକ ଚଳଚ୍ଚିତ୍ର କିମ୍ବା ଡକ୍ୟୁମେଣ୍ଟାରୀକୁ ପ୍ରଦର୍ଶନ ପୂର୍ବରୁ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅନୁମୋଦନ ନେବା ବାଧ୍ୟତାମୂଳକ। ଅପରାଧ, ଯୌନ ଶୋଷଣ, ଅତ୍ୟଧିକ ହିଂସା କିମ୍ବା ନକାରାତ୍ମକ ବିଷୟବସ୍ତୁ ଥିବା ଚଳଚ୍ଚିତ୍ର ପ୍ରଦର୍ଶନ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇଛି। କେବଳ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଓ ଆଇନସମ୍ମତ ଚଳଚ୍ଚିତ୍ର ହିଁ ପ୍ରଦର୍ଶିତ ହେବ।କାରାଗାର ବିଭାଗର ବିଶ୍ୱାସ ଯେ, ଏହି ପଦକ୍ଷେପ କେବଳ କଏଦୀମାନଙ୍କ ମନରେ ଦେଶପ୍ରେମ ଜାଗ୍ରତ କରିବ ନାହିଁ, ବରଂ ସେମାନଙ୍କୁ ଦେଶର ଇତିହାସ, ସ୍ୱାଧୀନତା ସଂଗ୍ରାମ ଓ ଜାତୀୟ ମୂଲ୍ୟବୋଧ ସହ ଯୋଡ଼ି ସେମାନଙ୍କ ପୁନର୍ବାସ ପ୍ରକ୍ରିୟାକୁ ଆହୁରି ସଫଳ କରିବ।

# ମାଆ ଓ ଦିବ୍ୟାଙ୍ଗ ଝିଅର ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ଉଦଳା, ୨୮।୭: କେନାଲରୁ ଉଦ୍ଧାର ହେଲା ଦିବ୍ୟାଙ୍ଗ ଝିଅର ମୃତଦେହ। ପାଖରେ ଥିବା ଘରୁ ମିଳିଲା ମାଆର ଶବ। ଏହି ଦୁଇ ମୃତଦେହ ଉଦ୍ଧାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଖେଳିଯାଇଛି ଚାଞ୍ଚଲ୍ୟ। ପାରିପାର୍ଶ୍ୱିକ ସ୍ଥିତିରୁ ହତ୍ୟା ସନ୍ଦେହ କରାଯାଉଥିବା ବେଳେ, ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଛି। ଏହି ଚାଞ୍ଚଲ୍ୟକର ଘଟଣା ଘଟିଛି ମୟୂରଭଞ୍ଜ ଉଦଳା ଥାନା ଦିବ୍ୟସିଂପୁର ଗ୍ରାମରେ। ସୂଚନା ଅନୁସାରେ, ଗ୍ରାମର ଅନ୍‌ଷୋ ହଷ୍ଟେଲ ନିକଟରେ ଥିବା କେନାଲରେ ଏକ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ମୃତଦେହ ପାଖକୁ ଯିବାରୁ ନିକଟରେ ଥିବା ଏକ ଘରୁ ମଧ୍ୟ ଦୁର୍ଗନ୍ଧ ଆସିଥିଲା। ପରେ ଘରୁ ମଧ୍ୟ ଏକ ଗଳିତ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଉଦଳା ପୋଲିସ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି।

ମୃତକ ହେଲେ ସେହି ଭଙ୍ଗା ଦଦରା ଘରେ ରହୁଥିବା ଫୁଲମଣି ହେମ୍ବ୍ରମ ଏବଂ ତାଙ୍କର ଦିବ୍ୟାଙ୍ଗ ନାବାଳିକା ଝିଅ। ଘର ଭିତରେ ମଶାରୀ ଭିତରେ ଫୁଲମଣିଙ୍କ ମୃତଦେହ ପଡ଼ିଥିବା ବେଳେ ଘର ବାହାର କେନାଲରେ ପଡ଼ିଛି ଦିବ୍ୟାଙ୍ଗ ନାବାଳିକାର ମୃତଦେହ।ଜଣାପଡ଼ିଛି ମୃତକ ଫୁଲମଣିଙ୍କର ପୂର୍ବରୁ ଜମିବାଡ଼ି ବିବାଦ ରହିଥିଲା। ଏହା ସହ ନିକଟରେ ଗ୍ରାମବାସୀଙ୍କ ସହ ତାଙ୍କର ବିବାଦ ହୋଇଥିଲା। ଆହୁରି ମଧ୍ୟ ଘର ଭିତର ଅସଜଡ଼ା ଅବସ୍ଥାରେ ପଡ଼ିଥିବାରୁ ଉଭୟଙ୍କୁ କେହି ଅତି ବିଭତ୍ସ ଭାବେ ହତ୍ୟା କରିଥିବା ସନ୍ଦେହ କରାଯାଉଛି।

## ପିଓକେ ନିର୍ବାଚନରେ ହିଂସା

# ସୁରକ୍ଷା ବାହିନୀର ଗୁଳିମାଡ଼ରେ ୨୦ ମୃତ

ଇସଲାମାବାଦ: ପାକ୍ ଅଧିକୃତ କାଶ୍ମୀର (ପିଓକେ) ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଦିନ ସୋମବାର ବ୍ୟାପକ ହିଂସାକାଣ୍ଡ ଘଟିଛି। ରାୱଲାକୋଟ ସମେତ ବିଭିନ୍ନ ଅଞ୍ଚଳରେ ନିର୍ବାଚନ ବର୍ଜନ ଆହ୍ୱାନ ଦେଇଥିବା ଜଏଣ୍ଟ ଆୱାମୀ ଆକ୍ସନ୍ କମିଟି (ଜେଏଏସି)ର ପଦଯାତ୍ରା ଉପରେ ପାକିସ୍ତାନ ସୁରକ୍ଷା ବାହିନୀ ଗୁଳିଚାଳନା କରିଥିବା ଅଭିଯୋଗ ହୋଇଛି।

ଜେଏଏସି ଦାବି କରିଛି ଯେ, ଏହି ଗୁଳିମାଡ଼ରେ ଅତି କମ୍‌ରେ ୨୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଅନେକ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।ଜେଏଏସି ପକ୍ଷରୁ କୁହାଯାଇଛି ଯେ, ରାୱଲାକୋଟ ସହରରେ ପ୍ରବେଶ କରୁଥିବା ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଉପରେ ସୁରକ୍ଷା ବାହିନୀ ଗୁଳି ଓ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ସଂଗଠନ ଦାବି କରିଛି ଯେ, ୧୯ ଜଣ ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇଥିବା ବେଳେ ମୁଣ୍ଡରେ ଗୁଳି ଲାଗିଥିବା ଆଉ ଜଣେ ମୃତକଙ୍କ ପରିଚୟ ମିଳିନାହିଁ। ସଂଗଠନ ଆନ୍ତର୍ଜାତିକ ସମୁଦାୟ ଓ ଗଣମାଧ୍ୟମକୁ ଘଟଣାର ସ୍ୱାଧୀନ ତଦନ୍ତ ଦାବି କରିଛି। ଅନ୍ୟପଟେ ପିଓକେ ପୁଲିସ ସମ୍ପୂର୍ଣ୍ଣ ଭିନ୍ନ ଦାବି କରିଛି।

ପୁଲିସ କହିଛି, ନିଷିଦ୍ଧ ଘୋଷିତ ଜେଏଏସିର କର୍ମୀମାନେ ବଳପୂର୍ବକ ରାୱଲାକୋଟ ସହରରେ ପ୍ରବେଶ କରିବା ସହ ସୁରକ୍ଷାକର୍ମୀଙ୍କ ଉପରେ ଗୁଳିଚାଳନା କରିଥିଲେ। ଏହା ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ତେବେ ସରକାରୀ ପକ୍ଷରୁ ମୃତକଙ୍କ ସଂଖ୍ୟା ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇନାହିଁ।

ଗତ କିଛି ସପ୍ତାହ ଧରି ପିଓକେରେ ଜେଏଏସି ନେତୃତ୍ୱରେ ନିର୍ବାଚନ ବର୍ଜନ ଓ ବିଭିନ୍ନ ଦାବିକୁ ନେଇ ଆନ୍ଦୋଳନ ଚାଲିଆସୁଛି। ଏହି ଅଶାନ୍ତି ଯୋଗୁ ଦୁଇଟି ଜିଲ୍ଲାରେ ନିର୍ବାଚନ ମଧ୍ୟ ସ୍ଥଗିତ ରଖାଯାଇଛି।

ନିର୍ବାଚନ ପୂର୍ବରୁ ହୋଇଥିବା ସଂଘର୍ଷରେ ମଧ୍ୟ ଅନେକ ଲୋକଙ୍କ ମୃତ୍ୟୁ ଘଟିଥିଲା ଏବଂ ମାନବାଧିକାର ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଭାରତ ସରକାର ପୂର୍ବରୁ କହିଆସୁଛନ୍ତି ଯେ, ପାକ୍ ଅଧିକୃତ କାଶ୍ମୀର ଭାରତର ଅବିଚ୍ଛିନ୍ନ ଅଂଶ ଯେଉଁଠାରେ ପାକିସ୍ତାନର ଦମନମୂଳକ ନୀତି ଓ ପ୍ରଶାସନିକ ବିଫଳତା ଯୋଗୁ ସାଧାରଣ ଲୋକଙ୍କ ଅସନ୍ତୋଷ ବଢ଼ିଚାଲିଛି।

# କୃତ୍ରିମ ସୂର୍ଯ୍ୟ ନିର୍ମାଣର ନିକଟତର ଚୀନ୍

ବେଜିଂ: ଚୀନ୍ପୃଥିବୀରେ ଏକ କୃତ୍ରିମ ସୂର୍ଯ୍ୟ ସୃଷ୍ଟି କରିବାର ନିକଟତର ହୋଇଛି। ଏହା ନ୍ୟୁକ୍ଲିୟର ଫ୍ୟୁଜନ୍ ମାଧ୍ୟମରେ ସ୍ୱଚ୍ଛ ଏବଂ ଅସୀମିତ ଅକ୍ଷୟ ଶକ୍ତି ଉତ୍ପାଦନ କରିବା ପାଇଁ ବିଶ୍ୱର ସର୍ବବୃହତ ସୁପରକଣ୍ଡକ୍ଟିଂ ଫ୍ୟୁଜନ୍ ଚୁମ୍ବକକୁ ସଫଳତାର ସହ ନିର୍ମାଣ ଏବଂ ପରୀକ୍ଷଣ କରିଛି। ଏହି ସଫଳତା ୨୦୩୦ ସୁଦ୍ଧା ଫ୍ୟୁଜନ୍ ଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ କରିବାର ଚୀନ୍‌ର ମହତ୍ତ୍ୱାକାଂକ୍ଷୀ ଯୋଜନା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ଏହା ସହିତ, ଚୀନ୍ କାର୍ବନ-ମୁକ୍ତ ଶକ୍ତିର ସର୍ବବୃହତ ଉତ୍ସ ହାସଲ କରିବାକୁ ଚେଷ୍ଟା କରୁଥିବା ଅଗ୍ରଣୀ ଦେଶମାନଙ୍କ ସହିତ ସାମିଲ ହୋଇଛି। ଏହି ସୁପରକଣ୍ଡକ୍ଟିଂ ଚୁମ୍ବକକୁ ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସେସ୍ ଅଧୀନରେ ପ୍ଲାଜ୍ମା ଫିଜିକ୍ସ ଇନଷ୍ଟିଚ୍ୟୁଟ୍ ଦ୍ୱାରା ବିକଶିତ କରାଯାଇଛି। ଏହା ଇଂରାଜୀ ଅକ୍ଷର ଡି-ଆକାରର ବିଶାଳ ଆକୃତି। ଏହାର ଲମ୍ବ ୨୧ ମିଟର ଏବଂ ଚଉଡ଼ା ୧୨ ମିଟର । ଏହାର ଓଜନ ୫୮୨ ଟନ୍।ସିମୁଲେଟେଡ୍ ସୂର୍ଯ୍ୟ ହେଉଛି ଏକ ନ୍ୟୁକ୍ଲିୟର ଫ୍ୟୁଜନ୍ ରିଆକ୍ଟର ଯାହା ସୂର୍ଯ୍ୟ ଭଳି ପ୍ରଚଣ୍ଡ ଶକ୍ତି ସୃଷ୍ଟି କରୁଥିବା ସମାନ ପ୍ରକ୍ରିୟା କରିଥାଏ।

ଏହା ୧୦ କୋଟି ଡିଗ୍ରୀ ସେଲସିୟସ୍‌ରୁ ଅଧିକ ତାପମାତ୍ରାରେ ହାଇଡ୍ରୋଜେନ୍ ପରମାଣୁକୁ ଫ୍ୟୁଜନ୍ କରିଥାଏ। ଏହି ପ୍ରକ୍ରିୟା କାର୍ବନ ଡାଇଅକ୍ସାଇଡ୍ ଉତ୍ପାଦନ ନକରି ବିପୁଳ ପରିମାଣର ଶକ୍ତି ଉତ୍ପନ୍ନ କରିଥାଏ। ବୈଜ୍ଞାନିକମାନଙ୍କ ଅନୁସାରେ ଏହି ପ୍ରଯୁକ୍ତିବିଦ୍ୟା ଭବିଷ୍ୟତରେ ଅସୀମିତ ଶକ୍ତିର ଉତ୍ସ ପ୍ରମାଣିତ ହେବ।ବିଶାଳ ଚୁମ୍ବକ ସହିତ, ଚୀନ୍ ଗବେଷକମାନେ ଏକ ଉଚ୍ଚ-ତାପମାନ ସୁପରକଣ୍ଡକ୍ଟିଂ କେନ୍ଦ୍ରୀୟ ସୋଲେନଏଡ୍ ମୁଦ୍ରା ମଧ୍ୟ ସଫଳତାର ସହିତ ପରୀକ୍ଷଣ କରିଛନ୍ତି। ଏହାକୁ ଫ୍ୟୁଜନ୍ ରିଆକ୍ଟରର ହୃଦୟ କୁହାଯାଏ। ଏହା ଏକ କାର ଇଞ୍ଜିନରେ ସ୍ପାର୍କ ପ୍ଲଗ୍ ପରି କାର୍ଯ୍ୟ କରେ। ଏକ ଫ୍ୟୁଜନ୍ ରିଆକ୍ଟରରେ, ଏହି ଉପାଦାନ ପ୍ରତିକ୍ରିୟା ପାଇଁ ଆବଶ୍ୟକ ପ୍ଲାଜମା ଆରମ୍ଭ ଏବଂ ବଜାୟ ରଖିବାରେ ସାହାଯ୍ୟ କରେ। ଗବେଷକମାନେ କହିଛନ୍ତି ଯେ ଏହା ଏପର୍ଯ୍ୟନ୍ତ ନିର୍ମିତ ବିଶ୍ୱର ସବୁଠାରୁ ବଡ଼ ସୁପରକଣ୍ଡକ୍ଟିଂ ଫ୍ୟୁଜନ୍ ରିଆକ୍ଟର ଚୁମ୍ବକ।

ଏହାର ଆୟତନ ଅନ୍ତର୍ଜାତୀୟ ଥର୍ମୋନ୍ୟୁକ୍ଲିୟର ଏକ୍ସପେରିମେଣ୍ଟାଲ୍ ରିଆକ୍ଟର (ଆଇଟିଇଆର) ପାଇଁ ନିର୍ମିତ ସମାନ ଆକାରର ଚୁମ୍ବକ ଅପେକ୍ଷା ୧.୩ ଗୁଣା ବଡ଼। ଏହାର ସଂରକ୍ଷଣ ଶକ୍ତି ମଧ୍ୟ ତିନି ଗୁଣା ଅଧିକ। ଆଇଟିଇଆରକୁ ଏପର୍ଯ୍ୟନ୍ତ ବିଶ୍ୱର ସବୁଠାରୁ ବଡ଼ ଫ୍ୟୁଜନ୍ ପ୍ରକଳ୍ପ ବୋଲି କୁହାଯାଉଛି।

# ଯାଜପୁର ଜିଲ୍ଲାରେ ଲଗାଣ ବର୍ଷା ଓ ସମ୍ଭାବ୍ୟ ବନ୍ୟା
# ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ

ଯାଜପୁର, ୨୮।୭(ଆନିସ) : ଆଜି ପୂର୍ବାହ୍ନରେ ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ଲଗାଣ ବର୍ଷା ଓ ବୈତରଣୀ ନଦୀରେ ସମ୍ଭାବ୍ୟ ବନ୍ୟା ସ୍ଥିତିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଆଜି ରାତି ସୁଦ୍ଧା ବୈତରଣୀ ନଦୀରେ ଅଧିକ ବନ୍ୟାଜଳ ପ୍ରବାହିତ ହେବାର ସମ୍ଭାବନା ଥିବାରୁ, ବିଶେଷ କରି ଯାଜପୁର, ବିଞ୍ଝାରପୁର ଏବଂ ଦଶରଥପୁର ବ୍ଲକ୍ ଅଞ୍ଚଳ ଅଧିକ ପ୍ରଭାବିତ ହେବା ନେଇ ଆଶଙ୍କା କରାଯାଉଛି।ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ତଳିଆ ଅଂଚଳ ଓ ବନ୍ୟା ପ୍ରବଣ ଅଞ୍ଚଳର ଲୋକଙ୍କୁ ବନ୍ୟା/ବାତ୍ୟା ଆଶ୍ରୟସ୍ଥଳୀ ଓ ଅସ୍ଥାୟୀ ଆଶ୍ରୟସ୍ଥଳ ସ୍କୁଲଗୁଡ଼ିକୁ ସ୍ଥାନାନ୍ତର କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ସେଠାରେ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇବାକୁ ବିଡ଼ିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଭାବିତ ବ୍ଲକ ଗୁଡ଼ିକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବ ଏବଂ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିବରଣୀ ଜିଲ୍ଲା ଜରୁରୀକାଳୀନ ବିଭାଗକୁ ପଠାଯିବ। ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଚୁଡ଼ା, ଗୁଡ଼ ଓ ପଲିଥିନ୍ ମହଜୁଦ ରଖିବାକୁ ଜିଲ୍ଲା ଯୋଗାଣ ଅଧିକାରୀ ଓ ତହସିଲଦାରଙ୍କୁ ଦାୟିତ୍ୱ ଦିଆଯାଇଛି।ଗର୍ଭବତୀ ମହିଳାଙ୍କ ସୁରକ୍ଷା କୁ ଦୃଷ୍ଟିରେ ରଖି ଆସନ୍ନ ପ୍ରସବା ଗର୍ଭବତୀ ମହିଳାଙ୍କୁ ନିରାପଦ ସ୍ଥାନ/ଡାକ୍ତରଖାନାକୁ ସ୍ଥାନାନ୍ତର କରାଯିବ। ସମସ୍ତ ଡାକ୍ତରଖାନାରେ ସାପ କାମୁଡ଼ା ଔଷଧ, ଓଆରଏସ , ବ୍ଲିଚିଂ ପାଉଡର ଓ କ୍ଲୋରିନ୍ ଟାବଲେଟ୍ ମହଜୁଦ ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।ଓଡ୍ରାଫ ଟିମ୍ ମୁତୟନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏହାସହ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଜଳ ବିଶୁଦ୍ଧିକରଣ ଦାୟିତ୍ୱ ଦିଆଯାଇଛି।

ଗୃହପାଳିତ ପ୍ରାଣୀଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ସହ ଗୋଖାଦ୍ୟ ମହଜୁଦ ରଖିବାକୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।ସ୍କୁଲଗୁଡ଼ିକୁ ଅସ୍ଥାୟୀ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯାଉଥିବାରୁ ଡିଇଓ, ବିଇଓ, ସିଆରସିସି ଓ ପ୍ରଧାନଶିକ୍ଷକମାନେ ଉପସ୍ଥିତ ରହିବେ। ବର୍ଷା ଯୋଗୁଁ କୃଷି ଫସଲର କ୍ଷତି ସମ୍ପର୍କିତ ରିପୋର୍ଟ ପ୍ରସ୍ତୁତ କରିବାକୁ କୃଷି ଅଧିକାରୀଙ୍କୁ କୁହାଯାଇଛି।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଶିବାନନ୍ଦ ସ୍ୱାଇଁ, ଉପ-ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସମସ୍ତ ମଣ୍ଡଳ ଅଧିକାରୀ, ତହସିଲଦାର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ,ଜିଲ୍ଲା ଯୋଗାଣ ଅଧିକାରୀ , ଅଧିକ୍ଷଣ ଯନ୍ତ୍ରୀ ଜଳସମ୍ପଦ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଯାଜପୁରରେ 'ମାଇଁ ଭାରତ' ଜିଲ୍ଲା ପରାମର୍ଶଦାତା କମିଟିର ପ୍ରଥମ ବୈଠକ

ଯାଜପୁର ,୨୮୭(ଆନିସ): ଯାଜପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ 'ମାଇଁ ଭାରତ' ଜିଲ୍ଲା ପରାମର୍ଶଦାତା କମିଟି ର ପ୍ରଥମ ବୈଠକ ସୋମବାର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।ବୈଠକର ଆରମ୍ଭରେ ଜିଲ୍ଲା ଯୁବ ଅଧିକାରୀ ଶ୍ରୀ କୁମାର ଗୌରବ 'ମାଇଁ ଭାରତ' ପରିକଳ୍ପନାର ଲକ୍ଷ୍ୟ, ଦୃଷ୍ଟିକୋଣ ଏବଂ ଜିଲ୍ଲା ପରାମର୍ଶଦାତା କମିଟିର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ବ୍ୟାପକ ଉପସ୍ଥାପନା କରିଥିଲେ।




କମିଟି ବୈଠକରେ ବିଭିନ୍ନ ମୁଖ୍ୟ ବିଷୟ ଉପରେ ଆଲୋଚନା କରାଯାଇଥିଲା। ୧ ଜୁଲାଇରୁ ୧୫ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଚାଲୁଥିବା ବିଶେଷ ପଞ୍ଜୀକରଣ ଓ ସଚେତନତା ଅଭିଯାନ ପାଇଁ ଜିଲ୍ଲା ସ୍ତରୀୟ କାର୍ଯ୍ୟଖସଡ଼ା ଓ ଲକ୍ଷ୍ୟଧାର୍ଯ୍ୟ ନେଇ ଆଲୋଚନା ହୋଇଥିଲା। ଯୁବମାନଙ୍କର ଭାଗୀଦାରୀ ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମସ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ/ପ୍ରଧାନ ଶିକ୍ଷକ ଙ୍କ ସହ ଏକ ବୈଠକ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଜଣେ 'ମାଇଁ ଭାରତ ନୋଡାଲ ଅଫିସର' ଏବଂ ଜଣେ 'କ୍ୟାମ୍ପସ ଆମ୍ବାସାଡର' ନିଯୁକ୍ତ କରାଯିବ। ବୈଠକରେ 'ମାଇଁ ଭାରତ ଜିଲ୍ଲା ସମନ୍ୱୟ କମିଟି' ଗଠନ ସହିତ ବିଭିନ୍ନ ବିଭାଗରୁ ସଦସ୍ୟମାନଙ୍କ ଅନ୍ତର୍ଭୁକ୍ତି ନେଇ ଆଲୋଚନା କରାଯାଇଥିଲା। ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଶିକ୍ଷା, ପଞ୍ଚାୟତିରାଜ, ଜୀବିକା , ଏନ.ଏସ.ଏସ (), ଏନ.ସି.ସି (), କ୍ରୀଡ଼ା, ଦକ୍ଷତା ବିକାଶ ଓ ଶିଳ୍ପ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା।ଯୁବମାନଙ୍କୁ ସକ୍ରିୟ ଭାବେ ସାମିଲ କରିବା ପାଇଁ 'ନଶା ମୁକ୍ତ ଯୁବା ଫର୍? ବିକଶିତ ଭାରତ' ଅଭିଯାନ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ୮ଟି ଶ୍ରେଣୀରେ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ ନେଇ ଆଲୋଚନା ହୋଇଥିଲା। ୧୫ ରୁ ୨୯ ବର୍ଷ ବୟସର ଯୁବମାନେ ପୋର୍ଟାଲ ://.. ରେ ପଞ୍ଜୀକରଣ କରି ଏହି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ। ସେଥିପାଇଁ ନିୟମିତ ସମୀକ୍ଷା, ବିଭାଗୀୟ ଦାୟିତ୍ୱ ବଣ୍ଟନ ଓ ପ୍ରଗତି ପ୍ରତିବେଦନ ଦାଖଲ ପାଇଁ ଏକ ସୁସଂଘଟିତ ବ୍ୟବସ୍ଥା ରୂପରେଖ ତିଆରି କରାଯାଇଛି।ଏହି ବୈଠକରେ ଜିଲ୍ଲା କ୍ରୀଡା ଅଧିକାରୀ ଫକୀରମୋହନ ଟୁଡୁ, ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଦକ୍ଷତା ବିକାଶ ଅଧିକାରୀ ଶ୍ରୀ ସୁଶାନ୍ତ କୁମାର ନାୟକ, ଆଇ ପି ଓ, ୟୁଥ ମେମ୍ବରସ, ଏନଏସଏସ ଓ ଏନସିସି କର୍ମକର୍ତ୍ତା,ଭଲେଣ୍ଟି ୟ ର ମାନେ ଉପସ୍ଥିତ ରହି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ

# ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ନିଷ୍ପତ୍ତିକୁ ସ୍ୱାଗତ କଲେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ

ଫୁଲବାଣୀ,୨୮।୭:(ଆନିସ): କନ୍ଧମାଳ ଲୋକସଭା କ୍ଷେତ୍ରର ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସ୍ମୃତିରେ ଘୋଷଣା କରାଯାଇଥିବା ଐତିହାସିକ ନିଷ୍ପତ୍ତିକୁ ହୃଦୟର ସହ ସ୍ୱାଗତ କରିବା ସହ ତାଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ସାଂସଦ ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ, ଫୁଲବାଣୀ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମରେ ନାମିତ କରିବା ନିଷ୍ପତ୍ତି କନ୍ଧମାଳବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଜନଜାତି ସମାଜର ଶିକ୍ଷା, ସେବା, ସଂସ୍କୃତି ଓ ସାମାଜିକ ଜାଗରଣ କ୍ଷେତ୍ରରେ ସ୍ୱାମୀଜୀଙ୍କ ଅତୁଳନୀୟ ଅବଦାନକୁ ଏହା ଏକ ଉଚିତ ସମ୍ମାନ।ସେହିପରି ଜଲେଶପଟ୍ଟା ଆଶ୍ରମର ଐତିହ୍ୟ ସଂରକ୍ଷଣ ଓ ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ₹୧୩ କୋଟି ମଞ୍ଜୁର କରାଯିବା ପାଇଁ ମଧ୍ୟ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଏହି ଅର୍ଥରେ ୩୦୦ ଆସନ ବିଶିଷ୍ଟ ଛାତ୍ରୀ ନିବାସ, ଆଶ୍ରମର ଐତିହ୍ୟ ସଂରକ୍ଷଣ, ମେଗା ରିଭର ଲିଫ୍ଟ ଜଳଯୋଗାଣ ପ୍ରକଳ୍ପ, ଶ୍ରେଣୀଗୃହ ଓ ହଷ୍ଟେଲର ନବୀକରଣ ସହ ବିଭିନ୍ନ ମୌଳିକ ସୁବିଧାର ବିକାଶ କରାଯିବ। ସାଂସଦ ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ, ଏହି ପଦକ୍ଷେପ କେବଳ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଅମର ଐତିହ୍ୟକୁ ସଂରକ୍ଷିତ କରିବ ନୁହେଁ, ବରଂ କନ୍ଧମାଳର ଜନଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷା, ସୁରକ୍ଷା ଓ ସାମଗ୍ରିକ ବିକାଶରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ। କନ୍ଧମାଳ ଲୋକସଭା କ୍ଷେତ୍ରର ସମସ୍ତ ଜନସାଧାରଣଙ୍କ ପକ୍ଷରୁ ସାଂସଦ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଓ ଅଶେଷ ଧନ୍ୟବାଦ ଜଣାଇବା ସହ ଏହି ଐତିହାସିକ ନିଷ୍ପତ୍ତି କନ୍ଧମାଳର ବିକାଶ ଏବଂ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ସଂରକ୍ଷଣରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମତ ପ୍ରକାଶ କରିଛନ୍ତି।

# ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ଯୁଗ୍ମ ସମ୍ପାଦକ ହେଲେ ସତ୍ୟରଞ୍ଜନ

ଜଟଣୀ, ୨୮।୭ (ଆନିସ): ସ୍ଥାନିୟ ଖୋର୍ଦ୍ଧାରୋଡ ରେଳମଣ୍ଡଳ ଠାରେ ଅବସ୍ଥିତ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟ ଠାରେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ନବ ନିର୍ବାଚିତ ଅତିରିକ୍ତ ଯୁଗ୍ମ ସାଧାରଣ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ସେ ତାଙ୍କ ପଦ ଓ ଗୋପନିୟତା ର ଶପଥ ନେବା ସହିତ ସଂଘଠନ କୁ ଆଗକୁ ବଢେଇବାକୁ ସବୁ ପ୍ରକାର ପ୍ରୟାସ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଆଜି ବୁଧୁବାର ଶାଖା ସମ୍ପାଦକ ଏଲ ଡି ମହାନ୍ତିଙ୍କ ସଂଯୋଜନାରେ ଏକ ସଭା ଆୟୋଜନ କରାଯାଇଥିଲା ସଭାପତି ହାଜି ମୁସ୍ତାକ ଅଲ୍ଲୀ ସଭାପତିତ୍ୱ କରିଥିଲେ ଜେନେରାଲ ସେକ୍ରେଟାରୀ ରମେଶ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ, ସହ ସଂଯୋଜକ ନିରଞ୍ଜନ ମିଶ୍ର କେନ୍ଦ୍ରୀୟ ପଦାଧିକାରୀ ପ୍ରମୋଦ ସାହାଣୀ , ଏମ ଜି କେ ରାଓ , ସୁବ୍ରତ ପଣ୍ଡା, ଅକ୍ଷୟ ପ୍ରଧାନ, ଶରତ ପଣ୍ଡା , ମହେନ୍ଦ୍ର ମହାନ୍ତି , ଭିଏସକେ ପ୍ରସାଦ ଅନ୍ୟାନ୍ୟ ଅତିଥିଭାବେ ଯୋଗଦେଇଥିଲେ ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ପି ରାଜା ରାଓ, ସୁନୀଲ ପରିଡା , ରାକେଶ ଘଡେଇ , ତନ୍ମୟ ମହାପାତ୍ର,
ସମେତ ବହୁ କ୍ୟାଡର ଉପସ୍ଥିତ ଥିଲେ ।

# ହୁତ୍ ହୁତ୍ ହୋଇ ଜଳିଲା ବିଜୁଳି ଖୁଣ୍ଟି ନିଆଁ ଝୁଲ ପଡି ଯୁବକ ଗୁରୁତର

ପୁରୀ, ୨୮।୭ (ଆନିସ): ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଚାଲିଥିବା ବେଳେ ଗୁଣ୍ଡିଚା ମନ୍ଦିର ପଛ ପଟେ ଅଳ୍ପ ଦୁରତାରେ, ନବକଳେବର ରୋଡରେ ଥିବା ଏକ ଖୁଣ୍ଟରେ ନିଆଁ ଲାଗି ଖୁଣ୍ଟରେ ଥିବା କେବୁଲୁ ହୁତୁ-ହୁତୁ ହୋଇ ଜଳିବା ଏଂ ଏହି ରାସ୍ତା ରେ ଯାଉଥିବା ଜଣେ ଯୁବକ ଉପରେ ନିଆଁ ପଡି ଅଧ ଘଣ୍ଟାଏ ଛଟପଟ ହୋଇ, ଗୁରତର ଅବସ୍ଥା ରେ ଡାକ୍ତରଖାନା ଭିତରେ ଭର୍ତ୍ତି ହେବା,ଏଂ ଅଗ୍ନିଶମ ବିଭାଗ ଖବର ପାଇବାର ଅଧ ଘଣ୍ଟାଏ ପରେ ପହଁଚିବା, ପୁରୀ ଜିଲ୍ଲା ପ୍ରଶାସନ ର ରଥଯାତ୍ରା ରେ ଏତେ ଅବହେଳା, ତେବେ ସାଧାରଣ ଦିନରେ ପୁରୀ ଜଗନ୍ନାଥ ଧାମବାସୀ, ଭକ୍ତ, ଟୁରିଷ୍ଟି ସବୁ କେତେ ଘୋର ଅସୁବିଧାର ସମ୍ମୁଖୀନ ହେଉ ନ ଥିବେ, ସାଧାରଣ ରେ ଚର୍ଚ୍ଚା ହେଉଛି ରଥ ସମୟରେ ଯଦି ଏପରି ଅବସ୍ଥା ହେଉଛି, ତେବେ ଏ ସରକାର ଏଂ ପ୍ରଶାସନ ମୁଖିଆ ମାନେ କରୁଛନ୍ତି କଣ

# ରାଇକିଆରେ ଇକାର୍ଡ଼ା ଅନୁଷ୍ଠାନ ଦ୍ୱାରା ଦକ୍ଷତା ବିକାଶ ଓ ହରଡ଼ ବିହନ ବଣ୍ଟନ

ରାଇକିଆ: ୨୮।୭ (ଆନିସ): ଡାଲି ଜାତୀୟ ଫସଲରେ ସମୃଦ୍ଧ ହେବ କନ୍ଧମାଳ ଜିଲ୍ଲା, ବିଲୁପ୍ତ ପ୍ରାୟ ଫସଲର ହେବ ପୁନରୁଦ୍ଧାର, ସଘନ କୃଷି ପ୍ରଣାଳୀରେ ଅନୁପ୍ରାଣିତ ହେବେ କନ୍ଧମାଳ ଜିଲ୍ଲା କୃଷକ ସମୂହ । ଏହି କ୍ରମରେ ଆଜି ରାଇକିଆ ବ୍ଲକ ଅନ୍ତର୍ଗତ କାଣ୍ଡାବାଡ଼ା ଠାରେ ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ଆନ୍ତର୍ଜାତୀୟ ଶୁଷ୍କାଞ୍ଚଳ କୃଷି ଗବେଷଣା କେନ୍ଦ୍ର (ଇକାର୍ଡ଼ା)ର ମିଳିତ ଆନୁକୂଲ୍ୟରେ ହରଡ଼ ବିହନ ବଣ୍ଟନ ସହିତ ହରଡ଼ ଚାଷ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ପ୍ରଧାନ ବିହନ ବଣ୍ଟନର ଶୁଭାରମ୍ଭ କରିଥିବାବେଳେ ବ୍ଲକ କୃଷି ଅଧିକାରୀ ସଚିନ୍ଦ୍ର ସେଠୀ, ଗ୍ରାମ୍ୟ କୃଷି ଅଧିକାରୀ ଦୀପକ କୁମାର ନାୟକ ପ୍ରଶିକ୍ଷଣ ଦେଇଥିଲେ । ଇକାର୍ଡ଼ା ଅନୁଷ୍ଠାନର ଜିଲ୍ଲା ସଂଯୋଜକ ଜ୍ଞାନ ପ୍ରକାଶ ବାରିକ ସରକାରଙ୍କ ଏହି ପ୍ରକଳ୍ପ ସମ୍ପର୍କରେ ବିଶଦଭାବେ ଆଲୋଚନା କରିଥିଲେ । ବ୍ଲକ ସଂଯୋଜକ ଅମୂଲ୍ୟ ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ପ୍ରସନ୍ନ କୁମାର ନାୟକ ଧନ୍ୟବାଦ ଦେଇଥିଲେ । ଶେଷରେ ୪୦ ଜଣ ଅଗ୍ରଣୀ କୃଷକଙ୍କୁ ଅଧିକ ଅମଳକ୍ଷମ ପ୍ରାମାଣିକୃତ ହରଡ଼ ବିହନ ବଣ୍ଟନ କରାଯାଇଥିଲା । ଇକାର୍ଡ଼ା ଅନୁଷ୍ଠାନର ଏହି ଅଭିନବ ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଅଗଷ୍ଟ ୧ରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି

ଫୁଲବାଣୀ, ୨୮।୭ (ଆନିସ): କନ୍ଧମାଳ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୦୧.୦୮.୨୦୨୫ (ଶନିବାର) ଦିନ ଫୁଲବାଣୀସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଦଭାବନା ସଭାଗୃହଠାରେ ଏକସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହେବାକୁ ଯାଉଛି।

ଏହି ଶିବିର ଅପରାହ୍ନ ୩:୩୦ ମିନିଟ୍‌ରୁ ସନ୍ଧ୍ୟା ୫:୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ଏହି ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ କନ୍ଧମାଳର ସାଂସଦ ଏବଂ ବିଧାୟକ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହିବେ। ଏହା ସହିତ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ଜିଲ୍ଲାର ସମସ୍ତ ବିଭାଗୀୟ ମୁଖ୍ୟ ତଥା ପଦାଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗର ସିଧାସଳଖ ଶୁଣାଣି କରିବେ।

ଜିଲ୍ଲାର ସମସ୍ତ ସାଧାରଣ ନାଗରିକ ଓ ଜନସାଧାରଣଙ୍କୁ ନିଜ ନିଜର ବ୍ୟକ୍ତିଗତ ତଥା ସାମୂହିକ ଅଭିଯୋଗ ଓ ସମସ୍ୟାଗୁଡ଼ିକୁ ଏହି ସ୍ୱତନ୍ତ୍ର ଶିବିରରେ ଉପସ୍ଥାପନ କରି ଏହାର ସମାଧାନ ପାଇଁ ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇ ଥିବା ନେଇ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ସଂସ୍କୃତି ଅଧିକାରୀ ନଳିନୀ କାନ୍ତ ସାହୁ କହିଛନ୍ତି

# ରାଇରଙ୍ଗପୁର ମାଟିର ମହକ ମେଧାବୀ ଛାତ୍ର ଏକକାଳୀନ ନିଟ୍, ଆଇଜର , ଜେଇମ୍ୟାନରେ ଉତ୍ତୀର୍ଣ୍ଣ

## ରାଇରଙ୍ଗପୁର ସଚେତନ ନାଗରିକ ସଂଘ ତରଫରୁ ସମ୍ବର୍ଦ୍ଧନା

ରାଇରଙ୍ଗପୁର, ୨୮।୭ (ଆନିସ): ନପାଳ,ସାନବାପା ସୁରଥ ଲିଭାଇଛି। ସେମାନଙ୍କ ପାଖରେ



ରାଇରଙ୍ଗପୁର ପୌରାଞ୍ଚଳ ଅନ୍ତର୍ଗତ ଇଚିଣ୍ଡା ଗ୍ରାମର ଅନନ୍ତ ପଟ୍ଟନାୟକ ଏବଂ ତାରିଣୀ ପଟନାୟକଙ୍କ ସୁପୁତ୍ର ତଥା ମେଧାବୀ ଛାତ୍ର ସଂସ୍କାର ପଟନାୟକ ଚଳିତ ବର୍ଷ ୨୦୨୬ ରେ ଏକକାଳିନ ନିଟ୍, ଆଇଜର, ଜେଇମେନ୍ ପରୀକ୍ଷା ରେ ଏକକାଳୀନ ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଞ୍ଚଳର ଗୌରବ ଆଣିବାରେ ସଫଳ ହୋଇପାରିଛନ୍ତି ।ତେବେ ନିଟ୍ ରେ ୭୨୦ ମାର୍କରୁ ୫୭୭ ନମ୍ବର ରଖିଛନ୍ତି । ସଂସ୍କାର ଯୋଡ଼ା ର ଡିଏଭି ସ୍କୁଲରେ ଦ୍ୱାଦଶ ପରୀକ୍ଷାରେ ୯୫.୪ ମାର୍କ ରଖି କୃତିତ୍ୱ ଅର୍ଜନ କରିଛନ୍ତି । ସଂସ୍କାରର ପିତା ଜଣେ ସାଧାରଣ ପରିବାରର ଲୋକ । ଯୋଡ଼ାରେ ଏ ଟେଣ୍ଟ ୍ୟବସାୟ କରନ୍ତି । ମାତା ଜଣେ ସୁଗୃହିଣୀ । ବଡବାପା ପ୍ରଦୀପ ପଟ୍ଟନାୟକ ଜଣେ ଅବସରପ୍ରାପ୍ତ ପଟନାୟକ ଜଣେ ସମାଜସେବୀ, ପ୍ରାବନ୍ଧିକ, ସୁସଂଗଠକ,ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ସୁରଥ ପଟନାୟକ ଏବେ ମୟୂରଭଂଜ ଜିଲ୍ଲାର ଶିଶୁ ସୁରକ୍ଷା ସମିତିର କାର୍ଯ୍ୟରତ ସଦସ୍ୟ ଏବଂ ସାନବାପା ଚିତ୍ତରଞ୍ଜନ ପଟନାୟକ ଜଣେ ଯୁବ ସମାଜସେବୀ ଅଟନ୍ତି । ପୁତ୍ର କଠିନ ପରିଶ୍ରମ କରି ସଂସ୍କାର ବିନା କୋଚିଂ ରେ ସଫଳତା ପାଇଛନ୍ତି ।ସେ ମଧ୍ୟ ଜଣେ ଭଲ ଖେଳାଳି ଅଟନ୍ତି। ଏହାର ମଧ୍ୟରେ ସଂସ୍କାର ମେଡିକାଲ ପଢ଼ିବେ ଓ ଗରିବ ଲୋକଙ୍କୁ ସେବା କରିବି ବୋଲି କହୁ କହୁ ସେ ଭାବ ବିହ୍ୱଳ ହୋଇ ଗଲେ । କିନ୍ତୁ ଆଦିବାସୀ ଅଧ୍ୟୁଷିତ ମୟୂରଭଂଜ ଜିଲ୍ଲା ଓ କେନ୍ଦୁଝର ଜିଲ୍ଲାର ପାଣି,ପବନ ଖାଇ ବଢ଼ିଛି । ଆଦିବାସୀ ମାନଙ୍କ ବଞ୍ଚିବାର ଜୀବନ ଶୈଳୀ ପାଖରୁ ଅଙ୍ଗେ ସ୍ୱାସ୍ଥ୍ୟ ସେବା ଅପହଞ୍ଚ । ସେମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଦେବାପାଇଁ ମେଡିକାଲ ପଢିବି ବୋଲି କହିଥିଲେ । ରାଇରଙ୍ଗପୁର ସଚେତନ ନାଗରିକ ତରଫରୁ ପିସିଏମ କଲ୍ୟାଣ ମଣ୍ଡପ ପରିସରରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା ।ଏଥିରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନବୀନ ରାମ,ଯୋଗେନ୍ଦ୍ର ବେହୁରା,ଶିବୁ ଅଗ୍ରୱାଲା,ମିଥିଳା ଟୁଡୁ,ଗଣମାଧ୍ୟମ ପ୍ରତିନିଧି ଅକ୍ଷୟ ବିଶ୍ୱାଳ,ସୁଜିତ ପଟନାୟକ,ଅନଶନ ମହାନ୍ତ, ତୁଷାରକାନ୍ତ ମହାନ୍ତ, ପ୍ରଦୀପ ମହାନ୍ତ, ମେଘନାଦ ହେମ୍ବ୍ରମ, ନିରଜ ସାହୁ, ପରେଶ ଚନ୍ଦ୍ର ଷଡ଼ଙ୍ଗୀ, ଜିତୁ ଷଡ଼ଙ୍ଗୀ,ବିକାଶ ଶର୍ମା, ଶ୍ୟାମଳେନ୍ଦୁ ପରିଡ଼ା ଉତ୍ତମ ରାମ ପ୍ରମୁଖ ଉପସ୍ଥିତ ରହି ସଂସ୍କାର ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ଭ୍ୟ ସମ୍ବର୍ଦ୍ଧନା କରିବା ସହ ଉତ୍ତୋରତର କାମନା କରିଥିଲେ ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ରସଗୋଲା ବଣ୍ଟନ

ପୁରୀ ୨୮/୭ (ଆନିସ): ମହାପ୍ରଭୁଙ୍କ ପବିତ୍ର ନୀଳାଦ୍ରି ବିଜେ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ପରାମର୍ଶ କ୍ରମେ ଶ୍ରଦ୍ଧାଳୁ ଙ୍କ ମଧ୍ୟରେ ରସଗୋଲା ବଣ୍ଟନ କରାଯାଇଥିଲା।ନୀଳାଦ୍ରି ବିଜେ ଦିନକୁ ମଧ୍ୟ ରସଗୋଲା ଦିବସ ଭାବେ ପାଳନ କରାଯାଇଥାଏ।ମା ଲକ୍ଷ୍ମୀ ଙ୍କୁ ରଥଯାତ୍ରା ସମୟରେ ମହାପ୍ରଭୁ ନେଇ ନ ଥିବାରୁ ମା ଲକ୍ଷ୍ମୀ ରାଗ ପ୍ରକାଶ କରି ହେରା ପଞ୍ଚମୀ ତିଥିରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥରୁ କାଠ ଭାଙ୍ଗି ଦେଇଥିଲେ।ସେହି କ୍ରୋଧ କୁ ଶାନ୍ତ କରିବା ଉଦ୍ଦେଶ୍ୟ ରେ ମହାପ୍ରଭୁ ନୀଳାଦ୍ରି ବିଜେ ତିଥିରେ ମହାଲକ୍ଷ୍ମୀଙ୍କୁ ରସଗୋଲା ଦେଇଥାନ୍ତି।ଏହି ଦିବସ ର ତାତ୍ପର୍ଯ୍ୟ କୁ ନେଇ ଜିଲ୍ଲା ପ୍ରଶାସନ ପ୍ରାୟ ୫୦ କିଲୋଗ୍ରାମ ରସଗୋଲା ଶ୍ରୀମନ୍ଦିର ନିକଟରେ ବଣ୍ଟନ କରିଥିଲା।ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ସହଯୋଗ କରିଥିଲେ।ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ଜେନା ଙ୍କ ନେତୃତ୍ୱରେ ଏହି ରସଗୋଲା ବଣ୍ଟନ କରାଯାଇଥିଲା।ଏହି ପଦକ୍ଷେପ ପାଇଁ ଶ୍ରଦ୍ଧାଳୁ ମାନେ ଖୁସି ବ୍ୟକ୍ତ କରିବା ସହ ଏକ ଭଲ ପରମ୍ପରା ସୃଷ୍ଟି କରିଥିବାରୁ ପ୍ରଶାସନ କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲିସ ଦୁର୍ବ୍ୟବହାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ, ୨୮/୦୭ (ଆନିସ): ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କଭରେଜ୍ ସମୟରେ ପୁଣିଥରେ ସାମ୍ନାକୁ ଆସିଛି ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କ ସହ ପୋଲିସ ଦୁର୍ବ୍ୟବହାରର ଅଭିଯୋଗ। ପୁରୀରେ ଇଣ୍ଡିଆନ୍ ଏରା ନ୍ୟୁଜପେପରର ଜିଲ୍ଲା ସାମ୍ବାଦିକ ଭାବେ କାର୍ଯ୍ୟରତ ଅଂଶୁମାନ ଶତପଥୀ ଅଭିଯୋଗ କରିଛନ୍ତି ଯେ, ରଥଯାତ୍ରା ଡ୍ୟୁଟି ସାରି ଫେରୁଥିବା ବେଳେ ପ୍ରେସ୍ ପାସ୍, ପରିଚୟପତ୍ର ଓ ଅନୁମତିପତ୍ର ଦେଖାଇବା ସତ୍ତ୍ୱେ ତାଙ୍କୁ ଅଟକାଇ ଅପମାନିତ କରାଯିବା ସହ ଶାରୀରିକ ଆକ୍ରମଣ କରାଯାଇଥିଲା। ଘଟଣାରେ ସେ ଆହତ ହୋଇ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି। ଅଂଶୁମାନ ଶତପଥୀଙ୍କ କହିବା ଅନୁଯାୟୀ, ସେ ଅଠରନଳା ପଟରୁ ନିଜ ଘର ବଳଗଣ୍ଡିକୁ ଫେରୁଥିବା ବେଳେ ମେଡିକାଲ ଛକ ନିକଟରେ ପୋଲିସ ତାଙ୍କୁ ଅଟକାଇଥିଲା। ତାଙ୍କ ଗାଡ଼ିରେ ପୁରୀ ଏସ୍.ପି.ଙ୍କ ପକ୍ଷରୁ ଜାରି କରାଯାଇଥିବା ଗୋଲ ପାସ୍ ଲାଗିଥିଲା। ଏହା ସହ ସେ ନିଜ ପ୍ରେସ୍ ଆଇଡି କାର୍ଡ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ପାସ୍ ମଧ୍ୟ ଦେଖାଇଥିଲେ। ତଥାପି ତାଙ୍କୁ ଯିବାକୁ ଅନୁମତି ଦିଆଯାଇନଥିଲା।

ଅଭିଯୋଗ ଅନୁସାରେ, କର୍ତ୍ତବ୍ୟରେ ଥିବା ଜଣେ ୩ ଷ୍ଟାର ବିଶିଷ୍ଟ ପୋଲିସ କର୍ମଚାରୀ ତାଙ୍କୁ ନକଲି ସାମ୍ବାଦିକ ବୋଲି ସମ୍ବୋଧନ ସହ ଆକ୍ଷେପ କରିଥିଲେ। କେବଳ ସେତିକି ନୁହେଁ, ସେ ୩ ଷ୍ଟାର ବିଶିଷ୍ଟ ପୋଲିସ ଜଣକ ତାଙ୍କ ପ୍ରେସ୍ ଆଇଡି କାର୍ଡକୁ ଫିଙ୍ଗି ଦେବା ସହ ପାସ୍ ଓ ପ୍ରେସ୍ ପାସ୍‌କୁ ଚିରି ଫୋପାଡ଼ି ଦେଇଥିବା ସେ ଅଭିଯୋଗ କରିଛନ୍ତି। ଏହି ଘଟଣାର ଭିଡିଓ ରେକର୍ଡ କରିବାକୁ ସେ ମୋବାଇଲ ବାହାର କରିବା ସମୟରେ ତାଙ୍କ ହାତରୁ ମୋବାଇଲ ଛଡ଼ାଇ ନେଇ ଫୋପାଡ଼ି ଦିଆଯାଇଥିଲା, ଯାହାଫଳରେ ଗୋଟିଏ ମୋବାଇଲ କ୍ଷତିଗ୍ରସ୍ତ ହୋଇଥିବା ସେ ଦାବି କରିଛନ୍ତି। ସାମ୍ବାଦିକ ଙ୍କ ଗାଡି ଚାବି, ତାଙ୍କ ଆଇଡି କାର୍ଡ, ଓ ତାଙ୍କ ମୋବାଇଲ କୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି।

ଅଂଶୁମାନ ଶତପଥୀଙ୍କ କହିବା ଅନୁଯାୟୀ, ଘଟଣା ଏତିକିରେ ସୀମିତ ରହିନଥିଲା। ପରେ ତାଙ୍କ କଲର ଧରି ରାସ୍ତା ମଝିକୁ ଟାଣି ନିଆଯାଇ ଆଉଟପୋଷ୍ଟକୁ ଯିବାକୁ କୁହାଯାଇଥିଲା। ସେ ଯିବାକୁ ମନା କରିବା ପରେ ତିନିଜଣ ସୁରକ୍ଷାକର୍ମୀ ତାଙ୍କ ଦୁଇ ହାତକୁ ଧରି ଜବରଦସ୍ତି ଆଉଟପୋଷ୍ଟକୁ ନେଇଥିବା ସେ ଅଭିଯୋଗ କରିଛନ୍ତି। ସେଠାରେ ବସିବାକୁ କୁହାଯାଇଥିଲେ ମଧ୍ୟ ସେ ମନା କରିବାରୁ ଜଣେ ସୁରକ୍ଷାକର୍ମୀ ତାଙ୍କୁ ଚାପୁଡ଼ା ମାରିଥିବା ଓ ସେ ଏକ ଖୁଣ୍ଟରେ ବାଡ଼େଇ ହୋଇ ଆହତ ହୋଇଥିବା ଦାବି କରିଛନ୍ତି।

ଏହାପରେ କୁମ୍ଭାରପଡ଼ା ଥାନାର ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ଓ ଫୋନ ମାଧ୍ୟମରେ ସିଟି ଡିଏସପି ତାଙ୍କ ସହ ଆଲୋଚନା କରିଥିବା ଅଂଶୁମାନ କହିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଘଟଣାକୁ ଆପୋଷ ସମାଧାନ କରିବା ପାଇଁ ତାଙ୍କୁ ବାରମ୍ବାର କୁହାଯାଇଥିଲା। ତେବେ ମାଡ଼ ଖାଇବା ଓ କଲର ଧରି ରାସ୍ତା ମଝିରେ ସହ ସହ ଲୋକଙ୍କ ସାମ୍ନା ରେ ଅପରାଧୀ ଭଳି ଟାଣି ଟାଣି ନେବା ପରେ ଆପୋଷ ସମାଧାନ ସମ୍ଭବ ନୁହେଁ ବୋଲି ଅଂଶୁମାନ ସ୍ପଷ୍ଟ କରିଥିଲେ। ଆହତ ଅବସ୍ଥାରେ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଏକ୍ସ-ରେ ଓ ସିଟି ସ୍କାନ କରାଯାଇଥିବା ବେଳେ ହାଡ଼ ଭାଙ୍ଗି ନଥିଲେ ମଧ୍ୟ ଲିଗାମେଣ୍ଟରେ ଗଭୀର ଆଘାତ ଲାଗିଥିବା ଓ ମୁଣ୍ଡରେ ମଧ୍ୟ ଆଘାତ ଥିବା ଡାକ୍ତର କହିଥିବା ସେ ସୂଚନା ଦେଇଛନ୍ତି। ସୁସ୍ଥ ହେବା ପାଇଁ ସମୟ ଲାଗିବ ବୋଲି ଡାକ୍ତର ତାଙ୍କୁ ପରାମର୍ଶ ଦେଇଥିଲେ ।ଅଂଶୁମାନ ଶତପଥୀ କହିଛନ୍ତି ଯେ, ଜଣେ କାର୍ଯ୍ୟରତ ସାମ୍ବାଦିକ ଯଦି ନିଜ ପରିଚୟପତ୍ର ଓ ବୈଧ ପାସ୍ ଥିବା ସତ୍ତ୍ୱେ ଏଭଳି ବ୍ୟବହାରର ସମ୍ମୁଖୀନ ହୁଅନ୍ତି, ତେବେ ସାଧାରଣ ନାଗରିକଙ୍କ ସୁରକ୍ଷାକୁ ନେଇ ମଧ୍ୟ ପ୍ରଶ୍ନ ଉଠିବା ସ୍ୱାଭାବିକ। ସେ ଏହି ଘଟଣାର ନିରପେକ୍ଷ ତଦନ୍ତ, ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଆଇନାନୁଗ କାର୍ଯ୍ୟାନୁଷ୍ଠାନ ଓ ଦୋଷୀଙ୍କୁ ନିଲମ୍ବନ କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନହେଲେ ସେ ପୁରୀ ଏସ୍.ପି. କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ମଧ୍ୟ କହିଛନ୍ତି।ଏହି ଘଟଣା ପରେ ପ୍ରେସ୍ ସ୍ୱାଧୀନତା, କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ଓ ଆଇନ ପ୍ରୟୋଗକାରୀ ସଂସ୍ଥାଙ୍କ ଆଚରଣକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।।

# ରଥଯାତ୍ରାରେ ନିୟୋଜିତ ଅଧିକାରୀ ମାନଙ୍କୁ ସମ୍ବର୍ଦ୍ଧନା

ପୁରୀ ୨୮/୭ (ଆନିସ): ଚଳିତ ରଥଯାତ୍ରା ଶୃଙ୍ଖଳାର ସହ ସମାପନ ହୋଇ ଥିବାରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।ଏହି ଅବସରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ରଥଯାତ୍ରା ଦାୟିତ୍ୱ ନିର୍ବାହ ପାଇଁ ଆସିଥିବା ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ଅନ୍ୟାନ୍ୟ ଜିଲ୍ଲା ରୁ ଆସିଥିବା ପ୍ରଶାସନିକ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ପରିଡା ମହାପ୍ରଭୁଙ୍କ ଶୁଖିଲା ଭୋଗ ଦେଇ ସମ୍ବର୍ଦ୍ଧିତ କରିଥିଲେ।ରଥଯାତ୍ରା ଭଳି ଏକ ବିପୁଳ ଜନ ଗହଳି ପୂର୍ଣ୍ଣ କାର୍ଯ୍ୟକ୍ରମ ରେ ପ୍ରଶାସନିକ ଅଧିକାରୀ ବା ମାଜିଷ୍ଟ୍ରେଟ ମାନଙ୍କ ର ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ।ସେମାନେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ କୁ ମହାପ୍ରଭୁଙ୍କ ପ୍ରତି ସେବା ଭାବି କାର୍ଯ୍ୟ କରିଛନ୍ତି।ତେଣୁ ସେମାନ ଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ଜିଲ୍ଲାପାଳ ଶ୍ରୀ ପରିଡା।ଜିଲ୍ଲା ଏସ ପି ପ୍ରତୀକ ସିଂ,ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା ପରସ୍ପର ସମନ୍ୱୟ ଓ ସମନ୍ବିତ ଉଦ୍ୟମ ଦ୍ୱାରା ମହାପ୍ରଭୁଙ୍କ କାର୍ଯ୍ୟ ସୁରୁଖୁରୁରେ ସମ୍ପର୍ଣ୍ଣ ହୋଇଛି ବୋଲି କହିବା ସହ ସମସ୍ତ ଅଧିକାରୀ ଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ସମସ୍ତ ଙ୍କୁ ସ୍ୱାଗତ କରିବା ସହ ଶେଷ ରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ରେ ଜିଲ୍ଲାର ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଙ୍କ ସହ ବିଭିନ୍ନ ବିଭାଗ ରୁ ଆସିଥିବା ବରିଷ୍ଠ ପ୍ରଶାସନିକ ଅଧିକାରୀ,ବିଭିନ୍ନ ଜିଲ୍ଲା ରୁ ଆସିଥିବା ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇ ରଥଯାତ୍ରା ପରିଚାଳନା ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ।

## ମାଟି ଚୋରା ଚାଲାଣ ବେଳେ ମାଡ଼ି ବସିଲା ଖଣି ବିଭାଗ

# ତିନି ମାଟି ବୋଝେଇ ଟ୍ରାକ୍ଟର ଜବତ, ଜେସିବି ଫେରାର





ପାତ୍ରପୁର, ୨୮।୭ (ଆନିସ): ଦିନ ଦ୍ୱିପ୍ରହରରେ ବେଧଡ଼କ ଭାବେ ମାଟି ଚୋରା ଚାଲାଣ ହେଉଥିବା ଖବର ପାଇ ଚଢ଼ାଉ କରିଛି ଖଣି ବିଭାଗ। ଚିକିଟୀ ଖଣି ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇ ତିନୋଟି ମାଟି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ପରେ ଜରଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର ଗୁଡ଼ିକୁ ଜରଡ଼ା ଥାନାକୁ ନେଇ ଅଟକ ରଖିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ପାତ୍ରପୁର ତହସିଲ ଅନ୍ତର୍ଗତ କେଲୁଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନ ନାରାୟଣପୁର ପାହାଡ଼ ନିକଟରୁ ଜେସିବି ମେସିନ ଯୋଗେ ମାଟି ଉତ୍ତୋଳନ କରାଯାଇ କେଲୁଆ ବଗି ନଦୀ ନିକଟସ୍ଥ ଏକ ବିଲରେ ଟ୍ରାକ୍ଟର ଯୋଗେ ମାଟି ଚୋରା ଚାଲାଣ କରାଯାଉଥିବା ଖବର ମିଳିଥିଲା।

ଖବର ପାଇ ଚିକିଟୀ ଖଣି ବିଭାଗର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଧିକାରୀଙ୍କ ଚଢ଼ାଉ ସମ୍ପର୍କରେ ଜାଣି ଜେସିବି ମେସିନଟି ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ମାଟି ବୋଝେଇ ତିନୋଟି ଟ୍ରାକ୍ଟରକୁ ଖଣି ବିଭାଗ ଜବତ କରିବିରେ ସଫଳ ହୋଇଥିଲେ। ତେବେ ଟ୍ରାକ୍ଟର ଜବତକୁ ନେଇ ଘଟଣାସ୍ଥଳରେ କିଛି ସ୍ଥାନୀୟ ଲୋକେ ପହଞ୍ଚି ହୋହାଲ୍ଲା କରିଥିବା ଜଣାପଡ଼ିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଖଣି ବିଭାଗ ପକ୍ଷରୁ ତୁରନ୍ତ ଜରଡ଼ା ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତିନୋଟି ଟ୍ରାକ୍ଟରକୁ ଜବତ କରି ଜରଡ଼ା ଥାନାରେ ଅଟକ ରଖିଛି।

ଅନ୍ୟପକ୍ଷରେ, ମାଟି ଚୋରା ଚାଲାଣ ଅଭିଯୋଗରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ନେଇ ଖଣି ବିଭାଗ ପକ୍ଷରୁ ସୂଚନା ମିଳିଛି।

ପାତ୍ରପୁର ତହସିଲ ଅଞ୍ଚଳରେ ମାଟି, ମୋରମ, ପଥର ଓ ବାଲିର ବେଆଇନ ଉତ୍ତୋଳନ ଏବଂ ଚାଲାଣ ନେଇ ବାରମ୍ବାର ଅଭିଯୋଗ ହେଉଥିବାରୁ ଏହି ଘଟଣା ପରେ ଖଣି ବିଭାଗର ଆଗାମୀ ପଦକ୍ଷେପ ଉପରେ ସ୍ଥାନୀୟ ଲୋକଙ୍କ ନଜର ରହିଛି।

## ହରଚଣ୍ଡି ମନ୍ଦିରକୁ ସଂଯୋଗ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



ପୋଲସରା, ୨୮।୭ (ଆନିସ): ପୋଲସରା ବ୍ଲକ ଅନ୍ତର୍ଗତ ସୋଡକ ପଞ୍ଚାୟତ ଶରଧାପୁର ଗାଁ ଠାରୁ ପାଖାପାଖି ୪ କିଲୋମିଟର ଦୂରରେ ଅବସ୍ଥିତ ମାଁ ହରଚଣ୍ଡି ମନ୍ଦିରରେ ପୂଜା ପାଉଥିବା ମାଁ ବନ ଦେବୀଙ୍କ ଦର୍ଶନ ହେବ ଏବେ ଆସାନ୍। ହରଚଣ୍ଡି ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା ଅତି ସଙ୍କଟାପନ୍ନ ଥିବା ବେଳେ ଅଞ୍ଚଳର ଲୋକମାନେ ମାଁ ବନ ଦେବୀଙ୍କ ଦର୍ଶନ ବହୁ ଅସୁବିଧାର ସମ୍ମୁଖୀନ ହୋଇ କରୁଥିଲେ।ଯାହାକୁ ନେଇ ପୋଲସରା ଅଞ୍ଚଳର ଗ୍ରାମ୍ୟ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ ଓ ଗତିଶୀଳ କରିବା ପାଇଁ ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ ଯୋଜନା ଅନ୍ତର୍ଗତ ସୋଡକ ପଞ୍ଚାୟତର ଶରଧାପୁର ଗାଁ ଠାରୁ ହରଚଣ୍ଡି ମନ୍ଦିରକୁ ସଂଯୋଗ କରୁଥିବା ୪:୨୦୦ କିଲୋମିଟର ରାସ୍ତାର ଉନ୍ନତିକରଣ ସକାଶେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଓଡିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କ୍ଷୁଦ୍ର ଓ ଅତି କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଶରଧାପୁର ଠାରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।ମନ୍ତ୍ରୀ କହିଥିଲେ ଯେ, ଉନ୍ନତ ରାସ୍ତା ଗ୍ରାମାଞ୍ଚଳର ବିକାଶର ମୂଳ ଆଧାର ଏହାଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସରକାରୀ ସେବାର ସୁବିଧା ମଧ୍ୟ ଲୋକଙ୍କ ନିକଟରେ ପହଞ୍ଚିପାରିବ।ଏବଂ ମାଁ ହରଚଣ୍ଡି ଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ବିଶେଷ ଭାବରେ ଉପକୃତ ହେବେ। ଏହି ପ୍ରକଳ୍ପ ଦ୍ୱାରା ସୋଡକ ଓ କେନ୍ଦୁବାଡି ପଞ୍ଚାୟତର ଯାତାୟାତ ବ୍ୟବସ୍ଥାରେ ଉନ୍ନତି ଆସିବା ସହ ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ନୂଆ ଗତି ମିଳିବ ବୋଲି ଆଶା ପ୍ରକାଶ ପାଇଛି। ଏହି ଅବସରରେ ସ୍ଥାନୀୟ ଜନପ୍ରତିନିଧି,ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କ ସମେତ ବହୁ ସଂଖ୍ୟକ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ରାଜ୍ୟ ବିଜେପି ସଭାପତିଙ୍କ ସହ ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ବହୁବିଧ ସମସ୍ୟା ସମୀକ୍ଷା ଆଲୋଚନା ଓ ପର୍ଯ୍ୟାଲୋଚନା



ଗଞ୍ଜାମ,୨୮।୭ (ଆନିସ): ରମ୍ଭା ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ବହୁବିଧ ସମସ୍ୟା ବିଷୟରେ ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କୁ ଲିଖିତ ଅବଗତ କରାଇଲେ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା। ସେଗୁଡିକ ହେଲା ୨୦୧୮ ମସିହା ଠାରୁ ବନ୍ଦ ରହିଥିବା ଲିଜ ଏଗ୍ରିମେଣ୍ଟ ମତ୍ସ୍ୟ ସୈରାତ, ପୂର୍ବ ସରକାରରେ ଫିସଫେଡ଼ ଅଫିସର ଓ ମତ୍ସ୍ୟ ବିଭାଗ ଅଧିକାରୀଙ୍କ ମିଳିତ ଜାଣିଶୁଣି ହଇରାଣ କରି ଚିଙ୍ଗୁଡ଼ି ଘେରି ଦଲାଲାଙ୍କୁ ମତ୍ସ୍ୟଉତ୍ସ ବା ସୈରାତକୁ ବେନିୟମ ଚିଙ୍ଗୁଡ଼ି ଘେରି କରିବାକୁ ସୁବିଧା ଦେଉଥିଲେ ଫଳରେ ସରକାରଙ୍କ ତହବିଲ କୋଟି କୋଟି ଟଙ୍କା ରେଭିନ୍ୟୁକୁ ଯାଇପାରୁ ନଥିଲା ଲିଜିଧାରୀ ପାରମ୍ପରିକ ମତ୍ସ୍ୟଜୀବୀଙ୍କୁ ଲିଜି ଏଗ୍ରିମେଣ୍ଟରୁ ବଞ୍ଚିତ କାରାଯାଇ ହଇରାଣ ହରକତ କରୁଥିଲେ ତେଣୁ ଅତିଶୀଘ୍ର ୫ବର୍ଷିଆ ଲିଜ ଏଗ୍ରିମେଣ୍ଟ ପ୍ରଚଳନ ପାଇଁ ଅଭିଯୋଗ ପୂର୍ଣ୍ଣ ଆପତ୍ତି ଜଣାଇଥିଲେ। ସାହେବ କେନାଲ ଋଷିକୂଲ୍ୟା ଓ ସାତପଡା ପୁରୀ ରାମ ଭରତୀୟା ମୁହାଣ ଖନନ ଓ ଅବରୋଧ ହଟାଇବା, ପଙ୍କ ଉଦ୍ଧାର, ସରୁ ମଶାରୀ ଜାଲ ପ୍ରଚଳନ ବନ୍ଦ, ଚିଲିକା ଭିତରେ ମାଟି ମଶାରୀ ଜାଲ ଘେରି ବନ୍ଧ ଉଚ୍ଛେଦ, ୧୧୬୫ବର୍ଗ କିଲୋମିଟର ୪ ଲକ୍ଷରୁ ଉର୍ଦ୍ଧ ମତ୍ସ୍ୟଜୀବୀ ୧୪୭ ଖଣ୍ଡ ଗ୍ରାମ ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ସୁରକ୍ଷା ଦେଲେ ୭୦ ଭାଗ ଆଉ ଦାଦନ ଯିବେନାହିଁ, ୪୭୦୦୦ ଏକର ମତ୍ସ୍ୟ ଉତ୍ସ ସୁରକ୍ଷିତ ଯାହା ମାଛ ମରା ଉପକରଣ ଖନ୍ଦା, ତାଟ, ଜାଣ, ଉଠାପାଣି, ଡିଆଁଓ ଗଭୀର ଚିଲିକା ବାହାଣୀ ପ୍ରଭୃତି ପୁନର୍ଜୀବିତ, ଜବରଦଖଲ ମାଫିଆ ଅଣ ମତ୍ସ୍ୟଜୀବୀଙ୍କୁ ହଟାଇବା ଦ୍ୱାରା କୋଟି କୋଟି ଟଙ୍କା ସରକାର ତହବିଲ କୁ ଯାଇପାରିବ। ସରକାରଙ୍କ ମତ୍ସ୍ୟଜୀବୀ ଉନ୍ନୟନ ଯୋଜନା ଗୁଡିକ ସ୍ୱତନ୍ତ୍ର ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀ ପୋର୍ଟାଲ ଗଠନ କରି ଉପଯୁକ୍ତ ହିତାଧିକାରୀ ଙ୍କୁ ଚୟନ କରିବା, ପ୍ରତ୍ୟେକ ମତ୍ସ୍ୟଜୀବୀ ଗ୍ରାମ ଚିଲିକା କୂଳେ ଜେଟି ନିର୍ମାଣ କରିବା, ମତ୍ସ୍ୟଜୀବୀ ପିଲାଙ୍କୁ ୩ ବର୍ଷ ହେଲା ମେଧାବୀ ଷ୍ଟାଇପେଣ୍ଡ ଟଙ୍କା ନମିଳିବା, ରମ୍ଭା ପର୍ଯ୍ୟଟନ ବିଭାଗରେ ଓ ଜେଟି ନିର୍ମାଣ ପାଇଁ ସ୍ଥାନୀୟ ମତ୍ସ୍ୟଜୀବୀ ପିଲାଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ପ୍ରଦାନ କରିବା, ଚିଲିକା କୂଳେ କୂଳେ ମେଘା ପ୍ରୋଜେକ୍ଟ ବନାଇବା,ଦିଘା ଠାରୁ ଗୋପାଳପୁର ଚିଲିକା ସମୁଦ୍ର କୂଳେ କୂଳେ ପକ୍କା ରାସ୍ତା ସମେତ ଜହ୍ନିକୁଦା, ସାତପଡା ବ୍ରିଜ ନିର୍ମାଣ (ମତ୍ସ୍ୟଜୀବୀଙ୍କ ମତାମତ ଦ୍ୱାରା ), ବାଲୁଗାଁ ଜୀବ ପ୍ରଯୁତି ବିଭାଗ ଅଫିସରେ ଅନିୟମିତତା ତଦାରଖ କରିବା ପ୍ରମୁଖ ମୌଳିକ ସମସ୍ୟା ସମାଧାନ କରିବା ବିଷୟ ଆଲୋଚନା କରାଯାଇଥିଲା। ମତ୍ସ୍ୟଜୀବୀଙ୍କ ସମସ୍ୟା ସମାଧାନ ଅବହେଳା ହେଲେ ଆଇନ ହାତକୁ ନେବାକୁ ବାଧ୍ୟ ହେବେ ଓ ଠିକଣା ସମୟରେ ୪ ଲକ୍ଷରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ଜବାବ ଦେବେବୋଲି ଉଲେଖ କରିଥିଲେ।

## ପିପୁଲ୍ଲ କଲେଜରେ ନୂତନ ଅଧକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ବୁଗୁଡ଼ା,୨୮।୭ (ଆନିସ): ସ୍ଥାନୀୟ ପିପୁଲ୍ଲ କଲେଜରେ ନୂତନ ଅଧକ୍ଷ ଶ୍ରୀ ଭଗବାନ ଶତପଥୀଙ୍କୁ ଆନୁଷ୍ଠାନିକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ସମ୍ମିଳନୀ କକ୍ଷ ଠାରେ ଏକ ସ୍ୱାଗତ ସଭା ଅନୁଷ୍ଠିତ ହୋଇଯାଇଛି।ଏହି ସ୍ୱାଗତ ସଭାରେ କଲେଜର ସମସ୍ତ ଅଧାପକ, ଅଧାପିକା ଏବଂ କର୍ମଚାରୀବୃନ୍ଦ ଉପସ୍ଥିତ ରହି ନୂତନ ଅଧକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କର ସଫଳ କାର୍ଯ୍ୟକାଳ ପାଇଁ ଆନ୍ତରିକ ଶୁଭେଚ୍ଛା ଓ ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ।ନିଜର ଅଭିଭାଷଣରେ ନବନିଯୁକ୍ତ ଅଧକ୍ଷ ଶ୍ରୀ ଭଗବାନ ଶତପଥୀ କହିଥିଲେ ଯେ, କୌଣସି ବି ଅନୁଷ୍ଠାନର ପ୍ରଗତି ଓ ସଫଳତା ସାମୂହିକ ଉତ୍ତରଦାୟିତ୍ୱ, ପାରସ୍ପରିକ ସହଯୋଗ ଏବଂ ଦଳଗତ ମନୋଭାବମଉପରେ ନିର୍ଭର କରେ। କଲେଜକୁ ଶିକ୍ଷା ଓ ଶୃଙ୍ଖଳା କ୍ଷେତ୍ରରେ ଆହୁରି ଉଚ୍ଚତାକୁ ନେବା ପାଇଁ ସେ କଲେଜ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ନିଷ୍ଠା, ସମର୍ପଣ ଓ ପାରସ୍ପରିକ ସମ୍ମାନର ସହ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।ଏହି ଅବସରରେ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଯିବା ସହ ଏକତା, ନିଷ୍ଠା ଓ ଶ୍ରେଷ୍ଠତା ମାଧ୍ୟମରେ କଲେଜକୁ ଏକ ଶକ୍ତିଶାଳୀ ଓ ଆଦର୍ଶ ଅନୁଷ୍ଠାନ ଭାବେ ଗଢ଼ିତୋଳିବା ପାଇଁ ସଂକଳ୍ପ ନିଆଯାଇଥିଲା।

## ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା



ପୋଲସରା,୨୮।୭ (ଆନିସ): ପୋଲସରା ସହରର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଆଜି ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଦେବାଶିଷ ସ୍ବାଇଁ ଯୋଗଦାନ ପୂର୍ବକ ଉଦଘାଟନ କରି ଶିଶୁ ମାନଙ୍କୁ ବିଜ୍ଞାନର ଜୟଯାତ୍ରା ବିଷୟରେ ଶିଶୁଙ୍କୁ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟ ସଂପାଦକ ଦୁର୍ଗାପ୍ରସାଦ ମହାପାତ୍ର ଓ ଉପସଭାପତି ପ୍ରମୁଖ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଦାଶରଥି ସ୍ବାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଆଚାର୍ଯ୍ୟ ମନୋଜ କୁମାର ପାଣିଗ୍ରାହୀ ବିଜ୍ଞାନ ମେଳା ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟ ବ୍ରଜ ମୋହନ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ଶିଶୁ ମାନଙ୍କ ମଧ୍ୟରୁ ୧ମ ୨ୟ ଓ ୩ୟ ଶ୍ରେଣୀରେ ମୋଟ ୫୦ ଜଣ ଓ ଶିଶୁ ବର୍ଗ,ବାଲବର୍ଗ ଓ କିଶୋର ବର୍ଗରେ ୬୦ ଜଣଶିଶୁ ବିଜ୍ଞାନ ପ୍ରକଳ୍ପ , ବିଜ୍ଞାନ ପତ୍ରବାଚନ, ବିଜ୍ଞାନ ପ୍ରୟୋଗ,ଗଣିତ ପ୍ରୟୋଗ,ଗଣିତ ପତ୍ରବାଚନ, ବିଜ୍ଞାନ କଥାକଥନ,ମୂର୍ତ୍ତି କଳା ଏବଂ ଆଶୁଭାଷଣ ଇତ୍ୟାଦି ପ୍ରତିଯୋଗିତା ପ୍ରଦର୍ଶନରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଆଚାର୍ଯ୍ୟ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## କାଶୀନଗର ଏନଏସିର ସାଧାରଣ ବୈଠକ



କାଶୀନଗର, ୨୮।୭ (ଆନିସ): ଗଜପତି ଜିଲ୍ଲାର ଏକ ମାତ୍ର ଏନଏସି କାଶୀନଗରର ଆଜି ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ପୂର୍ବ ନୋଟିସ ମୁତାବକ ଏନଏସି ଅଧ୍ୟକ୍ଷା ଏମ ସୁଧା ରାଣୀଙ୍କ ଅଧକ୍ଷତା ଅନୁଷ୍ଠିତ ଏହି ବୈଠକ ରେ ପୂର୍ବତନ ଉପାଧ୍ୟକ୍ଷ ତଥା ବିଧାୟକ ଙ୍କ ପ୍ରତିନିଧି ରଘୁରାମ ସାହୁ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିବ୍ୟ ରଞ୍ଜନ ଓ ଏଇ ଶ୍ରୀ ପାଢ଼ୀ, କାଉନ ସିଲେର ଭି. ଚେଲାପତି, ସିର୍ଲା ଝାନ୍ସୀ, କେ. ଜୀବରତ୍ନ ଓମୀ ରାଜୁ ଆମା ଓ ବିଭିନ୍ନ ଲାଇନ ବିଭାଗ ର ଅଧିକାରୀ ଯୋଗ ଦେଇଥିଲେ । ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବିଷୟ ରେ ଆଲୋଚନା ହୋଇଥିଲା । ଦୁଇଦିନ ତଳେ ବିଭିନ୍ନ ଗଣ ମାଧ୍ୟମ ରେ ପ୍ରକାଶିତ ଶ୍ମଶାନ ଅଭାବ ଉପରେ ଆଜି ବୈଠକରେ ଆଲୋଚନା ହୋଇଥିଲା । ସରକାର ଏହି କାର୍ଯ୍ୟ ପାଇଁ ପ୍ରଶାସନିକ ମଞ୍ଜୁରୀ ମିଳିଥିବା ଓ ଟେଣ୍ଡର ପ୍ରକ୍ରିୟା କରିବାକୁ ପ୍ରସ୍ତାବ ପାରିତ ହୋଇଛି । ପିଇଟେଲ ରୋଡ଼ ର ବାମ କେନାଲ ରୋଡ଼ ନିମନ୍ତେ ଓସାର କରୁଥିବାରୁ ବର୍ଷା ଦିନରେ ରୋଡ଼ ଉପରେ ପାଣି ବୋହିବା ସମ୍ଭାବନା ଥିବାରୁ ବିଜେପି କାଉନ ସିଲେର ଭି. ଚେଳପତି ଅପର ପାର୍ଶ୍ୱରେ ଥିବା ପ୍ରାଇଭେଟ ଜମି କ୍ରୟ କରି କାଛ ନିଆଁ କରିବାକୁ ସେ ଦାବୀ କରିଥିଲେ । ବିଧାୟକ ପୁରୁଣା ଦୈନିକ ବଜାର ନିକଟରେ ଥିବା ଅଟୋ ଷ୍ଟାଣ୍ଡକୁ ସେମାନଙ୍କ ସହ ଆଲୋଚନା କରିବାକୁ ଆଲୋଚନା ହୋଇଛି । ଏଇ ରଜତ ପାଢ଼ୀ ସ୍ୱେଚ୍ଛାକୃତ ଅବସର ନେଉଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଏତଦ ବ୍ୟତୀତ ବିଭିନ୍ନ ବିଷୟରେ ଆଲୋଚନା କରାଯାଥିଲା । ବସ ଷ୍ଟାଣ୍ଡ ଠାରେ ପୂର୍ବତନ ସାଂସଦ ଦେଇଥିବା ପିଇବା ପାଣି ପ୍ରୋଜେକଟ ବକ୍ସୁ ଉଠାଇ ନେଇଯାଇଥିବା ବିଷୟ ନେଇ ଆଲୋଚନା ହୋଇଥିଲା ।

## ରୋଟାରୀ ଇଷ୍ଟ ତରଫରୁ ଜରା ନିବାସ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର,ପୋଷାକ ଓ ଖାଦ୍ୟ ପ୍ରଦାନ



ବ୍ରହ୍ମପୁର, ୨୮।୭ (ଆନିସ): ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟ ତରଫରୁ ବ୍ରହ୍ମପୁର ସହର ଉପକଣ୍ଠ ଆମ୍ବଗଡ ସ୍ଥିତ ଜରା ନିବାସ ଠାରେ ଆଶ୍ରୟ ନେଇଥିବା ଅନ୍ତେବାସୀଙ୍କୁ ନୂତନ ଶାଢ଼ୀ,ପଷାକ ଓ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଛି କ୍ଲବର ପୂର୍ବତନ ସଭାପତି ତଥା ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷ୍ୟକ ଡାକ୍ତର ସମ୍ବିତ୍ ବେଗରାୟ ଏବଂ ଅଧ୍ୟାପିକା ଡକ୍ଟର ସରିତା ବେଗରାୟଙ୍କ ପୁତ୍ର ଆୟୁଷ୍ମାନ ସମ୍ୟକର ଜନ୍ମ ଦିବସ ଅବସରରେ ଅସହାୟ ବଦ୍ଧା ଓ ବୃଦ୍ଧ ମାନଙ୍କୁ ନୂତନ ଶାଢୀ, ପୋଷାକ ପ୍ରଦାନ ସହ ମଧ୍ୟାହ୍ନ ଭଜନ ବ୍ୟବସ୍ଥା କରାଯାଇଥିଲା ଏହିଭଳି ବଦ୍ୟାନ କାର୍ଯ୍ୟକ୍ରମ କ୍ଲବ ସହଯୋଗରେ ଆୟୋଜନ କରାଯାଇଥିବା ପରିପ୍ରେକ୍ଷୀରେ ଅନ୍ତେବାସୀବୃନ୍ଦ ସମ୍ୟକକୁ ଆଶୀର୍ବାଦ ପ୍ରଦାନ କରି ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ କ୍ଲବର ସଭାପତି ଆଡଭୋକେଟ୍ ହୃଶିକେଷ ପ୍ରଧାନ ଓ ସମ୍ପାଦକ ଶାନ୍ତନୁ ପାତ୍ରଙ୍କ ନେତତ୍ୱରେ ପୂର୍ବତନ ସଭାପତି ଅସିତ୍ ଦତ୍ତ, ଜୟନ୍ତ କିଶୋର ପାତ୍ର, ଦୁର୍ଗା ରାଓ,ଭିକାରୀ ଚରଣ ସାହୁ ପ୍ରମୁଖ ଉକ୍ତ ମାନବ ସେବାହିଁ ମାଧବ ସେବା କାର୍ଯ୍ୟକ୍ରମରେ ସହଯୋଗ କରି ବଦ୍ଧା, ବୃଦ୍ଧ ମାନଙ୍କ ମୁଖରେ ହସ ଫୁଟାଇଥିବା ବିଷୟ କ୍ଲବର ପବ୍ଲିକ ଇମେଜ୍ ଚେୟାରମ୍ୟାନ କାମରାଜୁ ମହାରଣାଙ୍କ ସୂତ୍ରରୁ ପ୍ରକାଶ ।

## ସନ୍ଥ ଶିରୋମଣି ଶ୍ରୀ ଗୁରୁରବି ଦାସ ଙ୍କ ୬୫୦ ତମ ଜନ୍ମ ଜୟନ୍ତୀରେ ପ୍ରସ୍ତୁତି ବୈଠକ




ଗଞ୍ଜାମ,୨୮।୭ (ଆନିସ): ସୋମବାର ଦିବା ୧୧ଘଣ୍ଟା ସମୟରେ ଗଞ୍ଜାମ ଜିଲ୍ଲା ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ବ୍ରହ୍ମପୁର ଠାରେ ସନ୍ଥ ଶିରୋମଣି ଶ୍ରୀ ଗୁରୁରବି ଦାସ ଙ୍କ ୬୫୦ ତମ ଜନ୍ମ ବାର୍ଷିକୀ ସମରସ ସଂକଳ୍ପ ଅଭିଯାନ ଗଞ୍ଜାମ ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଶ୍ରୀ କିର୍ତ୍ତନ ଦସ ଙ୍କ ଅଧ୍ୟକ୍ଷତାରେ ଗଞ୍ଜାମ ଜିଲ୍ଲା କର୍ମଶାଳାରେ ମୁଖ୍ୟ ଅତିଥି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ କୁମାର ସାବତ, ସମ୍ମାନିତ ଅତିଥି ଜିଲ୍ଲା ସାଧାରଣ ସଂପାଦକ ଗୌରୀଶଙ୍କର ସାମନ୍ତରାୟ, ମଞ୍ଚାସିନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚିନ୍ମୟାନନ୍ଦ ଦାସ ମହାପାତ୍ର, ସାଧାରଣ ସଂପାଦକ ପଦ୍ମଚରଣ ସାହୁ, ରାଜ୍ୟ ଅନୁସୂଚିତ ଜାତି ଉପସଭାପତି ବନମାଳୀ ସେଠୀ ବ୍ରହ୍ମପୁର ବିଧାୟକ ପ୍ରତିନିଧି ପ୍ରଦୀପ ନାୟକ, ଗଞ୍ଜାମ ଜିଲ୍ଲା ଟୋଲି ସଦସ୍ୟ ସାଧାରଣ ସଂପାଦକ ସିଦ୍ଧାନ୍ତ ଗଙ୍ଗଦେଓ, ଗଞ୍ଜାମ ଜିଲ୍ଲା ଉପସଭାପତି ପ୍ରବୀର ପାତ୍ର, ଉପସଭାପତି ରତ୍ନଗର୍ଭା ସରସ୍ବତୀ, କର୍ପୋରେଟର ସବିତା ସାହୁ, କାର୍ଯ୍ୟକର୍ତ୍ତା ସନ୍ତସିନୀ ନାୟକ, ଭବାନୀ ରାଓ, ରବିବାରି ଦାସ, ତ୍ରିନାଥ ନାୟକ, ରାଜେନ୍ଦ୍ର ଦାସ, ସ୍ୱାଧିନ ଦାସ, ଦଣ୍ଡପାଣି ଦାସ, ସରୋଜ ଦାସ,ଦୀପକ ବେହେରା, ସୁଶାନ୍ତ ଦାସ,ମଧୁ ସେଠୀ, ସିମାଞ୍ଚଳ ଦାସ, ହେମନ୍ତ ନାୟକ, କୁନାଲ ଦାସ, କେ. ସୁନୀତା, ପ୍ରଶ୍ନ କୁମାର ନାହାକ, ସନ୍ତୋଷ ଦାସ, ପ୍ରକାଶ ଦାସ ଭାରତୀୟ ଜନତା ପାର୍ଟିର ବହୁ କାର୍ଯ୍ୟକର୍ତ୍ତା ଓ ଦିଗପହଣ୍ଡି, ଚିକିଟି, ବ୍ରହ୍ମପୁର, ଗୋପାଳପୁର, ଛତ୍ରପୁର ନିର୍ବାଚନ ମଣ୍ଡଳୀ ର ବହୁ ପଦାଧିକାରୀ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ କିଭଳି ଭାବରେ ଆସନ୍ତା ତା-୨୯ରିଖ ଗୁରୁ ପୂର୍ଣ୍ଣିମା ଠାରୁ ବାରଣାସୀରୁ କଳସରେ ମାଟି ଆସିଲା ପରେ ମଣ୍ଡଳ ଶକ୍ତି କେନ୍ଦ୍ର ବୁଥ୍? ସ୍ତରରେ ମାଟି କଳସକୁ ପୂଜା କରି ଫେବ୍ରୁଆରୀ ୨୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ । ଜିଲ୍ଲା ସାରା ସମସ୍ତ ମଣ୍ଡଳ ଓ ଶକ୍ତି କେନ୍ଦ୍ରରେ ସନ୍ଥ ଶିରୋମଣି ଶ୍ରୀ ଗୁରୁରବି ଦାସ ଙ୍କ ଫୋଟ ପୂଜା କରି ସନ୍ଥ ରବି ଦାସ ଙ୍କ ଜୀବନୀ କାହାଣୀ ଉପରେ ପ୍ରତ୍ୟେକ ମଣ୍ଡଳରେ ବୈଠକ କରି ବକ୍ତବ୍ୟ ରଖାଯାଇଥିଲା।

## ଗଜପତି ସେବା ଓ ସାଂସ୍କୃତିକ ସମିତି ପକ୍ଷରୁ ଆଧାତ୍ମିକତା ସଚେତନ କାର୍ଯ୍ୟକ୍ରମ



ବ୍ରହ୍ମପୁର, ୨୮।୭ (ଆନିସ): ସ୍ଥାନୀୟ ହନୁମାନ ବଜାର ରଘୁନାଥ ମନ୍ଦିର ପରିସରରେ ଗଜପତି ସେବା ଓ ସାଂସ୍କୃତିକ ସମିତି ପକ୍ଷରୁ ଏକ ଆଧାତ୍ମିକ ସଚେତନ କାର୍ଯ୍ୟକ୍ରମ ଭାଗବତ ଟୁଙ୍ଗୀରେ କୈବଲ୍ୟ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଧାତ୍ମିକ ସଭାରେ ଅନୁଷ୍ଠାନର ଉପଦେଷ୍ଟା ବରିଷ୍ଠ ଅଧିବକ୍ତା ଶିଶିର କୁମାର ପାଢ଼ୀ, ଆବାହକ ନୀଳାମ୍ବର ସାହୁ, ଉପସଭାପତି ରମାକାନ୍ତ ରଥ, କଳାକାର ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସମାଜରେ ଆଧାତ୍ମିକ ଓ ନୈତିକ ଭାବର ଘୋର ଅଭାବ କାଳରେ ସଂଘର ଏଭଳି କାର୍ଯ୍ୟକ୍ରମ ସର୍ବାଦୌ ପ୍ରଶଂଶାର୍ହ ବୋଲି ମତବ୍ୟକ୍ତ କରିଥିଲେ। ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ବିଧିବତ ଶୁଭ ଉଦ୍ଘାଟନ କରିବା ସହ ନୈତିକତା ଓ ଆଧାତ୍ମିକତା ଆମ ଭାରତୀୟ ମାନଙ୍କ ଅସ୍ମିତାର ପରିଚାୟକ ହେତୁ ଏଥିପ୍ରତି ଯୁବ ସମାଜ ସଚେତନ ରହିବା ନିମନ୍ତେ ଉଦବୋଧନ ଦେଇଥିଲେ। ସମ୍ପାଦକ ବି. ବିଷ୍ଣୁ କୁମାର ସୁବୁଦ୍ଧି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ୟାସ ବେଦ ପ୍ରକାଶ ଗାଙ୍ଗୁଲି ଏବଂ ସାଥୀଙ୍କ ଦ୍ୱାରା ଭାଗବତ ପାରାୟଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ସମିତିର ସହ ସମ୍ପାଦକ ପ୍ରମୋଦ କୁମାର ସାହୁ, କୋଷାଧକ୍ଷ ପି. ଦିଲ୍ଲୀପ କୁମାର ପାତ୍ର, ଟି. ନିରୁପମା, ଟି. ନିତ୍ୟା, ଇନ୍ଦିରା ସାହୁ, ଭାରତୀ ଦେବୀ ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ନମିତା ସାହୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଟାରୀ କ୍ଲବ୍ ର ୧୯ତମ ଅଧିଷ୍ଠାନ ଦିବସ



ବେଲଗୁଣ୍ଠା,୨୮।୭ (ଆନିସ): ରୋଟାରୀ କ୍ଲବ୍ ଭଂଜନଗର ର ୧୯ ତମ ଅଧିଷ୍ଠାନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବର୍ଷ ୨୦୨୭-୨୮ ର ରୋଟାରୀ ଜିଲ୍ଲା -୩୨୬୨ ର ପ୍ରାନ୍ତପାଳ ରୋଟାରିଆନ ଇନ୍ଦ୍ରଜିତ ସାହୁ ଯୋଗ ଦେଇ ଜୀବନରେ ସମୟର ମୂଲ୍ୟବୋଧକୁ ଠିକ୍ ଭାବରେ ବୁଝିବାର ଆବଶ୍ୟକ ଅଛି ବୋଲି ପ୍ରକାଶ କରିଥିଲେ। ସେହିପରି ମୁଖ୍ୟ ବକ୍ତା ରୂପେ ପୂର୍ବତନ ପ୍ରାନ୍ତପାଳ ରୋଟାରିଆନ ଯଜ୍ଞାଶିଶ ମହାପାତ୍ର ଏବଂ ସହ ପ୍ରାନ୍ତପାଳ ରୋଟରୀୟନ୍ ମୋହନ ସୁବୁଦ୍ଧି ଯୋଗଦାନ କରି କ୍ଲବର ଜନହିତକର କାର୍ଯ୍ୟଧାରାକୁ ଭୂୟଷି ପ୍ରଶଂସା କରିବା ସହିତ ସ୍ୱକୀୟ ମତ ଉପସ୍ଥାପନ କରିଥିଲେ। କ୍ଲବର ସାମାଜିକ କାର୍ଯ୍ୟକୁ ଚାଲୁ ରଖିବା ଉଦ୍ଦେଶ୍ୟରେ ସହ ପ୍ରାନ୍ତପାଳ ମୋହନ ସୁବୁଦ୍ଧି ୧୫୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଅବସରରେ ରୋଟାରୀ କ୍ଲବ୍ ର ୨୦୨୬-୨୭ ର ସଭାପତି ଭାବେ ରୋଟାରୀଆନ୍ କେ ସଞ୍ଜୀବ କୁମାର ଚୌଧୁରୀ,ସମ୍ପାଦକ ରୂପେ ରୋଟାରୀଆନ୍ ଶୁଶାନ୍ତ କୁମାର ବେହେରା ଦାୟିତ୍ୱ ଗ୍ରହଣ କରିବା ସହ ଶପଥ ପାଠ କରିଥିଲେ। ନୂତନ ସଦସ୍ୟ ଭାବେ ପ୍ରଶାନ୍ତ କୁମାର ରାଜୁଙ୍କୁ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଇନର୍ ହ୍ୱିଲ ସଦସ୍ୟା ଲୀନା ସାହୁ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ରୋଟାରୀଆନ୍ ଶ୍ରୀରାମ ପ୍ରସାଦ ପାଳ ସ୍ୱାଗତ ଭାଷଣ ପ୍ରଦାନ କରି ଉପସ୍ଥିତ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ରୋଟାରୀଆନ ଦିବ୍ୟ ରଞ୍ଜନ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ୨୦୨୫-୨୬ ବର୍ଷର ରୋଟାରୀ କ୍ଲବ୍ ସଭାପତି ରଞ୍ଜିତ କୁମାର ବାରିକ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ତାଙ୍କୁ ସହଯୋଗ କରିଥିବା କିଛି ରୋଟାରୀଆନ୍ ବନ୍ଧୁଙ୍କୁ ଉପହାର ଦେଇ ସମ୍ମାନିତ କରିଥିଲେ। ଅଧିଷ୍ଠାନ ଉତ୍ସବରେ ଫୁଲବାଣୀ, ନୟାଗଡ଼ ଓ ଧଉଳି ଭୁବନେଶ୍ୱର ରୋଟାରୀ କ୍ଲବ୍ ର ସଦସ୍ୟ ମାନେ ଯୋଗଦାନ କରି ସଭାର ଗାରିମା ବୃଦ୍ଧି କରିଥିଲେ। ଏହି ପରିପ୍ରେକ୍ଷୀରେ ଆତ୍ମ ନିର୍ଭର ଶିଳ ହେବା ପାଇଁ ଦୁଇ ଜଣ ମହିଳା ଙ୍କୁ ରୋଟରିଆନ ରବୀନ୍ଦ୍ର କୁମାର ପାଣିଗ୍ରାହୀ ସିଲାଇ ମେସିନ ପ୍ରଦାନ କରିଥଲେ

ସେହି ପରି ଭଂଜନଗର ଇନରହ୍ୱିଲ କ୍ଲବ୍ ର ଦ୍ୱିତୀୟ ଅଧିଷ୍ଠାନ ଦିବସ ମଧ୍ୟ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ସେଣ୍ଟଜାଭିୟର ହାଇସ୍କୁଲ୍ ର ଅଧକ୍ଷା ସୁନନ୍ଦିନି ସାହୁ ସାହୁ ଯୋଗ ଦେଇ କ୍ଲବ୍ ସଦସ୍ୟା ମାନଙ୍କ ଶୃଙ୍ଖଳାକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ୨୦୨୬-୨୭ ବର୍ଷ ପାଇଁ କ୍ଲବ୍ ର ସଭାପତି ରୂପେ କେ ରୂପାରାଣୀ ଚୌଧୁରୀ ଏବଂ ସମ୍ପାଦିକା ରୂପେ କୁମାରୀ ଆରତୀ ବେହେରା ଦାୟିତ୍ୱ ଗ୍ରହଣ କରିଥିଲେ। କ୍ଲବ୍ ସଦସ୍ୟା ସ୍ମରଣିକା ପାଢ଼ୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ରୋଟାରୀ କ୍ଲବ୍ ସମ୍ପାଦକ ସୁଶାନ୍ତ କୁମାର ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।

## ପିପୁଲ୍ଲ କଲେଜରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ପାଠ୍ୟଚକ୍ର ଆଲୋଚନା




ବୁଗୁଡ଼ା, ୨୮।୭ (ଆନିସ): ସ୍ଥାନୀୟ ପିପୁଲ୍ଲ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକ ପାଠ୍ୟଚକ୍ର ଅନୁଷ୍ଠିତ ହୋଇଯାଇଛି।ଉକ୍ତ କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ଭଗବାନ ଶତପଥୀ ଏଥିରେ ଅଧକ୍ଷତା କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍?ଘାଟନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଅକ୍ଷୟ କୁମାର ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଭାଗୀୟ ଅଧାପକ ପବିତ୍ର ଖଣ୍ଡୁଆଳ ପାଠ୍ୟଚକ୍ରର ଆଲୋଚ୍ୟ ଶୀର୍ଷକ ଉପସ୍ଥାପନ କରିଥିଲେ।ଏହି ଆଲୋଚନାର ମୁଖ୍ୟ ବିଷୟବସ୍ତୁ ଥିଲା ଏକବିଂଶ ଶତାବ୍ଦୀରେ ରାଜନୀତି ବିଜ୍ଞାନ: ପ୍ରାସଙ୍ଗିକତା, ଆହ୍ୱାନ ଓ ଭବିଷ୍ୟତ ସମ୍ଭାବନା।ଏହି କାର୍ଯ୍ୟକ୍ରମରେ କେନ୍ଦୁପଦର ସ୍ଥିତ ବୃନ୍ଦାବନଚନ୍ଦ୍ର ମହାବିଦ୍ୟାଳୟର ଅଧକ୍ଷ ଅମର ପ୍ରସାଦ ବିଷୋୟୀ ମୁଖ୍ୟ ଅତିଥି ତଥା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। କଲେଜର ଉପାଧକ୍ଷ ହରେକୃଷ୍ଣ ନାୟକ ସାମ୍ପ୍ରତିକ ସମୟରେ ରାଜନୀତି ବିଜ୍ଞାନର ଗୁରୁତ୍ୱ ଓ ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ବିଭାଗୀୟ ଅଧାପକ ଲୋକନାଥ ବେହେରା କୃତ୍ରିମ ବୁଦ୍ଧିମତା କିପରି ରାଜନୀତି ବିଜ୍ଞାନକୁ ପ୍ରଭାବିତ କରୁଛି ସେ ସମ୍ପର୍କରେ ନିଜର ଯୁକ୍ତି ଉପସ୍ଥାପନ କରିଥିଲେ।ବିଭାଗର ଛାତ୍ରଛାତ୍ରୀ ସୋମିତ ପରିଡ଼ା, ଶ୍ରଦ୍ଧାଞ୍ଜଳି ବେହେରା ଓ ଦିପ୍ତିମୟୀ ଡାକୁଆ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ। ସନ୍ଦର୍ଭ ପାଠ ପରେ ସାମ୍ପ୍ରତିକ ବିଷୟବସ୍ତୁକୁ ନେଇ ଏକ ମୁକ୍ତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।ଯେଉଁଥିରେ ଛାତ୍ରଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଦ୍ୱିତୀୟ ବର୍ଷର ଛାତ୍ରୀ ପୁଷ୍ପିତ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# ଭାରତୀୟ ସଂସ୍କୃତିରେ ଗୁରୁ ପୂର୍ଣ୍ଣିମା

ଭାରତୀୟ ସଂସ୍କୃତି ଓ ତାର ଦର୍ଶନ ଏବଂ ସାହିତ୍ୟ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଲାଭ କରିଛି। ଏହି ସଂସ୍କୃତି ବୈଦିକ ଗୁରୁକୂଳ ଆଶ୍ରମ ଠାରୁ ଆରମ୍ଭ କରି ପ୍ରତିଟି କ୍ଷେତ୍ରରେ ପୂଜ୍ୟପୂଜା ଏହାର ମୂଳ ଉଦ୍ଦେଶ୍ୟ । ଏଣୁ ଏହାକୁ ଦେବ ସଂସ୍କୃତି ବୋଲି ମଧ୍ୟ କୁହାଯାଏ। ଦେବ ଶବ୍ଦର ତାତ୍ତ୍ୱିକ ଅର୍ଥ ହେଉଛି ଦେବା ବା ପ୍ରଦାନ କରିବା। ଏହି ତଥ୍ୟକୁ ଆଧାର କରି, ଏ ସଂସ୍କୃତି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡକୁ ଜ୍ଞାନ ପ୍ରଦାନ କରି ଚାଲିଛି। ଜ୍ଞାନର ମୂଳପିଣ୍ଡ ହେଉଛି ବେଦ ଓ ତାର ଆଧାତ୍ମିକ ତତ୍ତ୍ୱ। ତେଣୁ ଶାସ୍ତ୍ରରେ ବର୍ଣ୍ଣିତ ରହିଛି ସା ବିଦ୍ୟା ଯା ବିମୁକ୍ତୟେ ଏବଂ ଜ୍ଞାନେନ ମୁକ୍ତିଃ। ଏହି ଶ୍ରେଷ୍ଠ ଜ୍ଞାନର ଜ୍ଞାତାମାନେ ଥିଲେ ଆମ ପ୍ରାତଃ ସ୍ମରଣୀୟ ଗୁରୁବୃନ୍ଦ। ସେହି ଗୁରୁମାନଙ୍କ ଜ୍ଞାନକୁ ପାଥେୟ କରି ଦିନେ ଭାରତ ବିଶ୍ୱଗୁରୁ ହେବାର ଗୌରବ ଅର୍ଜନ କରିଥିଲା। ଏଣୁ ସେହି ଦିବ୍ୟ ପୁଣ୍ୟାତ୍ମାମାନଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଷାଢ଼ ମାସ ପୂର୍ଣ୍ଣିମା ତିଥିରେ ଗୁରୁ ପୂଜନ ଉତ୍ସବ ପାଳନ କରାଯାଏ।



ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବର ବିଶେଷତ୍ୱ ହେଉଛି ଯେ, ଏହି ଦିନ ମହର୍ଷି କୃଷ୍ଣ ଦ୍ୱାପାୟନ ବ୍ୟାସ ଜନ୍ମ ଗ୍ରହଣ କରିଥିଲେ। ସେ ହେଉଛନ୍ତି ଶ୍ରୀବିଷ୍ଣୁଙ୍କ ଜ୍ଞାନାବତାର ବୋଲି ଶାସ୍ତ୍ରରେ କୁହାଯାଇଛି:

ବ୍ୟାସାୟ ବିଷ୍ଣୁ ରୂପାୟ ବ୍ୟାସ ରୂପାୟ ବିଷ୍ଣବେ
ନମୋ ବୈବ୍ରହ୍ମ ନିଧୟେ ବଶିଷ୍ଠାୟ ନମୋନମଃ।
ଅଚ୍ୟୁତର୍ବଦ ବ୍ରହ୍ମା ଦ୍ୱିର୍ବାହାରୁ ପରେ ହରିଃ
ଆଭାଲ ଲୋଚଚନଃ ଶମ୍ଭୁ ଭଗବାନ ବାଦରାୟାଣଃ ।।

ଏହି ଜ୍ଞାନାବତାରଙ୍କ ପାବନ ଦିବସକୁ ଶିଷ୍ୟମାନେ କିପରି ପାଳନ କରିବେ ବୋଲି ବ୍ୟାସଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତର ଦେବାକୁ ଯାଇ ବ୍ୟାସ କହିଥିଲେ ଯେ, ଉକ୍ତ ଦିବସକୁ ଭବିଷ୍ୟତରେ ଗୁରୁ ପୂଜନ ଉତ୍ସବ ରୂପେ ଏପରି ପାଳନ କରିବ:

'ମମ ଜନ୍ମଦିନେ ସମ୍ୟକ୍ ପୂଜନୀୟଃ ପ୍ରୟତ୍ନତଃ ।
ଆଷାଢ଼ ଶୁକ୍ଳ ପକ୍ଷେତ୍ର ପୂର୍ଣମା ଗୁରୌ ତଥା ।
ପୂଜନୀୟୋ ବିଶେଷଣ ବସ୍ତ୍ରାଭରଣବେନୂରଃ,
କୃତେ ତ୍ୟା ବିପ୍ରେ ମମ ସ୍ୱରୂପସ୍ୟ ଦର୍ଶନମ୍ ।

ଅର୍ଥାତ୍ – ଆଷାଢ଼ ଶୁକ୍ଳ ପୂର୍ଣମା ହେଉଛି ମୋର ଜନ୍ମ ଦିବସ । ଏହି ଦିନ ଉତ୍ତମ ଭାବରେ ପୂଜନୀୟ ଗୁରୁମାନଙ୍କୁ ପ୍ରୟତ୍ନର ସହିତ ସୁନ୍ଦର ବସ୍ତ୍ର, ଆଭୂଷଣ, ଫଳ , ପୁଷ୍ପ, ରତ୍ନ ଓ ସ୍ୱର୍ଣ୍ଣ ମୁଦ୍ରା ଆଦି ସମର୍ପିତ କରି ପୂଜା ଅର୍ଚ୍ଚନା କରିବ। ଏପରି କରିବା ଦ୍ୱାରା ଗୁରୁଦେବଙ୍କ ମଧ୍ୟରେ ମୋର ହିଁ ସ୍ୱରୂପକୁ ଦର୍ଶନ କରି ପାରିବ।

ମହର୍ଷି ବ୍ୟାସଦେବ ଋଷି ପରାଶରଙ୍କ ଔରସ ଏବଂ ମତ୍ସ୍ୟଗନ୍ଧା (ସତ୍ୟବତୀ)ଙ୍କ ଗର୍ଭରୁ ଆଷାଢ଼ ମାସ ପୂର୍ଣ୍ଣିମା ଦିନ ଗଙ୍ଗାନଦୀ ଗର୍ଭସ୍ଥ କୃଷ୍ଣଦ୍ୱୀପରେ ଜନ୍ମଗ୍ରହଣ କରିଥିଲେ। ସେ କୃଷ୍ଣଦ୍ୱୀପରେ ଜନ୍ମଗ୍ରହଣ କରିଥିବା କାରଣରୁ ମହର୍ଷିଙ୍କୁ କୃଷ୍ଣଦ୍ୱୈପାୟନ କୁହାଯାଏ। ସେପରି ବ୍ୟାସଦେବଙ୍କ ଅନେକ ନାମ ରହିଛି ଯଥା:– ବେଦମାନଙ୍କ ସଂଗ୍ରହ ଓ ବିଭାଗ କରିଥିବାରୁ ବେଦବ୍ୟାସ , ଅବିବାହିତା ସତ୍ୟବତୀଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିବାରୁ କାନୀନ, ମହାଭାରତର ପ୍ରଣେତା ହେତୁ ସତ୍ୟଭାରତ ଏଂ ପରାଶରଙ୍କ ପୁତ୍ର ଯୋଗୁଁ ପାରାଶର୍ଯ୍ୟ । ସେ ବେଦାନ୍ତ, ଉପନିଷଦ, ବ୍ରହ୍ମସୂତ୍ର, ଗୀତା, ଶ୍ରୀମଭ ।ଗବତ ମହାପୁରାଣ ଓ ଅଷ୍ଟାଦଶ ପୁରାଣାଦିର ରଚୟିତା ଏଂ ବେଦର ବିଭାଜନକାରୀ ଥିଲେ। ଏଣୁ ମହର୍ଷିଙ୍କୁ ହିନ୍ଦୁ ସମ୍ପ୍ରଦାୟରେ ଶ୍ରେଷ୍ଠ ଗୁରୁଙ୍କ ସ୍ଥାନ ପ୍ରଦାନ କରାଯାଇଛି ଏବଂ ହିନ୍ଦୁ ପୁରାଣର ବର୍ଣ୍ଣନା ଅନୁଯାୟୀ, ସନାତନ ଧର୍ମର ଆଦିଗୁରୁ ହେଉଛନ୍ତି ସ୍ୱୟଂ ଶିବ। ସେ ପ୍ରଥମେ 'ଦକ୍ଷିଣମୂର୍ତ୍ତି' ହୋଇ ସପ୍ତର୍ଷିମାନଙ୍କୁ ବ୍ରହ୍ମଜ୍ଞାନ ଓ ଯୋଗଜ୍ଞାନ ପ୍ରଦାନ କରିଥିଲେ। ଆଷାଢ଼ ମାସ ପୂର୍ଣ୍ଣିମା ତିଥି ହେଉଛି ଆଦିଗୁରୁଙ୍କ ପୂର୍ଣ୍ଣଜ୍ଞାନ ପ୍ରଦାନର ଦିବସ।

ସନାତନ ଶାସ୍ତ୍ର ମତରେ ଗୁରୁ କୌଣସି ଶରୀର ନୁହଁନ୍ତି, ଗୁରୁ ହେଉଛନ୍ତି ଏକ ସତ୍ତା ଓ ଅନୁଭବ । ଏହାକୁ ବ୍ୟକ୍ତ କରିବାକୁ ଯାଇ , କବି ହେମନ୍ତ କୁମାର ଗନ୍ତାୟତ ଲେଖିଛନ୍ତି :–

ଅରୂପ ଅବ୍ୟକ୍ତ ନାହିଁ ଆଦି ଅନ୍ତ ସତ୍ୟ ଶିବ ସନାତନ
ଚିନ୍ମୟ ସ୍ୱରୂପ ଦିବ୍ୟ ଜ୍ୟୋତିରୂପ ଅନୁଭବେ ବିଦ୍ୟମାନ ।।

ସେପରି ଗୁରୁ ଗୀତାରେ କୁହାଯାଇଛି ଯେ, ଯିଏ ଗୁଣରୁ ମୁକ୍ତ ସେ ହେଉଛନ୍ତି ଗୁରୁ ଏବଂ ଗୁ ଓ ରୁ ର ମଧ ବ୍ୟାଖ୍ୟା କରାଯାଇଛି:–

ଗୁକାର ଶ୍ଚାନ୍ଧକରସ୍ତୁ ରୁକାରସ୍ତନ୍ନିରୋଧାକୃତ୍ ।
ଅନ୍ଧକାର ବିନାଶିତ୍ୱାତ୍ ଗୁରୁରିତ୍ୟଭିଧୀୟତେ।।

ଗୁକାର ଅନ୍ଧକାର ଏବଂ ତାହାକୁ ଦୂରକରେ ରୁ କାର। ଯେ ଏହି ଅଜ୍ଞାନ ରୂପୀ ଅନ୍ଧକାରକୁ ବିନଷ୍ଟ କରିପାରନ୍ତି ତାହାଙ୍କୁ ଗୁରୁ ବୋଲି କୁହାଯାଏ। ଗୁରୁ କଦାପି ଜଣେ ସାଧାରଣ ବ୍ୟକ୍ତି ନୁହଁନ୍ତି। ଗୁରୁ ଅର୍ଥରେ ସେ ମହାମହିମ। ଏଣୁ ଯଥାର୍ଥରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ସହିତ ତୁଳନା କରାଯାଇଛି। ଉକ୍ତ ଉକ୍ତିକୁ ପ୍ରତିପାଦିତ କରିବାକୁ ଯାଇ ପୁଣି କବି କହିଛନ୍ତି :–

ଅଜ୍ଞାନ ତିମିର କରନ୍ତି ଯେ ଦୂର ସଂସାର ସାଗରେ ରହି
ନୁହନ୍ତି ସେ ନର ସାକ୍ଷାତ ଠାକୁର ବ୍ରହ୍ମା ବିଷ୍ଣୁ ରୁଦ୍ର ସେହି।

ଗୁରୁ ବିରାଟ ଏବଂ ମହାନ ବ୍ୟକ୍ତିତ୍ୱକୁ ମଧ ବୁଝାଇଥାଏ । ମନୁଷ୍ୟ ନିଜର ଆପ୍ରାଣ ଚେଷ୍ଟା ମାଧ୍ୟମରେ ଯାହା ସମ୍ଭବ କରିପାରେନା , ତାହା ଗୁରୁକୃପା ଦ୍ୱାରାରେ ହିଁ ଅଚିରେ ଉପଲବ୍ଧ ହେଇଥାଏ।

ପ୍ରାଚୀନ କାଳରେ ମୁନି ଓ ଋଷିମାନେ ଆଷାଢ଼ ମାସ ପୂର୍ଣ୍ଣିମା ତିଥିଠାରୁ ଚତୁର୍ମାସ୍ୟା ବ୍ରତ ପାଳନ କରିବା ସହ ଆତ୍ମ ସାକ୍ଷାତକାର କରିବା ନିମିତ୍ତ ନିଜ ନିଜ ଗୁରୁଙ୍କର ସେବାରେ ନିମଗ୍ନ ରହୁଥିଲେ। ଆତ୍ମ ସାକ୍ଷାତକାର କରିବା ପାଇଁ ଗୁରୁଙ୍କର ସହାୟତା ଅତ୍ୟନ୍ତ ଆବଶ୍ୟକ। ତେଣୁ ଭବସିନ୍ଧୁରୁ ପାର ହେବା ଲାଗି ଆତ୍ମଦର୍ଶୀ ସଦଗୁରୁଙ୍କ କୃପାଭିକ୍ଷା ନିତ୍ୟାନ୍ତ ପ୍ରୟୋଜନ। ସେ ହିଁ ଏ ଭବସିନ୍ଧୁର ନାବିକ। ଅତଃ ତାଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିବା ବିଦେହ। ଏହାକୁ ଦୃଷ୍ଟିରେ ରଖି ସନାତନ ଧର୍ମର ସମସ୍ତ ସମ୍ପ୍ରଦାୟ ଶିଷ୍ୟମାନେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳନ କରନ୍ତି । ସୂର୍ଯ୍ୟଙ୍କର ଦକ୍ଷିଣାୟନ ଯାତ୍ରାର ପ୍ରଥମ ପୂର୍ଣ୍ଣିମା ତିଥିକୁ ଭାରତ, ନେପାଳ ଓ ଭୁଟାନ ଆଦି ଦେଶର ଲୋକେ 'ଗୁରୁପୂର୍ଣ୍ଣିମା' ବା 'ବ୍ୟାସପୂର୍ଣ୍ଣିମା' ଭାବରେ ପାଳନ କରିଥାନ୍ତି।ଗୁରୁମାନେ ହିଁ ଆମ ଜୀବନର ମାର୍ଗଦର୍ଶକ ଓ ସୁନିୟନ୍ତ୍ରକ। ସେମାନଙ୍କ ଠାରୁ ପ୍ରାପ୍ତ କରିଥିବା ଶିକ୍ଷା, ଦୀକ୍ଷା ତଥା ତାଙ୍କ ଆଦର୍ଶ ସବୁକିଛି ଶିଷ୍ୟମାନଙ୍କ ଜୀବନରେ ପ୍ରତିଫଳିତ ହୋଇଥାଏ। ବ୍ୟାସଦେବ ତାଙ୍କ ସୃଷ୍ଟି ମାଧ୍ୟମରେ ଯୁଗଯୁଗ ପାଇଁ ଏ' ମାନବ ଜାତିକୁ ମହାନ ଶିକ୍ଷା ଦେଇ ଯାଇଛନ୍ତି। ଆମ ଜୀବନର ପ୍ରତିଟି କ୍ଷେତ୍ରରେ ଏହା ବର୍ତ୍ତମାନ ମହାନ ବିଭବ ରୂପେ ସମୃଦ୍ଧି କରୁଛି।

ପ୍ରାଚୀନ କାଳରେ ଗୁରୁ କୂଳରେ ଶିଷ୍ୟମାନଙ୍କୁ ପରୀକ୍ଷା ନିରୀକ୍ଷା କରି ଉପଯୁକ୍ତ ଶିକ୍ଷା ଦେବାର ବ୍ୟବସ୍ଥା ଥିଲା ଏବଂ ଶିକ୍ଷାର ଉପଯୁକ୍ତ ଦକ୍ଷତା ହାସଲ ପରେ ଗୁରୁଦକ୍ଷିଣା ଦାନ ପୂର୍ବକ ଶିଷ୍ୟ ମାନେ ବିଦାୟ ନେଉଥିଲେ। ଏହି ଦକ୍ଷିଣା ଥିଲା ଶିଷ୍ୟମାନଙ୍କର ଏକ ସମର୍ପଣର ଭାବ। କିନ୍ତୁ ଆଜି ଆଉ ଅରଣ୍ୟ ମାନଙ୍କରେ ଗଢି ଉଠିଥା ସେହି ଗୁରୁକୂଳମାନ ଦେଖିବାକୁ ମିଳେନାହିଁ। ଆଧୁନିକ ଯୁଗରେ ବର୍ତ୍ତମାନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟ ମାନଙ୍କରେ କେବଳ ଭୌତିକ ଶିକ୍ଷା ପ୍ରଦାନ କରାଯାଏ। ଏହି ଶିକ୍ଷାକୁ ଯେଉଁମାନେ ପ୍ରଦାନ କରନ୍ତି ସେହିମାନଙ୍କୁ ଶିକ୍ଷକ କୁହାଗଲା। ଆଧାତ୍ମିକ ଶିକ୍ଷାର ଅଭାବ ଯୋଗୁଁ ଆଜି ନୈତିକ ମୂଲ୍ୟବୋଧର ଘୋର ଅଭାବ ଦେଖିବାକୁ ମିଳୁଛି। ଯାହା ଫଳରେ ଅଧୁନା ଆଉ ଗୁରୁ ଓ ଶିଷ୍ୟର ପରମ୍ପରା କର୍ପୂର କନା ଭଳି ପଡ଼ି ରହିଛି।

**ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ**
**ବରିଷ୍ଠ ଦର୍ଶନ ଅଧ୍ୟାପକ**
**ଆସିକା, ଗଞ୍ଜାମ**

# ବାରମ୍ବାର ବନ୍ୟାର ଆହ୍ୱାନ, ଜଳବାୟୁ ପରିବର୍ତ୍ତନ ଓ ଓଡ଼ିଶାର ଭବିଷ୍ୟତ ରଣନୀତି

ବଙ୍ଗୋପସାଗରରେ ସୃଷ୍ଟ ସକ୍ରିୟ ଗଭୀର ଅବପାତ ଦୀଘା ପାଖାପାଖି ସ୍ଥଳଭାଗ ଅତିକ୍ରମ କରିବା ପରେ ଉତ୍ତର ଓଡ଼ିଶା, ବିଶେଷ କରି ବାଲେଶ୍ୱର ଜିଲ୍ଲାରେ ତାଣ୍ଡବ ରଚିଛି। ଭାରତୀୟ ପାଣିପାଗ ବିଭାଗର ରେକର୍ଡ ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ସଦର ଅଞ୍ଚଳରେ ୨୪୬.୬ ମିଲିମିଟର (ପ୍ରାୟ ୨୪.୬ ସେମି) ଏବଂ ନୀଳଗିରି ସହର ଓ ଏହାର ଆଖପାଖ ଅଞ୍ଚଳରେ ୨୩୯ ମିଲିମିଟରରୁ ଅଧିକ ଅତିପ୍ରବଳ ବର୍ଷା ରେକର୍ଡ କରାଯାଇଛି, ଯାହା ଚଳିତ ମୌସୁମୀ ଋତୁର ସବୁଠାରୁ ଭୟଙ୍କର ଚିତ୍ର। ଏହି ଅକଳନୀୟ ମେଘଭଙ୍ଗା ବର୍ଷା ଫଳରେ ସମଗ୍ର ବାଲେଶ୍ୱର ସହର ଓ ନୀଳଗିରି ବ୍ଲକର ବିସ୍ତୀର୍ଣ୍ଣ ନିମ୍ନାଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇପଡ଼ିବା ସହ କୃଷି, ଗମନାଗମନ ଓ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ସ୍ଥାଣୁ ହୋଇଯାଇଛି।

ବଙ୍ଗୋପସାଗରରେ କ୍ରମାଗତ ଭାବେ ସୃଷ୍ଟ ଗଭୀର ଅବପାତ ଓ ଜଳବାୟୁ ପରିବର୍ତ୍ତନର ସଂଘାତରେ ଓଡ଼ିଶା ଆଜି ପୁଣି ଏକ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ, ଏହି ସଙ୍କଟ କେବଳ ଏକ ନିୟମିତ ପ୍ରାକୃତିକ ଆପଦ ନୁହେଁ, ବରଂ ଆମର ଦୀର୍ଘମିଆଦୀ ଯୋଜନା ଓ ପରିବେଶୀୟ ସନ୍ତୁଳନ ଉପରେ ଏକ ଗମ୍ଭୀର ପ୍ରଶ୍ନବାଚୀ। ଚଳିତ ମୌସୁମୀ ଋତୁରେ ଅସ୍ୱାଭାବିକ ଭାବେ ଅତିପ୍ରବଳ ବର୍ଷା ଯୋଗୁଁ ଉତ୍ତର ଓ ଉପକୂଳ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଓ ଜଗତସିଂହପୁର ଭଳି ଜିଲ୍ଲାଗୁଡ଼ିକରେ କ୍ରମାଗତ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ପ୍ରଜାଜୀବନ ଓ କୃଷି ଅର୍ଥନୀତିକୁ ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ କରିଦେଇଛି। ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କଲେ ସ୍ପଷ୍ଟ ହୁଏ ଯେ, ବଙ୍ଗୋପସାଗରରେ ସମୁଦ୍ର ପୃଷ୍ଠର ତାପମାତ୍ରା ବୃଦ୍ଧି ପାଇବା ଫଳରେ କମ୍? ସମୟ ମଧ୍ୟରେ ଅତ୍ୟାଧିକ ବର୍ଷା ହେବାର ପ୍ରବୃତ୍ତି ବୃଦ୍ଧି ପାଉଛି, ଯାହା ଆମର ପାରମ୍ପରିକ ଜଳ ନିଷ୍କାସନ ପ୍ରଣାଳୀ ଓ ନଦୀଗୁଡ଼ିକର ଜଳଧାରଣ କ୍ଷମତାଠାରୁ ଯଥେଷ୍ଟ ଅଧିକ। ଅପରପକ୍ଷରେ, ବହୁମୁଖୀ ଜଳଭଣ୍ଡାରଗୁଡ଼ିକର ବୈଜ୍ଞାନିକ ରୁଲ୍? କର୍ଭ ପରିଚାଳନାରେ ସମନ୍ୱୟର ଅଭାବ, ନଦୀଶଯ୍ୟାରେ କ୍ରମାଗତ ଭାବେ ପାଟୁ ଜମି ନଦୀର ଗଭୀରତା ହ୍ରାସ ପାଇବା, ଅନିୟନ୍ତ୍ରିତ ନିର୍ମାଣ କାର୍ଯ୍ୟ ଏବଂ ପ୍ରାକୃତିକ ଜଳାଶୟଗୁଡ଼ିକର ଜବରଦଖଲ ଏହି ବନ୍ୟାର ଭୟାବହତାକୁ ଦ୍ୱିଗୁଣିତ କରୁଛି। କେବଳ ଜରୁରୀକାଳୀନ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ସୀମିତ ନରହି ଓଡ଼ିଶାକୁ ଏବେ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ନିର୍ମାଣ ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ପଡ଼ିବ ଯେଉଁଥିରେ ନଦୀଗୁଡ଼ିକର ନିୟମିତ ଖନନ, ଆଧୁନିକ ଉପଗ୍ରହ–ଭିତ୍ତିକ ସୂଚନା ବ୍ୟବସ୍ଥା ଦ୍ୱାରା ନଦୀଚର ଅଞ୍ଚଳରେ ଆଗୁଆ ସାବଧାନତା, ବ୍ୟାପକ ସାମୁଦ୍ରିକ ଓ ନଦୀକୂଳିଆ ବୃକ୍ଷରୋପଣ ଏବଂ ବ୍ରହ୍ମଣୀ, ବୈତରଣୀ ଓ ସୁବର୍ଣ୍ଣରେଖା ଅବବାହିକାରେ ନୂତନ ଜଳ ସଞ୍ଚୟ ଭଣ୍ଡାର ନିର୍ମାଣ ଅନ୍ତର୍ଭୁକ୍ତ ହେବା ଉଚିତ୍। ଜଳବାୟୁ ପରିବର୍ତ୍ତନର ଏହି ଆହ୍ୱାନକୁ ସାମ୍ନା କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଦୀର୍ଘମିଆଦୀ ଆସିସ ସହଯୋଗ, ପର୍ଯ୍ୟାପ୍ତ ଆର୍ଥିକ ଅନୁଦାନ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହଭାଗିତାରେ ନୀତି ନିର୍ଦ୍ଧାରଣ କରାଗଲେ ଯାଇ ଓଡ଼ିଶାକୁ ବାରମ୍ବାର ବନ୍ୟା ଓ କ୍ଷୟକ୍ଷତିରୁ ସ୍ଥାୟୀ ଭାବେ ମୁକ୍ତ କରାଯାଇପାରିବ। ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଓ କ୍ରମାଗତ ଲଘୁଚାପ ଜନିତ ମୁଷଳଧାରା ବର୍ଷା ପ୍ରଭାବରେ ଆଜି ପୁଣି ଓଡ଼ିଶା ବନ୍ୟାର ଭୟଙ୍କର ସଙ୍କଟ ସମ୍ମୁଖୀନ ହୋଇଛି, ଯାହା ରାଜ୍ୟର ସାମାଜିକ, ଅର୍ଥନୈତିକ ଓ କୃଷି ଭିତ୍ତିଭୂମିକୁ ଗଭୀର ଭାବେ ପ୍ରଭାବିତ କରିଛି। ଉତ୍ତର ଓଡ଼ିଶାର ସୁବର୍ଣ୍ଣରେଖା, ବୈତରଣୀ, ବୁଢ଼ାବଳଙ୍ଗ ଓ କଂସବାଂଶ ନଦୀଠାରୁ ଆରମ୍ଭ କରି ମହାନଦୀ ଶାଖା ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ସୁବର୍ଣ୍ଣପୁର, କଟକ, ଖୋର୍ଦ୍ଧା ଓ ସମ୍ବଲପୁର ଭଳି ବହୁ ପ୍ରମୁଖ ଜିଲ୍ଲାର ଶହ ଶହ ଗାଁକୁ ଜଳମଗ୍ନ କରିଦେଇଛି। ବିଶେଷ କରି ଭଦ୍ରକର ବାସୁଦେବପୁରରେ କଂସବାଂଶ ଓ ଗାଙ୍ଗେଇ ନଦୀର ଉଫାନ୍, ଯାଜପୁରର କାନୀ ନଦୀ କୂଳ ଭାଙ୍ଗିବା ଓ ବାଲେଶ୍ୱରର ନିମ୍ନାଞ୍ଚଳରେ ଦ୍ୱିତୀୟ ପର୍ଯ୍ୟାୟ ବନ୍ୟା ଜଳ ପ୍ରବେଶ କରିବା ଫଳରେ ହଜାର ହଜାର ହେକ୍ଟର ଚାଷଜମି ନଷ୍ଟ ହେବା ସହ ଗ୍ରାମବାସୀ ଜଳବନ୍ଦୀ ଅବସ୍ଥାରେ ଦିନ କାଟୁଛନ୍ତି, ଅପରପକ୍ଷରେ ମହାନଦୀର ଜଳସ୍ତର ବୃଦ୍ଧି ହେତୁ କଟକ ଜିଲ୍ଲାର ଐତିହାସିକ ଭଟ୍ଟାରିକା ମନ୍ଦିର ପୀଠରେ ଜଳ ପ୍ରବେଶ କରିବା ପ୍ରଶାସନ ଓ ଜନସାଧାରଣଙ୍କ ଚିନ୍ତା ବଢ଼ାଇ ଦେଇଛି। ପ୍ରଶାସନିକ ସ୍ତରରେ ଓଡ୍ରାଫ୍, ଏନଡିଆରଏଫ ଓ ଅଗ୍ନିଶମ ବାହିନୀକୁ ବ୍ୟାପକ ଭାବେ ନିୟୋଜିତ କରାଯାଇ ରିଲିଫ୍? ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଥିଲେ ବି ପ୍ରକୃତିର ଏହି ଆକସ୍ମିକ ରୋଷ ଆଗରେ ଭୌଗୋଳିକ ନିରାପତ୍ତା ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରଣାଳୀ ଉପରେ ପୁନର୍ବିଚାର କରିବାର ଆବଶ୍ୟକତା ସୃଷ୍ଟି ହୋଇଛି। ପ୍ରତିବର୍ଷ ବର୍ଷାଦିନେ ନଦୀବନ୍ଧ ଭାଙ୍ଗିବା, ଜଳ ନିଷ୍କାସନ ବ୍ୟବସ୍ଥାରେ ଅବହେଳା ଏବଂ ନଦୀଶଯ୍ୟାରେ ପାଟୁ ପଡ଼ି ଜଳଧାରଣ କ୍ଷମତା ହ୍ରାସ ପାଇବା ଆମ ସ୍ଥାୟୀ ନୀତି ପ୍ରଣୟନର ଦୁର୍ବଳତାକୁ ଦର୍ଶାଉଛି ସେଥିପାଇଁ କେବଳ ତୁରନ୍ତ ରିଲିଫ ବଣ୍ଟନ ଓ ସ୍ଥାନାନ୍ତରଣରେ ସୀମିତ ନରହି ନଦୀବନ୍ଧଗୁଡ଼ିକର ସୁଦୃଢ଼ୀକରଣ, ଆଧୁନିକ ବନ୍ୟା ପୂର୍ବାନୁମାନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ଜଳଭଣ୍ଡାରଗୁଡ଼ିକର ବୈଜ୍ଞାନିକ ପରିଚାଳନା ଏବଂ ଉପକୂଳବର୍ତ୍ତୀ ତଥା ନିମ୍ନାଞ୍ଚଳ ଗ୍ରାମଗୁଡ଼ିକ ପାଇଁ ସ୍ଥାୟୀ ବନ୍ୟା ନିରୋଧୀ ଭିତ୍ତିଭୂମି ନିର୍ମାଣ କରିବା ଆଜି ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଓଡ଼ିଶାରେ ଲଗାଣ ବର୍ଷା ଓ ବନ୍ୟା କେବଳ ଘରଦ୍ୱାର ଭାଙ୍ଗିନାହିଁ, ବରଂ ରାଜ୍ୟର ମେରୁଦଣ୍ଡ ସଦୃଶ କୃଷି ଅର୍ଥନୀତିକୁ ସମ୍ପୂର୍ଣ୍ଣ ରୂପେ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି ଯାହାର ପ୍ରଭାବ ଆଗାମୀ ବର୍ଷ ବର୍ଷ ଧରି ସାଧାରଣ ଖାଉଟି ଓ ଚାଷୀକୂଳ ଉପରେ ପଡ଼ିବ। ଉପକୂଳବର୍ତ୍ତୀ ତଥା ଉତ୍ତର ଓଡ଼ିଶାର ଲକ୍ଷ ଲକ୍ଷ ହେକ୍ଟର ଧାନ ଚାଷ ଓ ଅର୍ଥକରୀ ଫସଲ ସପ୍ତାହ ସପ୍ତାହ ଧରି ଜଳମଗ୍ନ ରହିବା ଫଳରେ ଚାଷୀମାନଙ୍କର ସମସ୍ତ ପରିଶ୍ରମ ଓ ପୁଞ୍ଜି ପାଣିରେ ମିଳାଇଯାଇଛି ଏବଂ ଋଣଯନ୍ତ୍ରଣାରେ ଥିବା କୃଷକମାନଙ୍କ ପାଇଁ ଏହା ଏକ ଅସହନୀୟ ବୋଝ ପାଲଟିଛି। ବନ୍ୟା ପରବର୍ତ୍ତୀ ସମୟରେ ବିପନ୍ନ ଅଞ୍ଚଳରେ ପାନୀୟ ଜଳର ଅଭାବ, ଗୋଖାଦ୍ୟ ସଙ୍କଟ ଓ ଜଳବାହିତ ରୋଗର ବ୍ୟାପକ ସମ୍ଭାବନା ଜନସ୍ୱାସ୍ଥ୍ୟ ପରିଚାଳନା ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଥିବା ବେଳେ ରାଜ୍ୟ ସରକାରଙ୍କ ତରଫରୁ ଘୋଷଣା କରାଯାଉଥିବା ଫସଲ ବୀମା ଓ କ୍ଷତିପୂରଣ ରାଶି ପ୍ରକୃତ କ୍ଷତିଗ୍ରସ୍ତଙ୍କ ନିକଟରେ ଠିକ୍? ସମୟରେ ପହଞ୍ଚିବା ନେଇ ସବୁବେଳେ ପ୍ରଶ୍ନବାଚୀ ସୃଷ୍ଟି ହୋଇଆସିଛି। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନର ଆବଶ୍ୟକତା କେବଳ ପଲିଥିନ୍? କିମ୍ବା ଶୁଖିଲା ଖାଦ୍ୟ ବଣ୍ଟନରେ ସୀମିତ ନରହି ଏକ ସ୍ୱତନ୍ତ୍ର କୃଷି ଥଇଥାନ ପ୍ୟାକେଜ୍? ଘୋଷଣା କରିବା ସହ ଉଜୁଡ଼ା ଫସଲର ତୁରନ୍ତ ଆକଳନ, ଚାଷୀଙ୍କ କୃଷି ଋଣ ଛାଡ଼ କିମ୍ବା ପୁନର୍ଗଠନ ଏବଂ ଆଗାମୀ ରବି ଫସଲ ପାଇଁ ମାଗଣାରେ ବିହନ ଓ ସାର ଯୋଗାଇଦେବା ଦିଗରେ ପ୍ରଶାସନିକ ତତ୍ପରତା ଅତ୍ୟନ୍ତ ଜରୁରୀ ଅଟେ। ଏଥିସହ, ଗ୍ରାମାଞ୍ଚଳରେ ଜୀବିକା ହରାଇଥିବା ଶ୍ରମିକମାନଙ୍କ ଦାଦନ ଖଟିବାକୁ ଯିବାର ପ୍ରକ୍ରିୟାକୁ ରୋକିବା ପାଇଁ ମନରେଗା ଯୋଜନା ମାଧ୍ୟମରେ ନଷ୍ଟ ହୋଇଥିବା ଗ୍ରାମ୍ୟ ଭିତ୍ତିଭୂମିର ପୁନର୍ନିର୍ମାଣ ସହିତ ବ୍ୟାପକ କର୍ମନିଯୁକ୍ତି ସୃଷ୍ଟି କରାଗଲେ ଯାଇ ବିପର୍ଯ୍ୟୟର ଏହି କରାଳ ଗ୍ରାସରୁ ରାଜ୍ୟର ଅର୍ଥନୈତିକ ସ୍ଥିତିକୁ ପୁଣିଥରେ ସୁଦୃଢ଼ କରାଯାଇପାରିବ ଏବଂ ଏଥିପାଇଁ ଏକ ଦୀର୍ଘମିଆଦୀ ବିପର୍ଯ୍ୟୟ ପ୍ରଶମନ ଅର୍ଥନୈତିକ ପାଣ୍ଠି ବ୍ୟବସ୍ଥାକୁ ନିର୍ଦ୍ଦିଷ୍ଟ ଭାବେ ଅଧିକ କ୍ରିୟାଶୀଳ କରିବାର ସମୟ ଏବେ ଉପନୀତ ହୋଇଛି।

**ସୌଭାଗ୍ୟ ରଞ୍ଜନ ମହାନ୍ତି**

# ଶିକ୍ଷା ବ୍ୟବସ୍ଥାରେ ଉନ୍ନତିକରଣ

ଏବେ ଭାରତର ଶିକ୍ଷା ବ୍ୟବସ୍ଥା ସାମ୍ନା କରୁଥିବା ସମସ୍ୟାଗୁଡ଼ିକ କେବଳ ଜଣେ ବ୍ୟକ୍ତି କିମ୍ବା ଗୋଟିଏ ମନ୍ତ୍ରଣାଳୟ ମଧ୍ୟରେ ସୀମିତ ନୁହେଁ । ଏହା ଏକ ବହୁସ୍ତରୀୟ ସଙ୍କଟ । ଯାହା ନୀତିଗତ ଅସ୍ୱଚ୍ଛତା, କାର୍ଯ୍ୟାନ୍ୱୟନ ଦୁର୍ବଳତା, ସମ୍ବଳ ସୀମାବଦ୍ଧତା, ଶିକ୍ଷକ ତାଲିମ ଚ୍ୟାଲେଞ୍ଜ, ପରୀକ୍ଷା–ଚାଳିତ ମାନସିକତା ଓ ସାମାଜିକ–ଆର୍ଥିକ ଅସମାନତା ଦ୍ୱାରା ପରିଗଣିତ । ତେଣୁ ଯେତେବେଳେ ପ୍ରଶ୍ନ ଉଠେ ଯେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବ କି ନାହିଁ, ଉତ୍ତର କେବଳ ରାଜନୈତିକ ନୁହେଁ, ବରଂ ସାଂଗଠନିକ ମଧ୍ୟ ହେବା ଉଚିତ୍ ।

ସତ୍ୟ ହେଉଛି ଯେ କେବଳ ଜଣେ ମନ୍ତ୍ରୀଙ୍କୁ ପରିବର୍ତ୍ତନ କରିବା ଦ୍ୱାରା ଶିକ୍ଷା ବ୍ୟବସ୍ଥାରେ ସ୍ୱୟଂଚାଳିତ ଭାବରେ ଉନ୍ନତି ହୁଏ ନାହିଁ ନୀତି, ଉଦ୍ଦେଶ୍ୟ, ନିବେଶ ଓ କାର୍ଯ୍ୟାନ୍ୱୟନ ସମସ୍ତ ଏକତ୍ର କାମ କଲେ ଉନ୍ନତି ହୁଏ । ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟକାଳକୁ ଦେଖିଲେ, ଏହା ସ୍ପଷ୍ଟ ଯେ ସେ ଜାତୀୟ ଶିକ୍ଷା ନୀତିକୁ ଆଗକୁ ବଢ଼ାଇବା, ବହୁଭାଷୀ ଶିକ୍ଷାକୁ ଗୁରୁତ୍ୱ ଦେବା, ଦକ୍ଷତା ବିକାଶକୁ ପ୍ରାଥମିକତା ଦେବା, ଡିଜିଟାଲ୍ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଓ ଉଚ୍ଚଶିକ୍ଷାକୁ ଅଧିକ ନମନୀୟ କରିବା ପାଇଁ ପଦକ୍ଷେପ ନେଇଥିଲେ । ଏହା କହିବା ଭୁଲ ହେବ ଯେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ କିଛି ହୋଇନଥିଲା , ବରଂ ହୋଇଥିଲା । ଅନେକ ଯୋଜନା ଆଗକୁ ବଢ଼ିଲା, ଆଲୋଚନା ବଢ଼ିଲା ଓ ଶିକ୍ଷା ଉପରେ ଜାତୀୟ ବିତର୍କ ତୀବ୍ର ହେଲା । ତଥାପି ଏହା ମଧ୍ୟ ସତ୍ୟ ଯେ ଭାରତୀୟ ଶିକ୍ଷା ବ୍ୟବସ୍ଥାର ମୌଳିକ ସମସ୍ୟାଗୁଡ଼ିକ ଅସମାହିତ ରହିଲା । ସରକାରୀ ସ୍କୁଲରେ ଗୁଣାତ୍ମକ ପାର୍ଥକ୍ୟ, ଗ୍ରାମାଞ୍ଚଳ–ସହର ବୈଷମ୍ୟ, ଶିକ୍ଷକ ଅଭାବ, ପରୀକ୍ଷା–କେନ୍ଦ୍ରିକ ସଂସ୍କୃତି ଓ କୋଚିଂ–ନିର୍ଭରତା – ଏହି ସମସ୍ତ ସମସ୍ୟା ଏବେ ବି ରହିଛି ।

ଏହି ପରିପ୍ରେକ୍ଷୀରେ ଥରେ ଶିକ୍ଷାମନ୍ତ୍ରୀଙ୍କ ଭୂମିକାକୁ ବୁଝିବା ଗୁରୁତ୍ୱପୂର୍ଣ୍ଣ । ଶିକ୍ଷାମନ୍ତ୍ରୀ ଏକାକୀ ବିଦ୍ୟାଳୟଗୁଡ଼ିକର ଗୁଣବତ୍ତା ଉନ୍ନତ କରିପାରିବେ ନାହିଁ । ଏଥିପାଇଁ ବାହ୍ୟ ବିଶୃଙ୍ଖଳା ଶିକ୍ଷାକୁ ଉନ୍ନତ କରିପାରିବ ନାହିଁ, ବିଶ୍ୱବିଦ୍ୟାଳୟଗୁଡ଼ିକର ଗବେଷଣା କ୍ଷମତାକୁ ବୃଦ୍ଧି କରିପାରିବ ନାହିଁ, କିମ୍ବା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ପରିସ୍ଥିତିକୁ ଏକ ଝଟକାରେ ପରିବର୍ତ୍ତନ କରିପାରିବ ନାହିଁ । ଏହାର ଭୂମିକା ମୁଖ୍ୟତଃ ନୀତି ପ୍ରଣୟନ, ସମନ୍ୱୟ, ବଜେଟ ପ୍ରାଥମିକତା, ଆନୁଷ୍ଠାନିକ ତଦାରଖ ଓ ରାଜ୍ୟଗୁଡ଼ିକ ସହିତ ସହଯୋଗ ଅନ୍ତର୍ଭୁକ୍ତ । ଯଦି ଏହି ପାଞ୍ଚଟି କାର୍ଯ୍ୟ ଉନ୍ନତ ହୁଏ, ତେବେ ଶିକ୍ଷାଗତ ଉନ୍ନତିର ସମ୍ଭାବନା ବୃଦ୍ଧି ପାଏ । କିନ୍ତୁ ଯଦି କେବଳ ମୁହଁ ପରିବର୍ତ୍ତନ କରାଯାଏ ଓ ନୀତି ଢାଞ୍ଚା ସମାନ ରହେ, ତେବେ ଫଳାଫଳ ସୀମିତ ହେବ ।

ଭାରତର ଶିକ୍ଷା ବ୍ୟବସ୍ଥାର ସବୁଠାରୁ ବଡ଼ ସମସ୍ୟା ହେଉଛି ସମାନ ସୁଯୋଗ ପ୍ରଦାନ କରିବାରେ ଅସମର୍ଥତା। ଗୋଟିଏ ପଟେ, ମହାନଗରଗୁଡ଼ିକରେ ଘରୋଇ ସ୍କୁଲ ଓ ମହଙ୍ଗା ପ୍ରତିଷ୍ଠାନ ଅଛି, ଯେଉଁଠାରେ ସୁବିଧା ଓ ସୁଯୋଗ ଅପେକ୍ଷାକୃତ ପ୍ରଚୁର ରହିଛି । ଅନ୍ୟପଟେ, ସରକାରୀ ସ୍କୁଲ ଓ ଦୁର୍ଗମ ଗ୍ରାମାଞ୍ଚଳ ଅଛି, ଯେଉଁଠାରେ ଭିତ୍ତିଭୂମି, ପ୍ରଶିକ୍ଷିତ ଶିକ୍ଷକ ଓ ଡିଜିଟାଲ୍ ସମ୍ବଳର ଘୋର ଅଭାବ ରହିଛି । ଏହି ଅସମାନତାକୁ ଜଣେ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିମ୍ବା ଅନ୍ୟ କେହି, ଦୂର କରିପାରିବେ ନାହିଁ । ଏଥିପାଇଁ ଦୀର୍ଘକାଳୀନ ରାଜ୍ୟ ନୀତି, କେନ୍ଦ୍ର–ରାଜ୍ୟ ସମନ୍ୱୟ ଓ ସାମାଜିକ ନିବେଶ ଆବଶ୍ୟକ । ଏହା ମଧ୍ୟ ଉଲ୍ଲେଖନୀୟ ଯେ ଭାରତରେ ଶିକ୍ଷା ସଂସ୍କାରର ପ୍ରଶ୍ନ କେବଳ ପ୍ରଶାସନିକ ନୁହେଁ, ବରଂ ଆଦର୍ଶଗତ ମଧ୍ୟ । କିଛି ଦଶନ୍ଧି ଧରି, ଆମର ଶିକ୍ଷା ବ୍ୟବସ୍ଥାକୁ ପରୀକ୍ଷା ପାସ୍ କରିବା ପାଇଁ ଏକ ଯନ୍ତ୍ର ଭାବରେ ଦେଖାଯାଉଛି ।

ଏହା ଶିକ୍ଷଣର ଏକ ମାଧ୍ୟମ ଭାବରେ କାର୍ଯ୍ୟ କରେ, ଚିନ୍ତାଧାରା ବିକାଶର ମାଧ୍ୟମ ଭାବରେ ନୁହେଁ । ରୋଟ୍ ଲର୍ଣ୍ଣିଂରେ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା, ସମାଲୋଚନାମୂଳକ ଚିନ୍ତାଧାରା ଓ ସମସ୍ୟା ସମାଧାନ କ୍ଷମତା ସୀମିତ ହୋଇଥାଏ । ଜାତୀୟ ଶିକ୍ଷା ନୀତି ଏହି ଧାରା ଓଲଟାଇ ଦେବାକୁ ଚେଷ୍ଟା କରେ, କିନ୍ତୁ ପରିବର୍ତ୍ତନ କେବଳ ଡକ୍ୟୁମେଣ୍ଟରୁ ଆସିପାରିବ ନାହିଁ । ଏଥିପାଇଁ ପାଠ୍ୟକ୍ରମ, ମୂଲ୍ୟାଙ୍କନ, ଶିକ୍ଷକ ତାଲିମ ଓ ଶ୍ରେଣୀଗୃହ ଅଭ୍ୟାସରେ ପରିବର୍ତ୍ତନ ଆବଶ୍ୟକ । ଏଠାରେ ସଂସ୍କାର ପ୍ରକୃତରେ ପରୀକ୍ଷା କରାଯାଏ ।

ସତ୍ୟ ହେଉଛି ଶିକ୍ଷା ସଂସ୍କାରର ପ୍ରକୃତ ଚାବିକାଠି ବଜେଟ୍ ଓ କାର୍ଯ୍ୟାନ୍ୱୟନରେ ରହିଛି । ଭାରତର ଶିକ୍ଷାରେ ସାଧାରଣ ନିବେଶ ବହୁ ଦିନ ଧରି ତୁଳନାତ୍ମକ ଭାବରେ କମ୍ ରହିଛି । ଘୋଷଣାଗୁଡ଼ିକ ପ୍ରାୟତଃ ମହାନ ହୋଇଥିଲେ ମଧ୍ୟ, ସ୍କୁଲ ନବୀକରଣ, ପ୍ରୟୋଗଶାଳା ପ୍ରତିଷ୍ଠା, ପାଠାଗାର ବିକାଶ, ଛାତ୍ରବୃତ୍ତି ବଣ୍ଟନ, ଶିକ୍ଷକ ନିଯୁକ୍ତି ଓ ଡିଜିଟାଲ୍ ପ୍ରବେଶ ଭଳି ମୌଳିକ ପ୍ରସଙ୍ଗଗୁଡ଼ିକ ପ୍ରାୟତଃ ପଛରେ ପଡ଼ିଯାଏ । ଯଦି ସରକାର ପ୍ରକୃତରେ ଶିକ୍ଷାକୁ ପ୍ରାଥମିକତା ଦେବାକୁ ଚାହାଁନ୍ତି, ତେବେ ଏହାକୁ କେବଳ ନୀତିଗତ ଦସ୍ତାବିଜ ନୁହେଁ, ଆର୍ଥିକ ପ୍ରତିବଦ୍ଧତା ବୃଦ୍ଧି କରିବାକୁ ପଡିବ । ଶିକ୍ଷା ଏପରି ଏକ କ୍ଷେତ୍ର ଯେଉଁଠାରେ ଖର୍ଚ୍ଚକୁ ଏକ ବୋଝ ନୁହେଁ, ଏକ ନିବେଶ ଭାବରେ ବିବେଚନା କରାଯିବା ଉଚିତ୍ । ଶିକ୍ଷକମାନେ ସମଗ୍ର ବ୍ୟବସ୍ଥାର ମେରୁଦଣ୍ଡ । କିନ୍ତୁ ଭାରତରେ ଶିକ୍ଷାଦାନ ପରିସ୍ଥିତି ନିଜେ ବିପଦପୂର୍ଣ୍ଣ । ଅନେକ ସ୍କୁଲରେ ଶିକ୍ଷକ ପଦବୀ ଖାଲି ପଡ଼ିଛି, ଅନେକ ସ୍ଥାନରେ ଜଣେ ଶିକ୍ଷକଙ୍କ ଉପରେ ଅନେକ ଶ୍ରେଣୀର ଭାର ପଡ଼ିଛି ।

ଏପରିକି ଅନେକ ଶିକ୍ଷାନୁଷ୍ଠାନରେ ଶିକ୍ଷକ ତାଲିମ ପୁରୁଣା ଓ ଅପ୍ରାସଙ୍ଗିକ । ଶିକ୍ଷକମାନେ ଦକ୍ଷ, ସମ୍ମାନଜନକ ଓ ପ୍ରଶିକ୍ଷିତ ନ ହେଲେ, ଯେକୌଣସି ଶିକ୍ଷା ସଂସ୍କାର ସୀମିତ ହେବ । ମନ୍ତ୍ରୀ ପରିବର୍ତ୍ତନ ଏହି ସମସ୍ୟାର ସମାଧାନ କରିବ ନାହିଁ । ସେବା ପରିସ୍ଥିତିରେ ଉନ୍ନତି, ଗୁଣାତ୍ମକ ତାଲିମ ଓ ଶିକ୍ଷକ ବୃତ୍ତି ପ୍ରତି ସମ୍ମାନ ଆବଶ୍ୟକ । ସେମାନଙ୍କ ଅବସରକାଳୀନ ପେନସନ ସୁବିଧା ରହିବା ଉଚିତ୍ ।

ଡିଜିଟାଲ୍ ଶିକ୍ଷା ବହୁତ ପ୍ରତିଶ୍ରୁତି ଦେଇଥିଲା, କିନ୍ତୁ ଏହାର ସୀମା ମଧ୍ୟ ସ୍ପଷ୍ଟ ହୋଇଗଲା । ମହାମାରୀ ଡିଜିଟାଲ୍ ଶିକ୍ଷାର ଉପଯୋଗୀତାକୁ ସ୍ପଷ୍ଟ କରିଥିଲା, କିନ୍ତୁ ଏହା ଦେଶର ବହୁ ଭାଗରେ ଇଣ୍ଟରନେଟ୍, ଉପକରଣ ଓ ଡିଜିଟାଲ୍ ସାକ୍ଷରତାର ଘୋର ଅଭାବକୁ ମଧ୍ୟ ପ୍ରକାଶ କରିଥିଲା । ଡିଜିଟାଲ୍ ଶିକ୍ଷା ଏବେ ଏକ ଅନ୍ତର୍ଭୁକ୍ତ ପଦ୍ଧତି ହେବା ଆବଶ୍ୟକ । କେବଳ ଏହା ଏକ ଗ୍ୟାଜେଟ୍–ଚାଳିତ ନୀତି ନୁହେଁ । ଏହାର ଅର୍ଥ ହେଉଛି ଗ୍ରାମାଞ୍ଚଳରେ ଉନ୍ନତ ସଂଯୋଗୀକରଣ, କମ ମୂଲ୍ୟର ଡିଭାଇସ୍, ସ୍ଥାନୀୟ ଭାଷାରେ ବିଷୟବସ୍ତୁ ଓ ପ୍ରଯୁକ୍ତିବିଦ୍ୟା ପାଇଁ ପ୍ରସ୍ତୁତ ଶିକ୍ଷକ । କେବଳ ଅନଲାଇନ୍ ପ୍ଲାଟଫର୍ମ ସୃଷ୍ଟି କରିବା ଦ୍ୱାରା ଶିକ୍ଷା ଆଧୁନିକ ହୁଏ ନାହିଁ ।

ଶିକ୍ଷା ସଂସ୍କାରକୁ ନିର୍ବାଚନୀ ବିତର୍କ ଭାବରେ ନ ଦେଖିବା ମଧ୍ୟ ଅତ୍ୟନ୍ତ ଜରୁରୀ । ଶିକ୍ଷା ଏକ ଦୀର୍ଘକାଳୀନ ପ୍ରକ୍ରିୟା, ଯାହାର ଫଳାଫଳ ତୁରନ୍ତ ସ୍ପଷ୍ଟ ହୁଏ ନାହିଁ । ଯେକୌଣସି ସରକାରଙ୍କ ପାଇଁ ନୂତନ ନୀତି ଘୋଷଣା କରିବା ସହଜ, କିନ୍ତୁ ଦଶ ବର୍ଷ ଧରି ଏହାକୁ ନିରନ୍ତର କାର୍ଯ୍ୟକାରୀ କରିବା ହେଉଛି ଚ୍ୟାଲେଞ୍ଜ । ନିରନ୍ତରତା ଏଠାରେ ମୁଖ୍ୟ ବିଷୟ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯଦି ପ୍ରତ୍ୟେକ ମନ୍ତ୍ରୀ ପୂର୍ବ ନୀତିଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ପୁନଃନିର୍ମାଣ କରନ୍ତି, ତେବେ ଶିକ୍ଷା ବ୍ୟବସ୍ଥା ସ୍ଥିର ରହିବ ନାହିଁ । ତେଣୁ ପ୍ରକୃତ ପ୍ରଶ୍ନ ଏହା ନୁହେଁ ଯେ ଧର୍ମେନ୍ଦ୍ର ପ୍ରଧାନ ଯିବା ଉଚିତ୍ କି ରହିବା ଉଚିତ୍ ଥିଲା । ପ୍ରକୃତ ପ୍ରଶ୍ନ ହେଉଛି ଯେ କୌଣସି ନେତୃତ୍ୱ ଶିକ୍ଷାକୁ ଏକ ଦୀର୍ଘକାଳୀନ ଜାତୀୟ ପ୍ରକଳ୍ପ ଭାବରେ ଦେଖନ୍ତି କି

ଭାରତ ପାଇଁ, ଶିକ୍ଷା କେବଳ ନିଯୁକ୍ତି ନୁହେଁ ବରଂ ନାଗରିକତା ମଧ୍ୟ ବୁଝାଏ । ଏକପ୍ରକାର ଶିକ୍ଷିତ ସମାଜ ଗଣତନ୍ତ୍ରକୁ ସୁଦୃଢ଼ କରେ, ବୈଜ୍ଞାନିକ ଚିନ୍ତାଧାରାକୁ ପ୍ରୋତ୍ସାହିତ କରେ, ସାମାଜିକ ଅସମାନତାକୁ ଚ୍ୟାଲେଞ୍ଜ କରେ ଓ ମହିଳା ତଥା ପଛୁଆ ସମ୍ପ୍ରଦାୟ ପାଇଁ ନୂତନ ସୁଯୋଗ ଖୋଲିଥାଏ ।ତେଣୁ, ଶିକ୍ଷା ସଂସ୍କାରକୁ କେବଳ ଏକ ସରକାରୀ ବିଭାଗର ପ୍ରଶାସନିକ ସଫଳତା ଭାବରେ ଦେଖିବା ଭୁଲ ହେବ । ଏହା ରାଷ୍ଟ୍ର ନିର୍ମାଣର ଏକ ପ୍ରକ୍ରିୟା । ଯଦି ଏହି ପ୍ରକ୍ରିୟା ରାଜନୈତିକ ସ୍ଥିରତା, ନୀତି ସ୍ୱଚ୍ଛତା ଓ ସାମାଜିକ ସମର୍ଥନ ସହିତ ଥାଏ, ତେବେ ପରିବର୍ତ୍ତନ ସମ୍ଭବ । ଅନ୍ୟଥା, ନେତୃତ୍ୱ ପରିବର୍ତ୍ତନ କେବଳ ଏକ ଔପଚାରିକତାରେ ପରିଣତ ହେବ ।

ଉଲ୍ଲେଖଯୋଗ୍ୟ ମୌଳିକ ସଂସ୍କାର ଜଣେ ମନ୍ତ୍ରୀଙ୍କ ବିଦାୟରୁ ନୁହେଁ, ବରଂ ବ୍ୟବସ୍ଥାର ପରିବର୍ତ୍ତନରୁ ଆସିଥାଏ । ଏଥିପାଇଁ ଭାରତର ଶିକ୍ଷା ବ୍ୟବସ୍ଥାରେ ସ୍ଥାୟୀ ନୀତି, ପର୍ଯ୍ୟାପ୍ତ ପାଣ୍ଠି, ପ୍ରଶିକ୍ଷିତ ଶିକ୍ଷକ, ଡିଜିଟାଲ୍ ଅନ୍ତର୍ଭୁକ୍ତି, ଗବେଷଣାର ସଂସ୍କୃତି ଓ ସାମାଜିକ ସମାନତା ଆବଶ୍ୟକତା ରହିଛି । ଏଗୁଡ଼ିକ ହେଉଛି ସେହି ମୂଳଦୁଆ ଯାହା ଉପରେ ପ୍ରକୃତ ସଂସ୍କାର ନିର୍ମାଣ କରାଯାଇପାରିବ । ଯେକୌଣସି ପ୍ରକାରେ ମୁହଁ ପରିବର୍ତ୍ତନ କରିବା ସହଜ ହୋଇଯାଏ , କିନ୍ତୁ ବ୍ୟବସ୍ଥା ପରିବର୍ତ୍ତନ କରିବା କଷ୍ଟକର । ଅତଏବ ଭାରତର ଶିକ୍ଷା ବ୍ୟବସ୍ଥାକୁ ଏବେ କଷ୍ଟକର ଓ ସଚ୍ଚୋଟ ସଂସ୍କାର ଆବଶ୍ୟକ, ଯାହା କେତେ ସହଜ ସମୟ କହିବ ।

ଶେଷରେ ନିଷ୍କର୍ଷ ସ୍ପଷ୍ଟ । ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଶିକ୍ଷା ବ୍ୟବସ୍ଥାରେ ସ୍ୱୟଂଚାଳିତ ଭାବରେ ଉନ୍ନତି ଆଣିବ ନାହିଁ । ଏକଥା ସତ, ଯଦି ତାଙ୍କ ସ୍ଥାନରେ ଆସୁଥିବା ନେତୃତ୍ୱ ଅଧିକ ସମ୍ବେଦନଶୀଳ, ଅଧିକ ଦାୟିତ୍ୱବାନ ଓ ଅଧିକ ଫଳାଫଳ–ଭିତ୍ତିକ ହୁଏ, ତେବେ ସଂସ୍କାରର ଗତିରେ ଉନ୍ନତି ଆସିପାରିବ । କିନ୍ତୁ ମୌଳିକ ସଂସ୍କାର ମନ୍ତ୍ରୀଙ୍କ ବିଦାୟରୁ ନୁହେଁ, ବରଂ ବ୍ୟବସ୍ଥାରେ ପରିବର୍ତ୍ତନରୁ ଆସିବ....!!!

**ଡକ୍ଟର ଲକ୍ଷ୍ମଣ ସାହୁ**
**ତାରା ନିଳୟ , ପ୍ଲଟ:୮୫୪/ଏ , ଲକ୍ଷ୍ମୀନାରାୟଣ ବିହାର,**
**ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା –୫୫**

## ଉଚିତ ନ୍ୟାୟ

ୟୁନାନର ରାଜା ଫିଲିପ୍ ନିଜର ନ୍ୟାୟପ୍ରିୟତା ପାଇଁ ପ୍ରସିଦ୍ଧ ଥିଲେ । ସେ ତାଙ୍କ ଦରବାରରେ ସ୍ୱୟଂ ସବୁ ମୋକଦ୍ଦମା ଶୁଣି ତାହାର ନ୍ୟାୟ କରୁଥିଲେ । ଥରେ ରାଜ୍ୟର ଦୁଇ ଜଣ ନାଗରିକ ନିଜର ମୋକଦ୍ଦମା ନେଇ ତାଙ୍କ ପାଖରେ ପହଞ୍ଚିଲେ । ରାଜା ଫିଲିପ୍ ସେଦିନ ବହୁତ ଥକି ଯାଇଥିଲେ । ପ୍ରଥମ ବ୍ୟକ୍ତି ନିଜର ପକ୍ଷ ରଖୁଥିବା ବେଳେ ତାଙ୍କୁ ହାଲୁକା ନିଦ ଲାଗିଗଲା । ତାଙ୍କର ଚୈତନ୍ୟ ଆସିବା ବେଳକୁ ଦ୍ୱିତୀୟ ପକ୍ଷର ପାଳି ପଡ଼ିଲା । ସେ ଦ୍ୱିତୀୟ ପକ୍ଷର ବୟାନକୁ ହିଁ ସମ୍ପୂର୍ଣ୍ଣ ସତ୍ୟ ମାନି ତା' ପକ୍ଷରେ ନିଷ୍ପତ୍ତି ଶୁଣାଇ ଦେଲେ । ନିଷ୍ପତ୍ତି ଶୁଣି ପ୍ରଥମ ପକ୍ଷର ବ୍ୟକ୍ତି କହିଲା– ''ମହାରାଜ ! ଆପଣଙ୍କ ନିଷ୍ପତ୍ତି ନ୍ୟାୟପୂର୍ଣ୍ଣ ନୁହେଁ । ମୁଁ ଚାହୁଁଛି ଯେ, ଆପଣ ମୋର ବୟାନକୁ ଥରେ ଶୁଣନ୍ତୁ କାରଣ ମୋର ବୟାନକୁ ଶୁଣିବା ସମୟରେ ଆପଣଙ୍କୁ ନିଦ ଆସି ଯାଇଥିଲା । ମୋର ପକ୍ଷ ଶୁଣିବା ପରେ ଆପଣ ଯାହା ବି ନିଷ୍ପତ୍ତି ଶୁଣାଇବେ, ତାହା ମୁଁ ମାନିନେବି ।'' ସେହି ବ୍ୟକ୍ତିର ବୟାନ ଶୁଣିବା ପରେ ରାଜା ନିଜର ଭୁଲ ଜାଣି ପାରିଲେ ଓ ତା' ଉପରେ ଲାଗିଥିବା ଅଭିଯୋଗରୁ ତାକୁ ମୁକ୍ତ କରିଦେଲେ । ଏହାପରେ ସେ ତାକୁ କହିଲେ– ''ମୁଁ ତୁମର ସାହସ ଦ୍ୱାରା ଅତ୍ୟନ୍ତ ପ୍ରଭାବିତ । ତୁମର ସାହସ ହିଁ ଆଜି ତୁମକୁ ନ୍ୟାୟ ଦେଇଛି ଓ ମୋତେ ଏକ ଭୁଲ ନିଷ୍ପତ୍ତି ନେବାରୁ ରକ୍ଷା କରିଛି । ରାଜାଙ୍କୁ ଏପରି ଭୁଲ କରିବାରୁ ରୋକିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ, ଯଦ୍ଦ୍ୱାରା ରାଜପଦର ଗରିମା ଅକ୍ଷୁଣ୍ଣ ରହିପାରିବ । (ସୌଜନ୍ୟ : ଅଖଣ୍ଡ ଜ୍ୟୋତି)

# ବିରୁଡାରେ ବିଭିନ୍ନ ଆଇନ ଓ ଯୋଜନା ସମ୍ପର୍କରେ ସଚେତନତା

ନୟାଗଡ଼, ୨୮/୭ (ଆନିସ) : ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ''ନାଲସା ଦାରିଦ୍ର୍ୟ ଦୂରୀକରଣ ଓ ଜୀବିକା ଉନ୍ନୟନ ଯୋଜନା ୨୦୧୫'', ''ନାଲସା (ସ୍ପୃହା) ଯୋଜନା, ୨୦୨୫'' ଏବଂ ''ମହିଳା ଓ ମାତୃତ୍ୱ ଲାଭ ଯୋଜନା ଏବଂ ଓଡ଼ିଶା ଅପରାଧିକ ଅପିଲ ନଂ-୧୦୩/୧୯୮୧ (ଓଡ଼ିଆ ଅନୁବାଦ ସଂସ୍କରଣ)'' ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ନୟାଗଡ଼ ଜିଲ୍ଲାର କାଳନ୍ଦୀ ସୁରୁଜା ଉଚ୍ଚ ବିଦ୍ୟାଳୟ ବିରୁଡା ପରିସରରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷା ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଅଞ୍ଜଳି ମଚ୍ଛଖଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନ ସମ୍ପର୍କରେ ସଚେତନତା ଓ ସରକାରୀ ଯୋଜନାଗୁଡ଼ିକର ସଠିକ୍ ସଦୁପଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ମହାରଣା ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ମଧ୍ୟସ୍ଥତାକାରୀ କ୍ଷଣପ୍ରଭା କର ଅନ୍ୟତମ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ଯୋଜନା ଓ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଆଇନଗତ ଅଧିକାର, ସାମାଜିକ ସୁରକ୍ଷା, ମହିଳାଙ୍କ ଅଧିକାର ଏବଂ ସରକାରୀ ଯୋଜନାରୁ ଉପଲବ୍ଧ ସୁବିଧା ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରଯାଇଥିଲା । ଉତ୍ସାହିତ କରିବା ନିମନ୍ତେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ଆଧାରିତ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ସୂର୍ଯ୍ୟ ନାରାୟଣ ସାହୁ, ପ୍ରତିଭା ସାହୁ ଏବଂ ଜଗନ୍ନାଥ ସାହୁ ବିଜେତା ହୋଇଥିଲେ। କାର୍ଯ୍ୟକ୍ରମଟି ପ୍ରାଧିକରଣ କର୍ମଚାରୀ ପବନ କୁମାର ବେହେରାଙ୍କ ଦ୍ୱାରା ସୁଚାରୁରୂପେ ସମନ୍ୱୟ କରାଯାଇଥିବା ବେଳେ ପାରା ଲିଗାଲ୍ ସ୍ୱେଚ୍ଛାସେବୀମାନେ ଏଥିରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା କୁମାରୀ ଦେଇ ଏବଂ ଉପସ୍ଥିତ ଛାତ୍ରଛାତ୍ରୀମାନେ ଏଭଳି ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ଜିଲ୍ଲା ବିଧି ସେବା ପ୍ରାଧିକରଣ, ନୟାଗଡ଼କୁ ପ୍ରଶଂସା କରିଥିଲେ। ବିଦ୍ୟାଳୟ ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ପିଲା ମାନଙ୍କ ସଚେତନତା ପାଇଁ ସହଯୋଗ କରିଥିଲେ । ସଚିବ ମଚ୍ଛଖଣ୍ଡଙ୍କ ସୂଚନା ଅନୁସାରେ ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳର ଲୋକମାନଙ୍କ ନିକଟରେ ଆଇନଗତ ସଚେତନତା ଓ ବିଭିନ୍ନ ଆଇନଗତ ସେବାର ସୁବିଧା ପହଞ୍ଚାଇବା ଉଦ୍ଦେଶ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନୟାଗଡ଼ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ଓ ସାଧାରଣ ଲୋକମାନେ ନିଜର ଆଇନଗତ ଅଧିକାର, ସରକାରୀ ଯୋଜନା ଏବଂ ନିଃଶୁଳ୍କ ଆଇନ ସେବା ସମ୍ପର୍କରେ ଅବଗତ ହୋଇପାରିବେ।

### ରାଇରଙ୍ଗପୁରର ଘରୋଇ ଶିଳ୍ପାନୁଷ୍ଠାନ ଡାଇନା ଫୋମରେ ଅଘଟଣ

# ୬୩ ବର୍ଷରୁ ଊର୍ଦ୍ଧ ବୟସରେ କେମିତି କରାଉଥିଲେ ଶ୍ରମିକ କାର୍ଯ୍ୟ

ରାଇରଙ୍ଗପୁର ,୨୮।୭ (ଆନିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦ ଅନ୍ତର୍ଗତ ଅଁଳାଡୁବା ନିକଟ ଅସନବଣୀ ସ୍ଥିତ ଡାଇନାଫୋମ୍ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ରେ ଚଳନ୍ତା ପ୍ରେସିଂ ରୋଲର ମେସିନରେ ବୃଦ୍ଧ ଶ୍ରମିକର ହାତ କଟି ଗୁରୁତର ୬୩ ବର୍ଷରୁ ଅଧିକ ବୟସରୁ ଅଧିକ ବୟସରେ ସରକାରଙ୍କ ନିୟମକୁ ଉଲଂଘନ କରି କେମିତି କରାଉ ଥିଲେ ଶ୍ରମିକ କାର୍ଯ ତାହାକୁ ନେଇ ଉଠୁଛି ପ୍ରଶ୍ନ ହାତ କଟି ଗୁରୁତର ହେବାରୁ ସଙ୍ଗେ ସଙ୍ଗେ ରାଇରଙ୍ଗପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ପରେ ତାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ଭୁବନେଶ୍ୱର ବଡ ଡାକ୍ତର ଖାନାକୁ ରେଫର କରାଯାଇଛି। ଏଇଠି ଶ୍ରମିକ ସୁରକ୍ଷା ନିୟମ ଉପରେ ଆସିଲା ବଡପ୍ରଶ୍ନ ରାଇରଙ୍ଗପୁରର ଶ୍ରମ ଅଧିକାରୀଙ୍କ କାର୍ଯ୍ୟ ଉପରେ ମଧ ଉଠିଲା ବିରାଟ ପ୍ରଶ୍ନ ୬୩ ବର୍ଷରୁ ଅଧିକ ବୟସର ଶ୍ରମିକକୁ ସରକାରଙ୍କ ନିୟମକୁ ଉଲଂଘନ କରି କେମିତି କରାଉ ଥିଲେ କାର୍ଯ ତାହାକୁ ନେଇ ମଧ ଉଠୁଛି ପ୍ରଶ୍ନ ଏଭଳି ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରରେ ରହିଥିବା ଘରୋଇ ଶିଳ୍ପାନୁଷ୍ଠାନ ଡାଇନା ଫୋମ୍ବରେ ସୂଚନା ଅନୁସାରେ ରାଇରଙ୍ଗପୁର ବ୍ଲକ ବାଦଡା ଗ୍ରାମର ରଘୁନାଥ ମହାନ୍ତ (୬୩) କମ୍ପାନୀ ଆରମ୍ଭରୁ ଉକ୍ତ କମ୍ପାନୀରେ କାର୍ଯ୍ୟ କରି ଆସୁଥିଲେ ଏବଂ ତାଙ୍କର ବୟସ ହୋଇଯିବାରୁ କମ୍ପାନୀ ପକ୍ଷରୁ ସେ ଅବସର ମଧ ହୋଇଥିଲେ ପରେ କମ୍ପାନୀ ତାଙ୍କୁ ଆଉଥରେ କାର୍ଯରେ ନିୟୋଜିତ କରିଥିଲା ତେବେ ଆଜି କାମ କରୁଥିବା ସମୟରେ ବୃଦ୍ଧ ଶ୍ରମିକ ରଘୁନାଥ ମହାନ୍ତଙ୍କ ବାମ ହାତଟି କୋଟି ଯାଇ ଅତ୍ୟଧିକ ରକ୍ତ ସ୍ରାବ ହୋଇ ଥିବାରୁ ସେ ଅଧିକ ଗୁରୁତର ହୋଇଥିଲେ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ର ବଡ ଡାକ୍ତରଖାନା କୁ ରେଫର କରାଯାଇଥିବା ଦେଖିବାକୁ ମିଳିଛି ସାଧାରଣତଃ ସରକାରଙ୍କ ଶ୍ରମିକ ନିୟମ ଅନୁସାରେ ଜଣେ ବ୍ୟକ୍ତି ୧୮-୬୦ ବର୍ଷ ମଧ୍ୟରେ କୌଣସି କମ୍ପାନୀରେ କାର୍ଯ୍ୟ କରିବା କଥା କିନ୍ତୁ ଏହି କମ୍ପାନୀରେ ତାର ଉଲଂଘନ ଦେଖିବାକୁ ମିଳିଛି ତେବେ ରାଇରଙ୍ଗପୁର ଶ୍ରମ ଅଧିକାରୀଙ୍କ କାର୍ଯାଳୟରୁ ମାତ୍ର ଦୁଇ କିଲୋମିଟର ଦୂରରେ ରହିଥିବା ବେଳେ କମ୍ପାନୀରେ ଯଦି ଶ୍ରମିକ ନିୟମ ଉଲଂଘନ ହେଉଛି ତାହେଲେ ସମ୍ପୂର୍ଣ୍ଣ ଉପଖଣ୍ଡରେ କଣ ହେଉଥିବ ତାହା ବେସ ସ୍ପଷ୍ଟ ବାରି ହେଉଛି ଉକ୍ତ ଘଟଣାକୁ ନେଇ ବିଭାଗ କମ୍ପାନୀ ଉପରେ କଣ ପଦକ୍ଷେପ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା ।



# ରାଜସୁନାଖଳା ଫାଣ୍ଡିକୁ ଥାନାର ମାନ୍ୟତା କେବେ

## ଅଞ୍ଚଳବାସୀଙ୍କ ଦାବି ଜୋରଦାର

ରଣପୁର ୨୮/୭(ଆନିସ ) ନୟାଗଡ଼ ଜିଲ୍ଲାର ରଣପୁର ଥାନା ଅଧୀନରେ ଥିବା ରାଜସୁନାଖଳା ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ କରିବା ପାଇଁ ଅଞ୍ଚଳବାସୀଙ୍କ ଦାବି ଦିନକୁ ଦିନ ଜୋରଦାର ହେବାରେ ଲାଗିଛି। ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ପରିଚିତ ରାଜସୁନାଖଳା ବର୍ତ୍ତମାନ ଦ୍ରୁତ ଗତିରେ ବିକାଶ ପଥରେ ଆଗେଇ ଚାଲିଥିବା ବେଳେ ଆଇନ-ଶୃଙ୍ଖଳା ରକ୍ଷା ଦିଗରେ ଏକ ସ୍ୱତନ୍ତ୍ର ଥାନାର ଆବଶ୍ୟକତା ଅନୁଭୂତ ହେଉଛି ରାଜସୁନାଖଳା ଫାଣ୍ଡି ପ୍ରାୟ ୯ଟି ଗ୍ରାମ ପଞ୍ଚାୟତକୁ ସେବା ଯୋଗାଇ ଆସୁଥିବା ବେଳେ ଏହାର କାର୍ଯ୍ୟ ପରିସର ବହୁତ ବିସ୍ତୃତ। ଏହା ରଣପୁର ଥାନାଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଅବସ୍ଥିତ। ଅଞ୍ଚଳରେ ବହୁ ସଂଖ୍ୟକ ସୁନା ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ, ସ୍କୁଲ, କଲେଜ ଓ ଚିକିତ୍ସାଳୟ ରହିଥିବାରୁ ଏଠାରେ ପ୍ରତିଦିନ ବିପୁଳ ଜନସମାଗମ ହୋଇଥାଏ। ସେହିପରି ଅଞ୍ଚଳର କେତେକ ସ୍ଥାନରେ ବେଆଇନ ଦେଶୀ ମଦ କାରବାର, ଚୋରା ଖଣି ଖନନ ଏବଂ ନିଶାଦ୍ରବ୍ୟ କାରବାର ଭଳି ଅସାମାଜିକ କାର୍ଯ୍ୟକଳାପ ବଢୁଥିବା ଅଭିଯୋଗ ମଧ ରହିଛି। ଏଭଳି ପରିସ୍ଥିତିରେ ଫାଣ୍ଡି ପକ୍ଷରୁ ସମଗ୍ର ଅଞ୍ଚଳକୁ ସୁଚାରୁ ଭାବେ ନିୟନ୍ତ୍ରଣ କରିବା ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଅଞ୍ଚଳବାସୀ ରାଜସୁନାଖଳାକୁ ଥାନାର ମାନ୍ୟତା ଦେବା ପାଇଁ ଦାବି କରିଆସୁଥିବା ବେଳେ ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ ମଧ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଏହାକୁ ଥାନାର ମାନ୍ୟତା ମିଳିନାହିଁ। ବର୍ତ୍ତମାନ ଅଞ୍ଚଳର ଜନସଂଖ୍ୟା ଓ ବ୍ୟବସାୟିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିବାରୁ ରାଜସୁନାଖଳା ଫାଣ୍ଡିକୁ ଥାନାରେ ଉନ୍ନୀତ କରାଗଲେ ଆଇନ-ଶୃଙ୍ଖଳା ପରିସ୍ଥିତି ଅଧିକ ସୁଦୃଢ଼ ହେବା ସହ ସାଧାରଣ ଲୋକେ ଶୀଘ୍ର ପୋଲିସ ସେବା ପାଇପାରିବେ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି। ତେଣୁ ରାଜ୍ୟ ସରକାର ଏହି ଦାବି ପ୍ରତି ଗୁରୁତ୍ୱ ଦେଇ ରାଜସୁନାଖଳା ଫାଣ୍ଡିକୁ ଶୀଘ୍ର ଥାନାର ମାନ୍ୟତା ପ୍ରଦାନ କରନ୍ତୁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।




# ଜିଲ୍ଲାପାଳଙ୍କ କୃତଜ୍ଞତା ଜ୍ଞାପନ

ପୁରୀ ୨୮/୭(ଆନିସ): ଚଳିତ ରଥଯାତ୍ରା ଶୃଙ୍ଖଳାର ସହ ଶେଷ ହୋଇ ଥିବାରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଛନ୍ତି।ରଥଯାତ୍ରା ର ପ୍ରଥମ ସୋପାନ ସ୍ନାନ ଯାତ୍ରା ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସମାପନ ହୋଇଥିଲା।ପରେ ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ, ଅଧରପଣା ଓ ରଥଯାତ୍ରା ର ଶେଷ ସୋପାନ ନୀଳାଦ୍ରି ବିଜେ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଛି।ବିଗତ ବର୍ଷ ମାନଙ୍କ ତୁଳନାରେ ପୁରୀ କୁ ଅଧିକ ଶ୍ରଦ୍ଧାଳୁ ଙ୍କ ଆଗମନ ଓ ପ୍ରତିକୂଳ ପାଗ ସତ୍ତ୍ୱେ ମହାପ୍ରଭୁଙ୍କ ଆଶୀର୍ବାଦ ରୁ ସବୁ କିଛି କୁଶଳ, ମଙ୍ଗଳ ରେ ସମ୍ପୂର୍ଣ୍ଣ ହୋଇଛି ବୋଲି ଜିଲ୍ଲାପାଳ ଶ୍ରୀ ପରିଡା କହିଛନ୍ତି।ଏଥିପାଇଁ ସେ ରାଜ୍ୟ ସରକାର,ଲୋକ ପ୍ରତିନିଧି, ଶ୍ରୀମନ୍ଦିର ପ୍ରଶାସନ, ଶ୍ରୀମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ, ସମସ୍ତ ପ୍ରଶାସନିକ ଅଧିକାରୀ,ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ସୁରକ୍ଷା ଅଧିକାରୀ ଓ କର୍ମଚାରୀ,ପୁରୀ ମହାନଗର ନିଗମର ଅଧିକାରୀ ଓ କର୍ମଚାରୀ,ଗଣମାଧ୍ୟମ ପ୍ରତିନିଧି, ସ୍ବେଚ୍ଛାସେବୀ ସଂଗଠନ, ଜିଲ୍ଲାର ସମସ୍ତ ନାଗରିକ,ବୁଦ୍ଧିଜୀବୀ ଓ ସମସ୍ତ ଶ୍ରଦ୍ଧାଳୁ ମାନଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଚିର ନିଦ୍ରାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ

ଗଣିଆ :୨୮/୭ (ଆନିସ): ଗଣିଆ ପାଟଣାସାହି ନିବାସୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଗଣିଆ ରାମମନ୍ଦିର ମୁଖ୍ୟଟ୍ରଷ୍ଟି, ରାମଲୀଳା ନାଟକ ନୃତ୍ୟଗୁରୁ ତଥା ଏ ଅଞ୍ଚଳର ଆବାଳ, ବୃଦ୍ଧବନିତାଙ୍କ ଆଦରଣୀୟ ଦ୍ୱିତୀକୃଷ୍ଣ ସାହୁଙ୍କର ହୃଦଘାତରେ ଆକସ୍ମିକ ବିୟୋଗ ହୋଇଯାଇଛି ସୂଚନାନୁଯାୟୀ ବିଳମ୍ବିତ ରାତିରେ ତାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ପରିବାରଲୋକେ ତାଙ୍କୁ ସ୍ଥାନୀୟ ଗଣିଆ ଗୋଷ୍ଠୀକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ ସେଠାରେ ତାଙ୍କର ଚିକିତ୍ସାର କିଛି ସମୟପରେ ଡାକ୍ତର ମୃତ ଘୋଷଣା କରିଥିଲେ ଏହି ଦୁଃଖଦ ଖବର ଶୁଣି ଶହ ଶହ ଶୁଭେଚ୍ଛୁଙ୍କ ଗହଳିରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ଦ୍ୱିତୀକୃଷ୍ଣ ସାରେ ଗଣିଆର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ର ବାର୍ତ୍ତାବହ ଥିଲେ ସବୁବେଳେ ଗଣିଆର ବିକାଶ କରିବାରେ ବ୍ୟଗ୍ର ଥିଲେ ଗଣିଆର ହାଇସ୍କୁଲ, ଶିଶୁରାଇଜ, ବୀଣାପାଣି ଯୁବକ ସଂଘ ଓ ରାମମନ୍ଦିର ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବିଶେଷକରି ରାମମନ୍ଦିର ନିର୍ମାଣର୍ଥେ ତାଙ୍କ ଯୋଗୁଁ ଅଜସ୍ର ଦାନ ମିଳିଥିଲା ଆଜି ଗଣିଆ ଜଣେ ସୁପୁତ୍ରକୁ ହରାଇଲା ତାଙ୍କ ମରଶରୀରକୁ ସ୍ୱର୍ଗଦ୍ୱାର ନେବାପାଇଁ ଗ୍ରାମବାସୀ ଓ ଶୁଭେଚ୍ଛୁଙ୍କ ଗହଣରେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମାକରି ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ବ୍ରାହ୍ମଣ ଏକତା ମଞ୍ଚର ସାମ୍ବାଦିକ ସମ୍ମିଳନୀ

ସୋନପୁର, ୨୮।୭ (ଆନିସ): ରବିବାର ସଂଧ୍ୟାରେ ମଝିପଡ଼ା ସ୍ଥିତ ଶ୍ରୀ ରାମ ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ବ୍ରାହ୍ମଣ ଏକତା ମଞ୍ଚ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଓ ସଭା ର ଆୟୋଜନ କରା ଯାଇଅଛି ଏହି ସଭାରେ ବ୍ରାହ୍ମଣ ସମାଜ ର ଉପଦେଷ୍ଟା ଶ୍ରୀ ଚମରୁ ରାମ ତ୍ରିପାଠୀ, ପଣ୍ଡିତ ଶିବ ନାରାୟଣ ପୂଝାରୀ, ରାଧେଶ୍ୟାମ ପୂଝାରୀ, ଓ କୈଳାଶ ଚନ୍ଦ୍ର ରଥ ଅତିଥି ଭାବରେ ଯୋଗଦେଇ ବ୍ରାହ୍ମଣ ସମାଜ ର ଏକତା ର ଲକ୍ଷ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଦେଶ ର ସୁରକ୍ଷା ସନାତନ ଧର୍ମ ଓ ବ୍ରାହ୍ମଣ ସଂସ୍କୃତି ର ସୁରକ୍ଷା ପାଇଁ ଆମ ଭିତରେ ଏକତା ପ୍ରତିଷ୍ଠା ଜରୁରୀ ବୋଲି ମତ ରଖି ଥିଲେ ବରିଷ୍ଠ ସଦସ୍ୟ ତଥା ଆଇନଜୀବୀ ପ୍ରଦୀପ ପୁରୋହିତ ଏହି ସଭା କୁ ସଂଯୋଜନା କରି ପ୍ରତି ବ୍ଲକ୍‌ରେ ଏହି ସଂଗଠନ ଗଠନ ହୋଇଥିବା ବେଳେ ଆଗାମୀ ୨ ତାରିଖ ର ବ୍ରାହ୍ମଣ ସମାବେଶ ରେ ନଗର ବ୍ରାହ୍ମଣ ସମାଜ ର କମିଟି ଚୟନ କରାଯିବ ବୋଲି କହିଥିଲେ ଓ ଆଗାମୀ ଦିନରେ ଜିଲ୍ଲା ରେ ବ୍ରାହ୍ମଣ ଏକତା ମଞ୍ଚ ର ଏକ ବିରାଟ ସମାବେଶ ଅନୁଷ୍ଠିତ ହେବ ଯେଉଁ ସମାବେଶ ରେ ପୁରୀ ଶଙ୍କରାଚାର୍ଯ୍ୟ ଙ୍କ ସମେତ ପୁରୀ ଗଜପତି ମହାରାଜାଙ୍କ ଉପସ୍ଥିତି ଓ ମାର୍ଗଦର୍ଶନ ରହିବ ବୋଲି ଶ୍ରୀ ପୁରୋହିତ କହିଥିଲେ ବରିଷ୍ଠ ସଦସ୍ୟ ଡ. ଆର୍ତ୍ତ ତ୍ରାଣ ବାବୁ, ଡ଼ ସନ୍ତୋଷ ପାଢୀ, ସୀତାଂଶୁ ଶେଖର ମିଶ୍ର, ଦୁଃଖୀରାମ ମିଶ୍ର ସଙ୍ଗଠନ ଉପରେ ମତ ରଖି ଥିଲେ ଆଜିର ଏଇ ସାମ୍ବାଦିକ ସମ୍ମିଳନୀ ଓ , ବୈକୁଣ୍ଠ ଶତପଥୀ, ପୀୟୂଷ ପଣ୍ଡା, ନାରାୟଣ ରଥ ପ୍ରମୁଖ ସହଯୋଗ କରିଥିବା ବେଳେ ଶତାଧିକ ବ୍ରାହ୍ମଣ ଯୋଗ ଦେଇଥିଲେ ବରିଷ୍ଠ ସଦସ୍ୟ ଅଟଳ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



# ଜିଲ୍ଲା ସ୍ତରୀୟ ହେପାଟାଇଟିସ ଦିବସ ପାଳିତ

ବାରିପଦା, ୨୮।୭ (ଆନିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଥିବା ସମ୍ମିଳନୀ କକ୍ଷରେ ଆଜି ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱନାଥ ଦାସଙ୍କ ଅଧ୍ୟକ୍ଷତା ରେ ହେପାଟାଇଟିସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡା. ସୌମ୍ୟରଞ୍ଜନ ନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଅନିଲ କୁମାର ମହାନ୍ତି,ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ, ଡାକ୍ତର ବିଭୁଦତ୍ତ ଦାସ, ଏପିଡେମିଲଜିଷ୍ଟ, ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ରର ଅଧ୍ୟକ୍ଷା ଭାରତୀ ଆରୁଖ ଏବଂ ପ୍ରଶିକ୍ଷିକା ତଥା ସମସ୍ତ ତାଲିମ କେନ୍ଦ୍ରର ଛାତ୍ରୀ ଏବଂ ଆଇସି ଟି ସି କେନ୍ଦ୍ରର ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଡାକ୍ତର ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏବର୍ଷ ର ବାର୍ତ୍ତା ହେପାଟାଇଟିସ ରୁ ସୁରକ୍ଷିତ ରହିବା ନିମନ୍ତେ ସମସ୍ତ ଭେଦଭାବ ଓ ପ୍ରତିବନ୍ଧକକୁ ଦୂର କରିବା ଉପରେ ବୁଝାଇଥିଲେ ହେପାଟାଇଟିସ ରୋଗ ହେଲେ ରୋଗୀର ଯକୃତ କିପରି କାର୍ଯ୍ୟ ନକରି ଅଚଳ ହୋଇଯାଏ ଏବଂ ରୋଗୀ ମୃତ୍ୟୁ ମୁଖରେ ପଡେ ସେ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାଷ ଚନ୍ଦ୍ର ନାୟକ ହେପାଟାଇଟିସ ରୋଗର ଭୟବାହାତା ସମ୍ପର୍କରେ ଆଲୋକପାତ କରିବା ସହ ମାରାତ୍ମକ ରୋଗରୁ ରକ୍ଷା ପାଇବାପାଇଁ ସମସ୍ତ ସତର୍କତା ଅବଲମ୍ବନ କାରିବାପାଇଁ ପରାମର୍ଶ ଦେଇଥିଲେ ଉକ୍ତ ସଭାରେ ମୁଖ୍ୟ ବକ୍ତା ଡା. ସୋମ୍ୟରଞ୍ଜନ ନାୟକ କହିଥିଲେ ଯେ ହେପାଟାଇଟିସ ବି, ସି ଏବଂ ଡି ରକ୍ତ ଓ ରକ୍ତ ଜାତ ଉପାଦାନ ଏବଂ ବ୍ୟବହୃତ ହେଉଥିବା ସାମଗ୍ରୀ ଦ୍ୱାରା ବ୍ୟାପି ଥାଏ ଓ ହେପାଟାଇଟିସ ଏ ଓ ଇ ଦୂଷିତ ଜଳ ଓ ଖାଦ୍ୟ ଦ୍ୱାରା ବ୍ୟାପି ଥାଏ। ଏହି ରୋଗର ନିୟନ୍ତ୍ରଣ ନିମନ୍ତେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ମାଗଣା ପରୀକ୍ଷା ଓ ଚିକିତ୍ସା ବିଷୟରେ ଅବଗତ କରାଇଥିଲେ। ସମସ୍ତ ଗର୍ଭବତୀ ମହିଳା ମାନଙ୍କ ର ପରୀକ୍ଷା କରି ଚିକିତ୍ସା କରିବା ନିତ୍ୟାନ୍ତ ଜରୁରୀ ଅଟେ ଯଦ୍ଵାରା ଏହା ଚିରକାଳୀନ ରୋଗ ରେ ପରିଣତ ନହୁଏ ସେଥି ପ୍ରତି ସତର୍କ ହେବା। ଶିଶୁ ଜନ୍ମ ହେବାର ୨୪ ଘଣ୍ଟା ମଧ୍ୟରେ ହେପାଟାଇଟିସ ବି ଟୀକା କରଣ କରାଇବା ଜରୁରୀ ବୋଲି କହିଥିଲେ। ଏହାକୁ ପ୍ରତିହତ କରିବା ପାଇଁ ବ୍ୟାପକ ଜନ ସଚେତନ ଆବଶ୍ୟକ ରହିଛି ଏବଂ ସମୟଚିତ ପଦକ୍ଷେପ ନେବା ନିମନ୍ତେ କିଛି ଉପଦେଶାତ୍ମକ ଡାକ୍ତରୀ ପରାମର୍ଶ ଦେଇଥିଲେ।

ଜିଲ୍ଲା ଏପିଡେମିଓଲୋଜିଷ୍ଟ ଡା. ବିଭୁଦତ୍ତ ଦାସ ମୟୁରଭଞ୍ଜ ଜିଲ୍ଲା ର ହେପାଟାଟିସ ରୋଗର ସବିଶେଷ ତଥ୍ୟ ପ୍ରଦାନ କରିବା ସହ କିଭଳି ବିଭିନ୍ନ କାର୍ଯକ୍ରମ ଚାଲୁଅଛି ସେ ବିଷୟରେ କହିଥିଲେ ।

ଏହି ଅବସରରେ ୨୫ ଜଣଙ୍କର ହେପାଟାଇଟିସ ପରୀକ୍ଷା କରାଯାଇଥିଲା। ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଗଣେଶ୍ୱର ମହାନ୍ତି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଏବଂ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।



# ପାଣି ଘେରରେ ବିନିକା ଗଜପତି ନଗର

ବିନିକା, ୨୮।୭ (ଆନିସ )ବିନିକା ଅଞ୍ଚଳରେ ଦୁଇ ଦିନ ଧରି ପ୍ରବଳ ବର୍ଷା ଲାଗି ରହିଛି ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ଏପରି ସ୍ଥିତି ରେ ବିନିକା ୯ ନମ୍ବର ୱାର୍ଡ ଗଜପତି ନଗର ପାଣି ଘେରରେ ରହିଛି ସୁଚନା ଅନୁସାରେ ବିନିକା ଗଜପତି ନଗର ରେ ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ଲଗାଣ ବର୍ଷା ଯୋଗୁଁ ବର୍ଷା ପାଣି ଡ୍ରେନେଜ୍ ହୋଇ ନ ପାରି ପାଣି ଜମିରହି ଚାରି ପାର୍ଶ୍ବରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଫଳରେ ସ୍ଥାନୀୟ ଲୋକେ ଯାତାୟତ ରେ ବହୁ ଅସୁବିଧା ର ସମ୍ମୁଖିନ ହେଉଛନ୍ତି ଖବର ପାଇ ବିନିକା ଅଗ୍ନିଶମ ବାହିନୀ ପହଞ୍ଚି ପମ୍ପ ସାହାଯ୍ୟରେ ପାଣି ନିଷ୍କାସନ ପାଇଁ ଜାରି ରଖିଥିବା ସୂଚନା ମିଳିଛି ।

# କାମରେ ଆସୁନି ବ୍ଲକ ପରିସଂଖ୍ୟାନ କାର୍ଯ୍ୟାଳୟ

ରଣପୁର, ୨୮।୭(ଆନିସ )ନୟାଗଡ଼ ଜିଲ୍ଲା ରଣପୁର ବ୍ଲକରେ ଥିବା ପରିସଂଖ୍ୟାନ କାର୍ଯ୍ୟାଳୟ ଏବେ ସାଧାରଣ ଲୋକଙ୍କ ପାଇଁ ପ୍ରାୟ ଅକାମୀ ହୋଇପଡ଼ିଛି। କାର୍ଯ୍ୟାଳୟର ଦ୍ୱାର ଅଧିକାଂଶ ସମୟରେ ତାଲା ପଡ଼ି ରହୁଥିବାରୁ ଏହାର କାର୍ଯ୍ୟକଳାପ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ଉଠିଛି। ଏହି କାର୍ଯ୍ୟାଳୟରେ କେଉଁ କେଉଁ କାମ କରାଯାଉଛି, କେତେ ଜଣ କର୍ମଚାରୀ ନିଯୁକ୍ତ ଅଛନ୍ତି ଏବଂ ସରକାରଙ୍କ ପକ୍ଷରୁ ଏହାକୁ କେଉଁ ଉଦ୍ଦେଶ୍ୟରେ ସ୍ଥାପନ କରାଯାଇଛି, ସେସବୁ ସମ୍ପର୍କରେ ସାଧାରଣ ଲୋକ ଅନ୍ଧାରରେ ଅଛନ୍ତି।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କାର୍ଯ୍ୟାଳୟକୁ ଦେଖିଲେ ଅଧିକାଂଶ ସମୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଫଳରେ ସରକାରୀ ଅର୍ଥରେ ନିର୍ମିତ ଏହି କାର୍ଯ୍ୟାଳୟର ଉପଯୋଗିତା ନେଇ ପ୍ରଶ୍ନ ଉଠିଛି। ପରିସଂଖ୍ୟାନ ସଂଗ୍ରହ ଓ ବିଭିନ୍ନ ସରକାରୀ ଯୋଜନାର ତଥ୍ୟ ସଂକଳନ ଭଳି ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ଏହି କାର୍ଯ୍ୟାଳୟ ରହିଥିଲେ ମଧ, ତାହା କେତେଦୂର କାର୍ଯ୍ୟକ୍ଷମ ତାହା ନେଇ ସନ୍ଦେହ ସୃଷ୍ଟି ହୋଇଛି।ସ୍ଥାନୀୟ ବାସିନ୍ଦାଙ୍କ ଦାବି, ଏହି କାର୍ଯ୍ୟାଳୟର କାର୍ଯ୍ୟ ସମ୍ପର୍କରେ ସ୍ୱଚ୍ଛତା ରକ୍ଷା କରାଯାଉ ଏବଂ ନିୟମିତ ଭାବେ କାର୍ଯ୍ୟାଳୟ ଖୋଲା ରଖି ଲୋକଙ୍କୁ ସେବା ଯୋଗାଇ ଦିଆଯାଉ। ଏହାସହ କାର୍ଯ୍ୟାଳୟର କାର୍ଯ୍ୟଦକ୍ଷତା ଏବଂ ଉପସ୍ଥାନ ନେଇ ସମ୍ପୃକ୍ତ ବିଭାଗ ପକ୍ଷରୁ ତଦନ୍ତ କରାଯିବାକୁ ମଧ ଦାବି ହେଉଛି।

# ପ୍ରଶାସନିକ ଅବହେଳା ବର୍ଷ ବର୍ଷ ଧରି ବ୍ୟବସାୟୀ ମୁନାଫାଖୋର

## ବିଦ୍ୟାଳୟ ସମ୍ମୁଖରେ ବେଆଇନ୍ ମଦ କାରବାର
## ୨୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ବିପଦରେ
## ବର୍ଷ ବର୍ଷ ଧରି ଅଭିଯୋଗ ପରେ ବି ନାହିଁ ସ୍ଥାୟୀ ସମାଧାନ

ନୟାଗଡ, ୨୮/୭ (ଆନିସ): ଶିକ୍ଷାନୁଷ୍ଠାନ ହେଉଛି ସମାଜର ଭବିଷ୍ୟତ ଗଢ଼ିବାର ପବିତ୍ର ସ୍ଥାନ। କିନ୍ତୁ ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ବାରଙ୍ଗଗାଡ଼ିଆ ହାଇସ୍କୁଲ ଓ ଖଣ୍ଡିଆବନ୍ଧ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଦୀର୍ଘ ଦିନ ଧରି ବେଆଇନ୍ ଭାବେ ମଦ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ବିକ୍ରି ହେଉଥିବା ନେଇ ସ୍ଥାନୀୟ ଲୋକଙ୍କ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ପ୍ରାୟ ୨୫୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ଏହି ଦୁଇ ବିଦ୍ୟାଳୟର ମୁଖ୍ୟ ଫାଟକଠାରୁ ମାତ୍ର ୧୦ରୁ ୧୫ ମିଟର ଦୂରରେ ଏପରି କାରବାର ଚାଲୁଥିବା ଅଭିଯୋଗ ସମଗ୍ର ଅଞ୍ଚଳରେ ଉଦବେଗ ସୃଷ୍ଟି କରିଛି। ସ୍ଥାନୀୟ ମହିଳା, ଅଭିଭାବକ ଓ ଜନସାଧାରଣ ବାରମ୍ବାର ବିରୋଧ କରିବା ସହ ପୂର୍ବରୁ ନୟାଗଡ଼ ଜିଲ୍ଲାପାଳ ଏବଂ ଚାନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିବା କୁହାଯାଉଛି। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ, ସ୍ଥାନୀୟଙ୍କ ଅଭିଯୋଗ ଅନୁସାରେ ବେଆଇନ କାରବାର ବନ୍ଦ ହେବା ପରିବର୍ତ୍ତେ ଆହୁରି ବଢ଼ିଚାଲିଛି। ଏହା ପ୍ରଶାସନ ଓ ଅବକାରୀ ବିଭାଗର କାର୍ଯ୍ୟଦକ୍ଷତା ଉପରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ୨୫ ତାରିଖ ସନ୍ଧ୍ୟାରେ ଘଟିଥିବା ଏକ ଘଟଣା ଏହି ସମସ୍ୟାର ଭୟାବହତାକୁ ଆହୁରି ସ୍ପଷ୍ଟ କରିଛି। ଅଭିଯୋଗ ଅନୁଯାୟୀ, ଜଣେ ଯୁବକ ମଦ୍ୟପାନ କରି ଘରେ ଅଶାନ୍ତି ସୃଷ୍ଟି କରିବା ପରେ ତାଙ୍କ ବାପା ଓ ମା ସମ୍ପୃକ୍ତ ବ୍ୟବସାୟୀଙ୍କ ନିକଟକୁ ଯାଇ ପ୍ରତିବାଦ କରିଥିଲେ। କିନ୍ତୁ ବେଆଇନ ବ୍ୟସାୟରେ ଲିପ୍ତ ଥିବା ଉଭୟ ଜନୈକ ବାପପୁଅ ସେମାନଙ୍କ ଉପରେ ଓଲଟା ଉତକ୍ଷିପ୍ତ ହେବାରୁ ପରିସ୍ଥିତି ଅଣାୟତ ହୋଇଥିଲା। ବାରଙ୍ଗ ଗାଡିଆ ଗ୍ରାମର ଦୁଇ ସଚେତନ ଯୁବକ ରଶ୍ମିକାନ୍ତ ପାହାଡାସିଂହ ଓ ପ୍ରଦୀପ କୁମାର ପରିଡ଼ା ସେହି ସମୟରେ ଉଭୟ ପକ୍ଷଙ୍କୁ ବୁଝାସୁଝା କରିଥିଲେ ମଧ ବେଆଇନ୍ ବ୍ୟବସାୟୀଙ୍କ ବ୍ୟବହାର ସେମାନଙ୍କୁ ଚକିତ କରିଥିଲା। ତେଣୁ ସେମାନେ ବାଧ ହୋଇ ମୋବାଇଲରେ ଘଟଣାର ଭିଡିଓ ଉତ୍ତୋଳନ କରୁଥିବା ସମୟରେ ଉଭୟ ବେଆଇନ୍ ମଦ ବ୍ୟବସାୟରେ ଲିପ୍ତ ଥିବା ବାପ-ପୁଅ ଉଭୟଙ୍କ ଉପରକୁ ଅଣ୍ଡା କାଚ ବୋତଲରେ ଆକ୍ରମଣ କରିଥିଲେ। ଘଟଣା ସ୍ଥଳରେ ପ୍ରଦୀପ ଅଳ୍ପକେ ରକ୍ଷା ପାଇଯାଇଥିବା ବେଳେ ରଶ୍ମିକାନ୍ତ ପାହାଡାସିଂହଙ୍କ ବାମ ଆଖିର ଉପରିଭାଗ କପାଳ ଫାଟି ରକ୍ତାକ୍ତ ହୋଇଥିଲା। ତୁରନ୍ତ ଚିକିତ୍ସା ଚାନ୍ଦପୁର ଡାକ୍ତରଖାନାରେ ହେବାସହ ଏନେଇ ଚାନ୍ଦପୁର ଥାନାରେ ଲିଖିତ ଏତଲା ଦାଖଲ ହୋଇଥିବା ବେଳେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ସାଧାରଣ ଲୋକଙ୍କ ମନରେ ଏବେ ଗୋଟିଏ ପ୍ରଶ୍ନ- ଯଦି ବିଦ୍ୟାଳୟ ସମ୍ମୁଖରେ ଦୀର୍ଘ ଦିନ ଧରି ବେଆଇନ ମଦ କାରବାର ଚାଲିଥିବା ନେଇ ବାରମ୍ବାର ଅଭିଯୋଗ ହୋଇଛି, ତେବେ ଅବକାରୀ ବିଭାଗର ନଜର କେଉଁଠି ବିଦ୍ୟାଳୟ ସନ୍ନିକଟ ସମ୍ବେଦନ ଶୀଳସ୍ଥାନରେ ବେଆଇନ୍ ବ୍ୟବସାୟୀଙ୍କ ପ୍ରତି ଚଢ଼ାଉ ହେଉନାହିଁ କାହିଁକି ଏହି ପ୍ରଶ୍ନର ସ୍ପଷ୍ଟ ଉତ୍ତର ଦେବା ସମ୍ପୃକ୍ତ ବିଭାଗର ଦାୟିତ୍ୱ। ପ୍ରଶାସନର ନୀରବତା ଯେତେ ଲମ୍ବା ହେବ, ସମାଜରେ ସେତେ ଭୁଲ ବାର୍ତ୍ତା ଯିବ ଯେ ବେଆଇନ କାରବାର ବିରୋଧରେ ସ୍ୱର ଉଠାଇଲେ ମଧ ସୁଫଳ ମିଳୁନାହିଁ।ବିଦ୍ୟାଳୟ ପାଖରେ ନିଶାଦ୍ରବ୍ୟର ସହଜ ଉପଲବ୍ଧତା କେବଳ ଆଇନ ଉଲ୍ଲଙ୍ଘନ ନୁହେଁ, ଏହା ଶିଶୁ ଓ କିଶୋରମାନଙ୍କ ଭବିଷ୍ୟତ ପ୍ରତି ଏକ ବଡ଼ ବିପଦ। ନିଶାର କବଳରେ ପଡ଼ି ଅନେକ ପରିବାର ଉଜୁଡ଼ିଯାଉଛି, ଘରୋଇ ହିଂସା ବଢୁଛି ଏବଂ ସାମାଜିକ ଅପରାଧ ମଧ ବୃଦ୍ଧି ପାଉଛି। ଏହାର ସ୍ଥାୟୀ ସମାଧାନ କଣ କେବଳ ଚଢ଼ାଉ କିମ୍ବା କିଛିଦିନର କାର୍ଯ୍ୟାନୁଷ୍ଠାନରେ ସମାଧାନ ହେବ ନାହିଁ। ବେଆଇନ ନିଶା କାରବାର ବିରୋଧରେ ଲଢ଼େଇ କେବଳ ପୋଲିସ କିମ୍ବା ଅବକାରୀ ବିଭାଗର ନୁହେଁ ଏହା ସମଗ୍ର ସମାଜର ଦାୟିତ୍ୱ। ତେବେ ଯେତେବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଫଳପ୍ରଦ ପଦକ୍ଷେପ ଦୃଶ୍ୟମାନ ହୁଏନାହିଁ, ସେତେବେଳେ ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଆଶା କରାଯାଉଛି, ସମ୍ପୃକ୍ତ କର୍ତ୍ତୃପକ୍ଷ ଏହି ଅଭିଯୋଗଗୁଡ଼ିକର ନିରପେକ୍ଷ ତଦନ୍ତ କରି, ଯଦି ଆଇନ ଉଲ୍ଲଙ୍ଘନ ପ୍ରମାଣିତ ହୁଏ, ତେବେ ବେଆଇନ ମଦ କାରବାରକୁ ସବୁଦିନ ପାଇଁ ବନ୍ଦ କରି ଛାତ୍ରଛାତ୍ରୀଙ୍କୁ ଏକ ସୁରକ୍ଷିତ, ନିଶାମୁକ୍ତ ଶିକ୍ଷା ପରିବେଶ ଫେରାଇ ଦେବେ ବୋଲି ଆଶା ଓ ବିଶ୍ୱାସ।

## ମାଲକାନଗିରିରେ ଏସଆଇଆର ସମୀକ୍ଷା

# କ୍ଷେତ୍ର ପରିଦର୍ଶନରେ ସରକାରଙ୍କ ଉପସଚିବ ଶ୍ରୀ ଜିତେନ୍ଦ୍ର କୁମାର ପାତ୍ର



ମାଲକାନଗିରି,୨୮।୭ (ଆନିସ): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଅଧୀନରେ ନୋଟିସ୍ ଏବଂ ଶୁଣାଣି ପର୍ଯ୍ୟାୟର ସମୀକ୍ଷା ପାଇଁ ସରକାରଙ୍କ ଉପସଚିବ ଜିତେନ୍ଦ୍ର କୁମାର ପାତ୍ର ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି। ଏହି ଗସ୍ତକାଳରେ ସେ ଜିଲ୍ଲାର କ୍ଷେତ୍ର ସ୍ତରୀୟ କାର୍ଯ୍ୟକଳାପର ଉଚ୍ଚସ୍ତରୀୟ ଅନୁଧ୍ୟାନ କରିବା ସହ ଏସ ଆଇଆର ପ୍ରକ୍ରିୟାରେ ନିୟୋଜିତ କର୍ମଚାରୀମାନଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ବିଶେଷ କରି ଜିଲ୍ଲାରେ ନୋଟିସ୍ ପ୍ରସ୍ତୁତି, ବଣ୍ଟନ, ଶୁଣାଣି ଏବଂ ବିଭିନ୍ନ ମାମଲା ଗୁଡ଼ିକର ଦ୍ରୁତ ନିଷ୍ପତ୍ତିର ଅଗ୍ରଗତି ନେଇ ସେ ମାଲକାନଗିରି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ବ୍ୟାପକ ଆଲୋଚନା କରିଛନ୍ତି। ଏହା ସହିତ ସେ ଜିଲ୍ଲାର ମନୋନୀତ ଏଇଆରଓ କାର୍ଯ୍ୟାଳୟ ଗୁଡ଼ିକ ପରିଦର୍ଶନ କରି ନୋଟିସ୍ ଏବଂ ଶୁଣାଣି ପର୍ଯ୍ୟାୟର ଅନୁଧ୍ୟାନ କରିବା ସହ ସେଠାରେ କାର୍ଯ୍ୟରତ ପ୍ରଶାସନିକ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ , ସୁପରଭାଇଜର ଏବଂ ଅନ୍ୟାନ୍ୟ ନିର୍ବାଚନ କର୍ମଚାରୀମାନଙ୍କ ସହ ଏସଆଇଆର ପ୍ରକ୍ରିୟାର ସଫଳ ତଥା ସ୍ୱଚ୍ଛ କାର୍ଯ୍ୟକାରିତା ସମ୍ପର୍କରେ ପ୍ରତ୍ୟକ୍ଷ ସମୀକ୍ଷା କରିଛନ୍ତି।

ଏହି କ୍ରମରେ ଉପସଚିବ ଶ୍ରୀ ପାତ୍ର ଖଇରପୁଟ ତହସିଲ କାର୍ଯ୍ୟାଳୟ ଗସ୍ତ କରି ଏସଆଇଆର-୨୦୨୬ ଅଧୀନରେ ଚାଲିଥିବା ଦାବି ଓ ଆପତ୍ତି ନୋଟିସ୍‌ର ଶୁଣାଣି ପ୍ରକ୍ରିୟାର କ୍ଷେତ୍ର ସ୍ଥିତି ନିରୀକ୍ଷଣ କରିଛନ୍ତି। ଏହି ପରିଦର୍ଶନ ସମୟରେ ୧୪୬-ମାଲକାନଗିରି ବିଧାନସଭା ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଖଇରପୁଟର ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଖଇରପୁଟର ଏଇଆରଓ

ତଥା ତହସିଲଦାର ତାଙ୍କ ସହ ଉପସ୍ଥିତ ରହି ପ୍ରକ୍ରିୟା ସମ୍ପର୍କିତ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଥିଲେ। ଏହାପରେ ଉପସଚିବ ସ୍ଥାନୀୟ ମୁଦୁଲିପଡ଼ା ଅଞ୍ଚଳ ଗସ୍ତ କରି ସେଠାକାର ଭୋଟରମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ସ୍ଥାନୀୟ ନାଗରିକମାନଙ୍କ ସହ ଏସଆଇଆର-୨୦୨୬ ପ୍ରକ୍ରିୟା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରଶାସନିକ କିମ୍ବା ବୈଷୟିକ ଆହ୍ୱାନ ସମ୍ପର୍କରେ ପଚାରି ବୁଝିଛନ୍ତି ଏବଂ ଏହାର ଉଚିତ ପ୍ରତିକାର ପାଇଁ ଆଶ୍ୱାସନା ଦେଇଛନ୍ତି।

ଏହି ସମୀକ୍ଷା କାର୍ଯ୍ୟକ୍ରମ ଅବସରରେ ଉପସଚିବ ଶ୍ରୀ ପାତ୍ର ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇ କହିଛନ୍ତି, ଏସଆଇଆର ପ୍ରକ୍ରିୟାରେ ସମସ୍ତ ନୋଟିସ୍‌ର ଶୁଣାଣି ଯେପରି ସମ୍ପୂର୍ଣ୍ଣ ସ୍ୱଚ୍ଛତା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବ, ତାହା ନିଶ୍ଚିତ କରାଯାଉ। କୌଣସି ବି ପରିସ୍ଥିତିରେ ଯେପରି ଜଣେ ବି ସାଧାରଣ ଯୋଗ୍ୟ ନାଗରିକ ନିଜର ଗଣତାନ୍ତ୍ରିକ ଭୋଟ୍ ଅଧିକାରରୁ ବଞ୍ଚିତ ନ ହୁଅନ୍ତି ଏବଂ ପ୍ରଶାସନିକ ସ୍ତରରେ ଜନସାଧାରଣ କିମ୍ବା ବୟୋଜ୍ୟେଷ୍ଠ ବୃଦ୍ଧବୃଦ୍ଧାମାନଙ୍କୁ ଯେପରି କୌଣସି ଅଯଥା ହଇରାଣ ବା ମାନସିକ ଅସୁବିଧାର ସମ୍ମୁଖୀନ ହେବାକୁ ନ ପଡ଼େ, ସେଥିପ୍ରତି ସମସ୍ତ ନିର୍ବାଚନ ଅଧିକାରୀ ଅତି ସମ୍ବେଦନଶୀଳତାର ସହ କାର୍ଯ୍ୟ କରନ୍ତୁ। ଏହି କ୍ଷେତ୍ର ପରିଦର୍ଶନ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏକ ସମୀକ୍ଷା ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ସହକାରୀ ଜିଲ୍ଲାପାଳ ନିର୍ବାଚନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଲକାନଗିରି , ନିର୍ବାହୀ ଅଧିକାରୀ ଏବଂ ଡେପୁଟି କଲେକ୍ଟର ସୀତଲ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସରକାରୀ ପ୍ରକ୍ରିୟାର ସୁପରିଚାଳନାରେ ସହଯୋଗ କରିଥିଲେ।

## ଆମ୍ବାଦଲାର ଧାର୍ମିକ ପରମ୍ପରାର ଭରସା

# ପୁରୋହିତ ଅକ୍ଷୟ ରଥ, ବିଜୟ ମିଶ୍ର ଓ ବିପିନ ବିହାରୀ କର

ମୁନିଗୁଡା ,୨୮।୭(ଆନିସ) ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଅଞ୍ଚଳରେ ଯେକୌଣସି ଧାର୍ମିକ ପର୍ବ କିମ୍ବା ପୂଜାର୍ଚ୍ଚନାର କଥା ଉଠିଲେ ସର୍ବପ୍ରଥମେ ମନେ ପଡ଼ନ୍ତି ପୁରୋହିତ ଅକ୍ଷୟ ରଥ, ବିଜୟ ମିଶ୍ର ଓ ବିପିନ ବିହାରୀ କର। ପେଶାରେ ଶିକ୍ଷକ ହୋଇଥିଲେ ମଧ୍ୟ ଧାର୍ମିକ ପରମ୍ପରାର ସଂରକ୍ଷଣ ଓ ନିଷ୍ଠାପୂର୍ଣ୍ଣ ସେବା ପାଇଁ ଏହି ତିନିଜଣ ଆମ୍ବାଦଲା ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

ଦୀର୍ଘ ବର୍ଷ ଧରି ଦଶହରା, କୁମାର ପୂର୍ଣ୍ଣିମା, କୋଜାଗରୀ ଲକ୍ଷ୍ମୀପୂଜା, ରଥଯାତ୍ରା, ବାହୁଡ଼ା ଯାତ୍ରା ସମେତ ବିଭିନ୍ନ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ, ଯଜ୍ଞ ଓ ଅନ୍ୟାନ୍ୟ ବୈଦିକ କାର୍ଯ୍ୟରେ ସେମାନଙ୍କ ଉପସ୍ଥିତି ଅପରିହାର୍ଯ୍ୟ ହୋଇପଡ଼ିଛି। ଶାସ୍ତ୍ରସମ୍ମତ ବିଧିରେ ପୂଜାର୍ଚ୍ଚନା ସମ୍ପନ୍ନ କରିବା ସହ ସମାଜରେ ଧାର୍ମିକ ଚେତନା ବୃଦ୍ଧିରେ ମଧ୍ୟ ସେମାନେ ଉଲ୍ଲେଖନୀୟ ଭୂମିକା ନିଭାଇ ଆସୁଛନ୍ତି।

ଚଳିତ ବର୍ଷ ଆମ୍ବାଦଲାର ନବନିର୍ମିତ ଶ୍ରୀଶ୍ରୀ ଦଧିବାମନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ରଥଯାତ୍ରା ଓ ବାହୁଡ଼ା ଯାତ୍ରାରେ ମଧ୍ୟ ଏହି ତିନିଜଣ ପୁରୋହିତଙ୍କ ସକ୍ରିୟ ଭୂମିକା ଭକ୍ତମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ବୈଦିକ ମନ୍ତ୍ରୋଚ୍ଚାରଣ, ନୀତିକାନ୍ତି ଓ ଧାର୍ମିକ ଆଚାରବିଧିକୁ ସୁଚାରୁ ଭାବେ ସମ୍ପନ୍ନ କରି ସେମାନେ ଉତ୍ସବକୁ ଆଧ୍ୟାତ୍ମିକ ପରିବେଶରେ ପରିଣତ କରିଥିଲେ।ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଧାର୍ମିକ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସମ୍ପନ୍ନ କରିବାରେ ଏହି ତିନିଜଣଙ୍କ ନିଷ୍ଠା, ଅଭିଜ୍ଞତା ଓ ସେବାଭାବ ଅଞ୍ଚଳରେ ସେମାନଙ୍କୁ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ କରିଛି। ଶିକ୍ଷକତା ସହ ସାମାଜିକ ଓ ଧାର୍ମିକ କ୍ଷେତ୍ରରେ ସେମାନଙ୍କ ଅବଦାନ ଆମ୍ବାଦଲାର ସାଂସ୍କୃତିକ ପରମ୍ପରାକୁ ଆହୁରି ସମୃଦ୍ଧ କରିଛି।ଧାର୍ମିକ ପରମ୍ପରାକୁ ପିଢ଼ି ପରେ ପିଢ଼ି ଜୀବନ୍ତ ରଖିବା ଦିଗରେ ଏଭଳି ନିଷ୍ଠାବାନ୍? ପୁରୋହିତମାନଙ୍କ ଅବଦାନକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଭକ୍ତବୃନ୍ଦ ଉଚ୍ଚ ପ୍ରଶଂସା କରୁଛନ୍ତି।

# ଗୁଗାପଦର ପାଇଁ ମଞ୍ଜୁର ରାସ୍ତା କଟୁଆପଦରେ ନିର୍ମାଣ! ଗ୍ରାମବାସୀଙ୍କ ପ୍ରଜାମେଳି, ତଦନ୍ତ ଦାବି



ମାଥିଲି,୨୮।୭ (ଆନିସ): ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକର ଗୁଗାପଦର ଗ୍ରାମରେ ସଡ଼କ ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି। ଯାହାକୁ ନେଇ ସ୍ଥାନୀୟ ଲୋକେ ମେଳି କରି ବିକ୍ଷୋଭ କରିଛନ୍ତି। ଅଭିଯୋଗ ଅନୁଯାୟୀ , ମାଥିଲି ବ୍ଲକର କର୍ତ୍ତନପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ବାରା ଗ୍ରାମର ମାଳିଗୁଡାଠାରୁ ଗୁଗାପଦର ପର୍ଯ୍ୟନ୍ତ ସଡ଼କ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଯୋଜନାରେ ୩୬.୬୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ସମ୍ପୃକ୍ତ ବିଭାଗ ଏହି କାର୍ଯ୍ୟକୁ ଗୁଗାପଦର ପରିବର୍ତ୍ତେ କଦଭଟ୍ଟାରୁ କଟୁଆପଦର ପର୍ଯ୍ୟନ୍ତ କରୁଛି।

ଏହାର ପ୍ରତିବାଦରେ ସୋମବାର ଗୁଗାପଦର ଗ୍ରାମବାସୀ ପ୍ରଜାମେଳି କରି କ୍ଷୋଭ ପ୍ରକାଶ କରିଥିଲେ। ଦୀର୍ଘଦିନ ଧରି ମାଓବାଦୀ ପ୍ରଭାବିତ ଅଞ୍ଚଳରେ ରହିବା ପରେ ମୌଳିକ ସୁବିଧା ପାଇବାର ଆଶା ରଖିଥିବା ଗ୍ରାମବାସୀମାନେ ନିଜ ଗ୍ରାମ ପାଇଁ ମଞ୍ଜୁର ସଡ଼କ ଅନ୍ୟତ୍ର ନିର୍ମାଣ ହେଉଥିବା ନେଇ ପ୍ରଶ୍ନ ଉଠାଇଛନ୍ତି। ହାତରେ ପାରମ୍ପରିକ ଅସ୍ତ୍ର ଶସ୍ତ୍ର ଧରି ଲୋକେ ବିକ୍ଷୋଭ କରିଛନ୍ତି।

ସେମାନେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଓ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଦାବି ପୂରଣ ନହେଲେ କୋୟା, ଦୁରୁଆ ସମେତ ଆଦିବାସୀ ସମ୍ପ୍ରଦାୟ ରାଜରାସ୍ତାକୁ ଓହ୍ଲାଇ ବ୍ୟାପକ ଜନଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଗଜପତିରୁ ମହାରାଷ୍ଟ୍ରକୁ ଗଞ୍ଜେଇ ଚୋରାରେ ଚାଲାଣ ବେଳେ ଜବତ, ୩ ଗିରଫ



ପାରଳାଖେମୁଣ୍ଡି,୨୮।୭ (ଆନିସ): ଗଜପତି ଜିଲ୍ଲା ମୋହନ ଥାନା ଅଞ୍ଚଳରୁ ମହାରାଷ୍ଟ୍ରକୁ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଚୋରାଚାଲାଣ ବେଳେ ପୋଲିସ ଗଞ୍ଜେଇକୁ ଜବତ କରିବା ସହ ଏଥିରେ ୩ ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି. ଘଟଣାରୁ ପ୍ରକାଶ, ରାଇସିଂ ଛକ ନିକଟରେ ପୋଲିସ ସନ୍ଦେହଜନକ ଭାବେ ୨ ଜଣଙ୍କୁ ୨ ଗୋଟି ଜରି ବ୍ୟାଗ ସହ ଦେଖି ଯାଞ୍ଚ କରିଥିଲେ. ଏଥିରେ ୪୪ କିଲୋ ଗଞ୍ଜେଇ ଥିବା ଜଣା ପଡିଥିଲା. ପୁଲିସ ଏହି ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଥିବା ମଧ୍ୟ ଜଣାଯାଇଛି। ସେମାନେ ହେଲେ ମହାରାଷ୍ଟ୍ର ପୁନେ ବିଶାଳ ଶ୍ୟାମ ରାଓ ପାୱାର (୩୮), ମୋହନା ଟୁମି ସାହିର ରାନି ବୀର (୨୧) ଓ ଦାରିଙ୍ଗବାଡିର ରସାନନ୍ଦ ନାୟକ (୪୬) ବୋଲି ଥାନା ଅଧିକାରୀ ଓମ ନାରାୟଣ ପାତ୍ର କହିଛନ୍ତି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ ପୁଲିସ ପକ୍ଷରୁ ରାଇସିଂ ଛକରେ ପେଟ୍ରୋଲିଂ ଚାଲିଥିଲା । ଏହି ସମୟରେ ମହାରାଷ୍ଟ୍ରର ବିଶାଳ ଶ୍ୟାମ ଓ ମୋହନା ଟୁମି ସାହିର ମହିଳା ରାନୀ ୨ ଗୋଟି ଜରି ବ୍ୟାଗ ଧରି ସନ୍ଦେହଜନକ ଭାବେ ଛିଡା ହୋଇଥିଲେ. ପୁଲିସ ସନ୍ଦେହରେ ଯାଞ୍ଚ କରିବା ପରେ ଏଥିରେ କିଲୋ ଗଞ୍ଜେଇ ଚୋରା ଚାଲାଣ ପାଇଁ ବସକୁ ଅପେକ୍ଷା କରିଥିବା ଜଣା ପଡିଥିଲା । ଉକ୍ତ ଦୁଇ ଜଣଙ୍କୁ ଗିରଫ କରି ଅଧିକ ତଦନ୍ତ କରିବା ପରେ ଜଣା ଯାଇଥିଲା ଏହି ୪୪ କିଲୋ ଗଞ୍ଜେଇକୁ ଦାରିଙ୍ଗବାଡିର ରସାନନ୍ଦଙ୍କ ଠାରୁ ଆଣିଥିବା ସଂସ୍ପଷ୍ଟ ହେବାପରେ ରସାନନ୍ଦଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲେ. ଘଟଣା ନେଇ ମୋହନା ଥାନାରେ ୧୫୦/୨୬ ରେ ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡିଛି।

# ଗଣେଶ ମଣ୍ଡପରେ ଆମିଷ ବ୍ୟବସାୟ ଅଭିଯୋଗ, ପ୍ରଶାସନ ପକ୍ଷରୁ ମଣ୍ଡପ ସିଲ



ଜୟପୁର,୨୮।୭ (ଆନିସ): କୋରାପୁଟ ଜିଲ୍ଲା ଜୟପୁର ସହରର ପ୍ରସାଦ ପେଟା ଅଞ୍ଚଳରେ ଥିବା ଗଣେଶ ମଣ୍ଡପରେ ଆମିଷ ବ୍ୟବସାୟ ଚାଲୁଥିବା ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ମଣ୍ଡପକୁ ସିଲ କରାଯାଇଛି। ଘଟଣାକୁ ନେଇ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ଦେଖାଦେଇଥିଲା।ସୂଚନା ଅନୁଯାୟୀ, ଉକ୍ତ ଗଣେଶ ମଣ୍ଡପରେ ପ୍ରତିବର୍ଷ ଧୂମଧାମରେ ଗଣେଶ ପୂଜା ଅନୁଷ୍ଠିତ ହୋଇଥାଏ। ପୂଜା ପାଇଁ ଆର୍ଥିକ ସହାୟତା ସଂଗ୍ରହ ଉଦ୍ଦେଶ୍ୟରେ ମଣ୍ଡପକୁ ଭଡ଼ାରେ ଏକ ଦୋକାନ ପାଇଁ ଦିଆଯାଇଥିଲା। ପ୍ରଥମେ ସେଠାରେ ଶାକାହାରୀ ଫାଷ୍ଟଫୁଡ୍? ବ୍ୟବସାୟ ଚାଲୁଥିବା ବେଳେ ପରେ ଆମିଷ ଖାଦ୍ୟ ବିକ୍ରି ଆରମ୍ଭ ହୋଇଥିଲା।ଏହାକୁ ନେଇ ସ୍ଥାନୀୟ ସାହି ବାସୀମାନେ ଆପତ୍ତି ଉଠାଇ ପ୍ରଶାସନଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗର ଯାଞ୍ଚ ପରେ ଜୟପୁର ତହସିଲଦାର ସବ୍ୟସାଚି ଜେନା ଙ୍କ ଉପସ୍ଥିତିରେ ପ୍ରଶାସନ ପକ୍ଷରୁ ମଣ୍ଡପକୁ ସିଲ କରାଯାଇଥିଲା।ପ୍ରଶାସନ କହିଛି, ଘଟଣାର ସମସ୍ତ ଦିଗକୁ ତଦନ୍ତ କରାଯାଉଛି ଏବଂ ନିୟମ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ବିଧାନସଭା ସ୍ଥାୟୀ କମିଟି ବୈଠକରେ ଗଜପତିର ବିଭିନ୍ନ ଉନ୍ନୟନ ଓ ଐତିହ୍ୟ ପ୍ରସଙ୍ଗ ଉଠାଇଲେ ବିଧାୟକ ରୂପେଶ କୁମାର ପାଣିଗ୍ରାହୀ



ପାରଳାଖେମୁଣ୍ଡି,୨୮।୭ (ଆନିସ): ଗଜପତି ଓଡ଼ିଶା ବିଧାନସଭାର କମିଟି ଅନ୍ ପେପର୍ସ ଲେଡ୍ ଅନ୍ ଦ ଟେବୁଲ୍''ର ଦ୍ୱିତୀୟ ବୈଠକ ସୋମବାର ଭୁବନେଶ୍ୱରସ୍ଥିତ ବିଧାନସଭା ଭବନର କକ୍ଷ ନଂ-୫୫ରେ କମିଟି ଅଧକ୍ଷ ତଥା ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ କମିଟି ସଦସ୍ୟ ଭାବେ ଯୋଗଦେଇ ଗଜପତି ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ଓ ଐତିହ୍ୟ ସମ୍ବନ୍ଧୀୟ ପ୍ରସଙ୍ଗ ଉଠାଇଥିଲେ।ବୈଠକରେ ଜଳ ସମ୍ପଦ ବିଭାଗ ଅଧୀନସ୍ଥ ଓଡ଼ିଶା ଲିଫ୍ଟ ଇରିଗେସନ୍ କର୍ପୋରେସନ୍ ଲିମିଟେଡ୍‌ର ବାର୍ଷିକ ରିପୋର୍ଟ ଉପସ୍ଥାପନରେ ବିଳମ୍ବ, ୨୦୨୧-୨୨ ବର୍ଷର ବାର୍ଷିକ ରିପୋର୍ଟ ଏବଂ ୨୦୨୨-୨୩ରୁ ୨୦୨୫-୨୬ ପର୍ଯ୍ୟନ୍ତ ବକେୟା ହିସାବର ଚୂଡ଼ାନ୍ତକରଣ ସମ୍ପର୍କିତ ସ୍ଥିତି ଓ ବିଳମ୍ବର କାରଣ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସରକାରୀ ବିଭାଗଗୁଡ଼ିକର ରିପୋର୍ଟ ଉପସ୍ଥାପନ ପ୍ରକ୍ରିୟାର ସମୀକ୍ଷା ମଧ୍ୟ କମିଟି ପକ୍ଷରୁ କରାଯାଇଥିଲା।ବୈଠକ ଅବସରରେ ର ପରିଚାଳନା ନିର୍ଦ୍ଦେଶକ ତଥା ଗଜପତିର ପୂର୍ବତନ ଜିଲ୍ଲାପାଳ ଅନୁପମ ସାହାଙ୍କ ସହ ବିଧାୟକ ରୂପେଶ ପାଣିଗ୍ରାହୀ ଜିଲ୍ଲାର ବିଭିନ୍ନ ଉନ୍ନୟନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ରାଜ୍ୟରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, କେଉଁଝର ମା' ତାରିଣୀ ପୀଠ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ମାଧ୍ୟମରେ କାର୍ଯ୍ୟକରୀ ହେଉଥିବା ପରିପ୍ରେକ୍ଷୀରେ ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିରର ମଧ୍ୟ ସର୍ବାଙ୍ଗୀଣ ଉନ୍ନତି ଓ ଆଧୁନିକୀକରଣ ପାଇଁ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ।ଏହାସହ ପାରଳାଖେମୁଣ୍ଡି-ବରଗଡ଼ ସଡ଼କର କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଓ ଗଜପତି ଜିଲ୍ଲାର ଐତିହ୍ୟ ବହନ କରୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ 'ଐତିହ୍ୟ ବିଦ୍ୟାଳୟ' ତାଲିକାରେ ସାମିଲ କରିବାକୁ ବିଧାୟକ ଦାବି ରଖିଥିଲେ। ପ୍ରଥମ ପର୍ଯ୍ୟାୟରେ ପାରଳା ଏମ୍.ଆର୍.ବି. ହାଇସ୍କୁଲ ଓ ଗୁରାଣ୍ଡିର ଏସ୍.କେ.ସି.ଜି. ହାଇସ୍କୁଲକୁ ଐତିହ୍ୟ ବିଦ୍ୟାଳୟରେ ପରିଣତ କରିବା ସହ ପରବର୍ତ୍ତୀ ସମୟରେ ଜିଲ୍ଲାର ଅନ୍ୟାନ୍ୟ ପୁରାତନ ବିଦ୍ୟାଳୟକୁ ମଧ୍ୟ ଏହି ତାଲିକାରେ ସାମିଲ କରିବା ପାଇଁ ସେ ଅନୁରୋଧ କରିଥିଲେ।ଏହି ସ୍ଥାୟୀ କମିଟି ବୈଠକରେ ବିଧାୟକ ପ୍ରଶାନ୍ତ ବେହେରା, ଉମାଚରଣ ମଲ୍ଲିକ, ପ୍ରକାଶ ଚନ୍ଦ୍ର ସେଠୀ, ହିମାଂଶୁ ଶେଖର ସାହୁ, ଫକିର ମୋହନ ନାୟକ, ସତ୍ୟଜିତ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରାବଣ ମାସରେ କାଉଡ଼ିଆଙ୍କ ଜଳଲାଗି ପାଇଁ ଗୁପ୍ତେଶ୍ୱରରେ ପ୍ରସ୍ତୁତି ବୈଠକ



ଜୟପୁର,୨୮।୭ (ଆନିସ): ପବିତ୍ର ଶ୍ରାବଣ ମାସରେ ବାବା ଗୁପ୍ତେଶ୍ୱରଙ୍କୁ ଜଳଲାଗି କରିବାକୁ ଆସୁଥିବା କାଉଡ଼ିଆ ଭକ୍ତଙ୍କ ସୁରକ୍ଷା, ସୁବିଧା ଏବଂ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଲକ୍ଷ୍ୟରେ ଗୁପ୍ତେଶ୍ୱର ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାଏକ ଙ୍କ ପକ୍ଷରୁ ବୈପାରୀଗୁଡା ତହସିଲଦାର ,ପୋଲିସ ବିଭାଗ,ଦେବୋତ୍ତର ବିଭାଗ ଏବଂ ସମ୍ପୃକ୍ତ ଅଧିକାରୀମାନେ ଯୋଗଦେଇ ଶ୍ରାବଣ ସୋମବାର ଗୁଡ଼ିକରେ ଭକ୍ତଙ୍କ ସୁରକ୍ଷା, ଯାତାୟାତ ନିୟନ୍ତ୍ରଣ, ପାନୀୟ ଜଳ, ପରିମଳ ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସୁବିଧା ଉପରେ ଆଲୋଚନା କରିଥିଲେ। ବୈଠକରେ ବିଶେଷ ଭାବେ ଗୁପ୍ତେଶ୍ୱରକୁ ପ୍ଲାଷ୍ଟିକ ମୁକ୍ତ କ୍ଷେତ୍ର କରିବା, ଭକ୍ତମାନଙ୍କୁ ସଚେତନ କରିବା ଏବଂ ପରିବେଶ ସୁରକ୍ଷା ସହ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶ୍ରାବଣ ମାସରେ ହଜାର ହଜାର କାଉଡ଼ିଆ ଭକ୍ତ ଗୁପ୍ତେଶ୍ୱରରେ ପହଞ୍ଚି ବାବା ଗୁପ୍ତେଶ୍ୱରଙ୍କୁ ଜଳାଭିଷେକ କରୁଥିବାରୁ ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକ ପ୍ରସ୍ତୁତି ସୁନିଶ୍ଚିତ କରାଯାଉଛି।ଏହି ବୈଠକରେ କୋଟପାଡ଼ ବିଧାୟକ ରୁପୁ ଭତ୍ରା,ଏସଡିପିଓ ଅର୍ଚ୍ଚିତା ମିଞ୍ଜ, ତସିଲଦାର ତଥା ଦେବତାର କାର୍ଯ୍ୟନିର୍ଭାଇ ଅଧିକାରୀ ସବ୍ୟସାଚି ଜେନା,ଦେବେନ୍ଦ୍ର ବାହିନୀପତି ଦେବତର ସଭାପତି, ବୈପାରୀଗୁଡା ବିଡିଓ ସୁବର୍ତ୍ତ ସାହୁ ,ବୈପାରୀଗୁଡା ତସିଲଦାର ସିଧା ରାଣି ଚୌଧୁରୀ,ସହକାରୀ ଯୋଗାଣ ଅଧିକାରୀ ଏନ ଲକ୍ଷ୍ମଣ ରାଓ,ବୈପାରୀଗୁଡା ଥାନା ଅଧିକାରୀ ଏବଂ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ ।

# ଗୋମାତାଙ୍କୁ ରାଷ୍ଟ୍ରୀୟ ପଶୁ ମାନ୍ୟତା ଦାବିରେ ମାଲକାନଗିରିରେ ୧୫୦୦ରୁ ଅଧିକ ଦସ୍ତଖତ ସହ ମାନପତ୍ର



ମାଲକାନଗିରି, ୨୮।୭ (ଆନିସ): ଗୋମାତାଙ୍କୁ ରାଷ୍ଟ୍ରୀୟ ପଶୁ ମାନ୍ୟତା, ପ୍ରତ୍ୟେକ ଜିଲ୍ଲାରେ ଆଧୁନିକ ଗୋଶାଳା, ରାଜରାସ୍ତାରେ ବୁଲୁଥିବା ଗୋବଂଶଙ୍କ ସୁରକ୍ଷା ଏବଂ ସମସ୍ତ ଗୋବଂଶର ପଞ୍ଜିକରଣ ଦାବିରେ ସୋମବାର ମାଲକାନଗିରି ଜିଲ୍ଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୫୦୦ରୁ ଅଧିକ ଦସ୍ତଖତ ସମ୍ବଳିତ ମାନପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ମାନପତ୍ର ଗ୍ରହଣ କରିଥିଲେ। ଦାବି ପୂରଣ ନ ହେଲେ ଆସନ୍ତା ଅକ୍ଟୋବର ୨୭ରେ ଭୁବନେଶ୍ୱରରେ ବୃହତ୍? ଜନଆନ୍ଦୋଳନ କରାଯିବ ବୋଲି ଆନ୍ଦୋଳନକାରୀମାନେ ସତର୍କ କରିଛନ୍ତି।

## ରେଳବାଇ-ସିଟିଜେନ୍ସ କମିଟି ଆଲୋଚନା ସଫଳ

# ଜୁଲାଇ ୩୦ର 'ରେଳ ରୋକୋ' ସ୍ଥଗିତ

### ପ୍ରତିଶ୍ରୁତି ପାଳନ ନହେଲେ ଅଗଷ୍ଟ ୨୭ରେ ପୁଣି ଆନ୍ଦୋଳନ ଚେତାବନୀ



ମୁନିଗୁଡା,୨୮।୭(ଆନିସ): ଦୀର୍ଘଦିନ ଧରି ଅମ୍ବାଦଳା ରେଳ ଷ୍ଟେସନର ବିକାଶ ଓ ଦୂରପାଲ୍ଲା ଟ୍ରେନ୍‌ର ରହଣି ଦାବିରେ ଆସନ୍ତା ଜୁଲାଇ ୩୦ରେ ପ୍ରସ୍ତାବିତ 'ରେଳ ରୋକୋ' ଆନ୍ଦୋଳନକୁ ଫିଲହାଲ ସ୍ଥଗିତ ରଖାଯାଇଛି। ମଙ୍ଗଳବାର ରେଳବାଇ ଅଧିକାରୀ ଓ ଅମ୍ବାଦଳା ସିଟିଜେନ୍ସ କମିଟି ମଧ୍ୟରେ ଅନୁଷ୍ଠିତ ଆଲୋଚନାରେ ବିଭିନ୍ନ ଦାବି ପୂରଣ ନେଇ ବିଭାଗୀୟ ଅଧିକାରୀମାନେ ଆଶ୍ୱାସନ ଦେବା ପରେ କମିଟି ଏହି ନିଷ୍ପତ୍ତି ନେଇଛି। ତେବେ ପ୍ରତିଶ୍ରୁତି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟକାରୀ ନହେଲେ ଆସନ୍ତା ଅଗଷ୍ଟ ୨୭ରେ ପୁଣି ଥରେ 'ରେଳ ରୋକୋ' ସମେତ ତୀବ୍ର ଗଣଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ବିଭାଗୀୟ ଏସିଏମ୍‌ଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି।

ଅମ୍ବାଦଳା ରେଳ ଷ୍ଟେସନ ପରିସରରେ ଆୟୋଜିତ ଏହି ବୈଠକରେ ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର (ଡିସିଏମ୍) ଅର୍ଜିତ ଦେ, ସହକାରୀ ସୁରକ୍ଷା କମିଶନର (ଆର୍ପିଏଫ୍) ଏମ୍. କିସ୍କୁ, କମର୍ସିଆଲ୍ ଇନ୍ସପେକ୍ଟର ଏସ୍. ପରିଡ଼ା, ବରିଷ୍ଠ ସେକ୍ସନ୍ ଇଞ୍ଜିନିୟର (ୱର୍କ୍ସ) ଡି. ରାମାରାଓ, ଡିଏସ୍ଆର୍ପି ପ୍ରଭାତ କୁମାର ତ୍ରିପାଠୀ, ଅମ୍ବାଦଳା ଷ୍ଟେସନ୍ ମ୍ୟାନେଜର ରଞ୍ଜନ କୁମାର, ଆର୍ପିଏଫ୍ ଅଧିକାରୀ ଅଜୟ ସ୍ୱାଇଁ, ଅମ୍ବାଦଳା ଥାନା ଆଇଆଇସି ସୂର୍ଯ୍ୟଚନ୍ଦ୍ର ପାଢ଼ୀ, ଏସ୍‌ଡିପିଓ ସନ୍ତୋଷିନୀ ଓରାମଙ୍କ ସମେତ ରେଳବାଇ ଓ ପୁଲିସ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସିଟିଜେନ୍ସ କମିଟି ପକ୍ଷରୁ ଧୀରେନ୍ଦ୍ର ପାଣିଗ୍ରାହୀ, ଏ. ଜଗନ୍ନାଥ ପ୍ରସାଦ, ସନ୍ତୋଷ ପାତ୍ର, ସୁବାସ ସେନାପତି, ତ୍ରିନାଥ ପାତ୍ର, ବି. ଭେଙ୍କଟେଶ୍ୱର ପାତ୍ର, ମୁକୁନ୍ଦ ତ୍ରିପାଠୀ, ରାଜୁ ସିଂ, ବିଦ୍ୟାଧର ସାହୁ, ଦେବୀପ୍ରସାଦ ମୁଖାର୍ଜୀ, ରବି ଦଳେଇ ଓ ଅଶୋକ ମେହେର ପ୍ରମୁଖଙ୍କ ସହ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।ବୈଠକରେ ରେଳବାଇ ପକ୍ଷରୁ ଅମ୍ବାଦଳା ଷ୍ଟେସନର ୪ ନମ୍ବର ପ୍ଲାଟଫର୍ମରେ ଟ୍ରେନ୍ ରହଣି ସମ୍ପର୍କିତ ପ୍ରସ୍ତାବ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଥିବା ସୂଚନା ଦିଆଯାଇଥିଲା। ସେହିପରି ୧୯୦୨୧/୧୯୦୨୨ ଉଦନା ଏକ୍ସପ୍ରେସ୍‌ର ଅମ୍ବାଦଳାରେ ରହଣି ପାଇଁ ମଧ୍ୟ ବିଭାଗୀୟ ସ୍ତରରୁ ପ୍ରସ୍ତାବ ପଠାଯାଇଥିବା କୁହାଯାଇଛି।ଯାତ୍ରୀ ସୁବିଧା ବୃଦ୍ଧି ଦିଗରେ ଷ୍ଟେସନରେ ଅତିଶୀଘ୍ର ୱେଟିଂ ହଲ୍ ନିର୍ମାଣ କାମ ଆରମ୍ଭ କରାଯିବ। ପୂର୍ବତନ ଷ୍ଟେସନ ଅଫିସ୍‌କୁ ମରାମତି କରି ଅସ୍ଥାୟୀ ୱେଟିଂ ହଲ୍‌ରେ ପରିଣତ କରାଯିବ। ସମସ୍ତ ପ୍ଲାଟଫର୍ମରେ କୋଚ୍ ପୋଜିସନ୍ ଇଣ୍ଡିକେସନ୍ ବୋର୍ଡ ଲଗାଯିବା ସହ ଫୁଟ୍ ଓଭରବ୍ରିଜ୍‌ରେ ରାମ୍ପ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଥିବା ଏବଂ ଖୁବ୍ ଶୀଘ୍ର କାମ ଆରମ୍ଭ ହେବ ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। ଏଥିସହ ପ୍ଲାଟଫର୍ମର ଶେଷ ଭାଗରେ ଫୁଟ୍‌ୱେ ନିର୍ମାଣ, ୧ ଓ ୪ ନମ୍ବର ପ୍ଲାଟଫର୍ମରେ ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା କରାଯିବ ବୋଲି ମଧ୍ୟ ଆଶ୍ୱାସନ ଦିଆଯାଇଥିଲା।ରେଳବାଇର ଏହି ଆଶ୍ୱାସନକୁ ବିଚାରକୁ ନେଇ ସିଟିଜେନ୍ସ କମିଟି ଜୁଲାଇ ୩୦ର ପ୍ରସ୍ତାବିତ 'ରେଳ ରୋକୋ' ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ସହମତି ପ୍ରକାଶ କରିଛି। ତେବେ ପ୍ରତିଶ୍ରୁତି ନିର୍ଦ୍ଧାରିତ ସମୟରେ ପୂରଣ ନହେଲେ ଅଗଷ୍ଟ ୨୭ରେ ପୁଣି ଥରେ ରେଳ ରୋକୋ ସମେତ ବ୍ୟାପକ ଗଣଆନ୍ଦୋଳନ ଆରମ୍ଭ କରାଯିବ ବୋଲି କମିଟି ସ୍ପଷ୍ଟ ଚେତାବନୀ ଦେଇଛି।

# କୋଟିଆରେ ଚାଲୁଥିବା ସ୍ୱତନ୍ତ୍ର ଗଭୀର ପୁନରୀକ୍ଷଣ (ଏସ୍ଆଇଆର୍)-୨୦୨୬ କାର୍ଯ୍ୟକ୍ରମର ସମୀକ୍ଷା କଲେ ଉପ-ଶାସନ ସଚିବ ଶ୍ରୀ ଜିତେନ୍ଦ୍ର କୁମାର ପାତ୍ର



ଜୟପୁର,୨୮।୭ (ଆନିସ): ଚାଲୁଥିବା ସ୍ୱତନ୍ତ୍ର ଗଭୀର ପୁନରୀକ୍ଷଣ ( ଏସ୍ଆଇଆର୍ -)-୨୦୨୬ ଅନ୍ତର୍ଗତ ଦାବି ଓ ଆପତ୍ତି ଗ୍ରହଣ ପର୍ଯ୍ୟାୟର କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ଓଡ଼ିଶା ସରକାରଙ୍କ ଉପ-ଶାସନ ସଚିବ (ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା କାର୍ଯ୍ୟାଳୟରୁ ପ୍ରତିନିଯୁକ୍ତ) ଶ୍ରୀ ଜିତେନ୍ଦ୍ର କୁମାର ପାତ୍ର ଆଜି କୋରାପୁଟ ଜିଲ୍ଲାର କୋଟିଆ ଅଞ୍ଚଳ ଗସ୍ତ କରିଥିଲେ।ଗସ୍ତ ଅବସରରେ ଶ୍ରୀ ପାତ୍ର ବିଭିନ୍ନ ମତଦାନ କେନ୍ଦ୍ର ପରିଦର୍ଶନ କରି ଚାଲୁଥିବା ଦାବି ଓ ଆପତ୍ତି ଗ୍ରହଣ ପ୍ରକ୍ରିୟା, ଭୋଟର ତାଲିକାରେ ନାମ ସଂଯୋଜନ, ବିଲୋପ ଓ ସଂଶୋଧନ ସମ୍ବନ୍ଧୀୟ ଆବେଦନର ସ୍ଥିତି ସମୀକ୍ଷା କରିଥିଲେ। ସେ ଉପସ୍ଥିତ ନିର୍ବାଚନ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ ଏବଂ ଅନ୍ୟାନ୍ୟ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ସହ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ।ସେ ନିର୍ଦ୍ଦେଶ ଦେଇଥିଲେ ଯେ, ସ୍ୱଚ୍ଛ, ନିରପେକ୍ଷ ଓ ତ୍ରୁଟିମୁକ୍ତ ମତଦାତା ତାଲିକା ପ୍ରସ୍ତୁତିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉ। ଦାବି ଓ ଆପତ୍ତି ସମ୍ବନ୍ଧୀୟ ସମସ୍ତ ଆବେଦନକୁ ନିର୍ଦ୍ଧାରିତ ନିୟମାବଳୀ ଅନୁଯାୟୀ ଯାଞ୍ଚ କରି ସମୟସୀମା ମଧ୍ୟରେ ନିଷ୍ପତ୍ତି ନେବା ସହ ଯୋଗ୍ୟ ମତଦାତାମାନେ ଯେପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ।

ଏହି ସମୀକ୍ଷା ଗସ୍ତ ସମୟରେ ଜିଲ୍ଲା ପ୍ରଶାସନ ଓ ନିର୍ବାଚନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଚାଲୁଥିବା -୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତି, ଗ୍ରହଣ କରାଯାଇଥିବା ଦାବି ଓ ଆପତ୍ତିର ସଂଖ୍ୟା ଏବଂ ସେଗୁଡ଼ିକର ନିଷ୍ପତ୍ତି ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ବିଡ଼ିଓ ରାମକୃଷ୍ଣ ନାୟକ,ତସିଲଦାର ଦେବନ୍ଦ୍ର ସିଂ ଧାରୁଆ ଉପସ୍ଥିତ ଥିଲେ,

# କେରଳରେ କନ୍ଧମାଳର ଦାଦନ ଶ୍ରମିକଙ୍କ ମୃତ୍ୟୁ, ରେଡକ୍ରସ ପାଣ୍ଠିରୁ ୨୦ ହଜାର ସହାୟତା

ଫୁଲବାଣୀ, ୨୮।୭ (ଆନିସ): କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ ରଟିଙ୍ଗିଆ ଗ୍ରାମପଞ୍ଚାୟତର କଳିନାୟୁ ଗ୍ରାମର ଯୁବକ ସାଗର ପ୍ରଧାନ (୩୪) କେରଳରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାବେଳେହଟତ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲେ ମୃତ୍ୟୁ ଖବର ମିଳିବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି



ସୂଚନା ଅନୁଯାୟୀ, ସାଗର ପ୍ରଧାନ କେରଳର ଏର୍ଣ୍ଣାକୁଲମ୍ ଜିଲ୍ଲା ଅନ୍ତର୍ଗତ ପେରୁମ୍ବାଦୁର ଅଞ୍ଚଳର ଏକ ନିର୍ମାଣ କମ୍ପାନୀରେ କାର୍ଯ୍ୟରତ ଥିଲେ। ଗତ ୨୭ ଜୁଲାଇ ପୂର୍ବାହ୍ନରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସହକର୍ମୀମାନେ ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସାଗରଙ୍କ ମୃତ୍ୟୁ ପରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ତାଙ୍କ ବୃଦ୍ଧା ବିଧବା ମା ପୂର୍ଣ୍ଣିମା ପ୍ରଧାନ (୬୮) ଓ ପତ୍ନୀ ନିଳୀମା କହଁରଙ୍କ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୟନୀୟ ଥିବାରୁ କେରଳରୁ ମୃତଦେହ ଗ୍ରାମକୁ ଆଣିବା, ଶବଦାହ ଓ ଶୁଦ୍ଧିକ୍ରିୟା ସମ୍ପନ୍ନ କରିବା ସେମାନଙ୍କ ପକ୍ଷରେ ସମ୍ଭବ ହୋଇନଥିଲା।

ଏହି ପରିସ୍ଥିତିରେ ପୂର୍ଣ୍ଣିମା ପ୍ରଧାନ କନ୍ଧମାଳ ଜିଲ୍ଲାପାଳଙ୍କ ନିକଟରେ ଏକ ଲିଖିତ ଆବେଦନ କରି ପୁଅଙ୍କ ମୃତଦେହକୁ କେରଳରୁ କଳିନାୟୁ ଗ୍ରାମକୁ ଆଣିବା ସହ ଶବଦାହ ଓ ଶୁଦ୍ଧିକ୍ରିୟା ପାଇଁ ସରକାରୀ ସହାୟତା ପ୍ରଦାନ କରିବାକୁ ନିବେଦନ କରିଥିଲେ। ଆବେଦନ ପାଇବା ପରେ କନ୍ଧମାଳ ଜିଲ୍ଲାପାଳ ମାନବିକ ଦୃଷ୍ଟିକୋଣରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଜିଲ୍ଲା ରେଡକ୍ରସର ଜରୁରୀକାଳୀନ ପାଣ୍ଠିରୁ ₹୨୦ ହଜାର ଟଙ୍କା ଆର୍ଥିକ ସହାୟତା ମଞ୍ଜୁର କରିଥିଲେ। ଏହି ସହାୟତା ମୃତଦେହ ପରିବହନ, ଶବଦାହ ଓ ଅନ୍ୟାନ୍ୟ ଜରୁରୀ ଖର୍ଚ୍ଚରେ ପରିବାର ପାଇଁ ସହାୟକ ହେବ ବୋଲି ଜଣାପଡ଼ିଛି। ଜିଲ୍ଲାପାଳଙ୍କ ତ୍ୱରିତ ଓ ସମ୍ବେଦନଶୀଳ ପଦକ୍ଷେପ ପାଇଁ ସାଗରଙ୍କ ପରିବାର ପକ୍ଷରୁ କୃତଜ୍ଞତା ପ୍ରକାଶ କରାଯାଇଛି। ସେହିପରି ସ୍ଥାନୀୟ ବୁଦ୍ଧିଜୀବୀ ଓ ସମାଜସେବୀମାନେ ମଧ୍ୟ ଏଭଳି ଦୁଃଖଦ ସମୟରେ ଜିଲ୍ଲା ପ୍ରଶାସନଙ୍କ ମାନବିକ ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ଏହି ଘଟଣା ପୁଣିଥରେ କନ୍ଧମାଳ ଜିଲ୍ଲାରୁ ଜୀବିକା ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଉଥିବା ଦାଦନ ଶ୍ରମିକମାନଙ୍କ ଦୁର୍ଦ୍ଦଶାକୁ ସାମ୍ନାକୁ ଆଣିଛି। ସ୍ଥାନୀୟ ସ୍ତରରେ ରୋଜଗାର ସୁଯୋଗ ସୃଷ୍ଟି ଏବଂ ଦାଦନ ପ୍ରବଣତା ରୋକିବା ଦିଗରେ ଦୀର୍ଘମିଆଦି ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ସଂସ୍କୃତ ମହାବିଦ୍ୟାଳୟରେ ମହିଳା ଆତ୍ମସୁରକ୍ଷା କାର୍ଯ୍ୟକ୍ରମ



ନୟାଗଡ, ୨୮/୭(ଆନିସ): ନୟାଗଡ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟ କୁରାଳ ଠାରେ 'ଶକ୍ତିଶ୍ରୀ' ଯୋଜନା ସଚେତନତା କାର୍ଯ୍ୟକ୍ରମ ଓ ମହିଳା ଆତ୍ମସୁରକ୍ଷା କାର୍ଯ୍ୟକ୍ରମର ଉଦ୍ଘାଟନ ହୋଇଯାଛି । ଏହି ଅବସରରେ ସପ୍ତାହବ୍ୟାପୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ମଧ୍ୟ ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ପ୍ରତ୍ୟେକ ବ୍ୟକ୍ତି ଯଦି ସଂସ୍କୃତ ଅଧ୍ୟୟନ କରନ୍ତି, ତେବେ ସମାଜରେ ନୈତିକତା, ମାନବିକତା ଓ ସଂସ୍କାରର ବିକାଶ ଘଟିବ। ଆର୍ଯ୍ୟବିଦ୍ୟାର ଆଧାର ସଂସ୍କୃତ ଏକ ଉତ୍ତମ ମଣିଷ ଗଠନରେ ସହାୟକ ହୋଇଥିବାରୁ ମହିଳା ଆତ୍ମସୁରକ୍ଷା ପରି ପ୍ରଶିକ୍ଷଣର ଆବଶ୍ୟକତା ମଧ୍ୟ ବହୁ ପରିମାଣରେ ହ୍ରାସ ପାଇବ। ଯୁବ ସାମ୍ବାଦିକ ଶ୍ରୀ ଗଣେଶ୍ୱର ସାହୁ ଓ ସମାଜସେବୀ ତଥା ପରିବେଶବିତ୍ ସୁକାନ୍ତ ଚନ୍ଦ୍ର ଚୌଧୁରୀ ଅତିଥି ଭାବେ ଯୋଗଦେଇ ନିଜ ନିଜର ଗଠନମୂଳକ ମତାମତ ରଖିବା ସହ ଶିକ୍ଷାନୁଷ୍ଠାନରେ ନୈତିକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ସ୍ଥାନୀୟ ଆନନ୍ଦ ସାହୁ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସ ସମାଜ ଗଠନରେ ନାରୀଶକ୍ତିର ଭୂମିକା ଏବଂ ମହାବିଦ୍ୟାଳୟରେ 'ଶକ୍ତିଶ୍ରୀ' ସଂଗଠନର ଆବଶ୍ୟକତା ସମ୍ପର୍କରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ତତସହିତ ବାଳିକା ବିଦ୍ୟାଳୟର କ୍ରିଡା ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପଣ୍ଡା ସରକାରଙ୍କର ଏଭଳି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ । ଉକ୍ତ ସଭାରେ ମହାବିଦ୍ୟାଳୟର ଅଧକ୍ଷ ଭାବଗ୍ରାହୀ କର ସଭାପତିତ୍ୱ କରିବା ସହିତ ଦର୍ଶନବିଭାଗ ଅଧାପକ ବିଜୟାନନ୍ଦ ଶତପଥୀ ଗୁରୁବନ୍ଦନା ଓ ଶାନ୍ତିପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାହିତ୍ୟାଧାପକ ସୁଶାନ୍ତ ବିଶୋୟୀ ଓ ରାଜନୀତି ବିଭାଗ ଅଧାପକ ଅବନୀକାନ୍ତ ପାତ୍ର ଓ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ମହାବିଦ୍ୟାଳୟର ଶକ୍ତିଶ୍ରୀ ସଂଯୋଜିକା ଅଧାପିକା ସୁଷମାମଞ୍ଜରୀ ପାଣିଗ୍ରାହୀ 'ଶକ୍ତିଶ୍ରୀ' ଆପ୍ ମାଧ୍ୟମରେ ଛାତ୍ରୀମାନେ କିପରି ନିଜର ସମସ୍ୟା ସମ୍ପର୍କରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇପାରିବେ, ସେ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିବା ସହ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଆତ୍ମରକ୍ଷା କୌଶଳ ପ୍ରଶିକ୍ଷିକା ସୁନିତା ବିଶୋୟୀ ସପ୍ତାହବ୍ୟାପୀ ଆତ୍ମରକ୍ଷା କୌଶଳ ତାଲିମ ଶିବିରର ଶୁଭାରମ୍ଭ କରି ଛାତ୍ରୀମାନଙ୍କୁ ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ ଓ ଉପଯୋଗିତା ସମ୍ପର୍କରେ ଅବଗତ କରାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଆଜିଠାରୁ ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ ପର୍ବ ଆରମ୍ଭ ହୋଇଥିବାରୁ ସମଗ୍ର ପରିବେଶ ଉତ୍ସବମୁଖର ହୋଇଉଠିଥିଲା। ଶକ୍ତିଶ୍ରୀ ସଚେତନତା, ମହିଳା ଆତ୍ମସୁରକ୍ଷା ତାଲିମ ଏବଂ ନବାଗତଙ୍କ ସ୍ୱାଗତକୁ ନେଇ ମହାବିଦ୍ୟାଳୟ ପରିସରରେ ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଥିଲା।

# ଆର୍ଆଇ ଅଫିସରେ ନାହିଁ ଲାଇନ

ପୁରୀ, ୨୮।୭ (ଆନିସ): ପୁରୀର ମାଟିଆପଡା ଆର୍ଆଇ ଅଫିସ ରେ ଦୀର୍ଘ ୩ ମାସ ହେଲା ବିଜୁଳି ନାହିଁ. ଅଫିସ ର କର୍ମଚାରୀ ମାନେ ଅଫିସ ବରଣ୍ଡା ରେ କାମ କରୁଛନ୍ତି.ଘରୁ ଲାପଟପ ଚାର୍ଜ କରି ଆଣୁଛନ୍ତି ଯଦି ଚାର୍ଜ ସରିଯାଉଛି ପୁଣି ଦୌଡ଼ି ଯାଇକି କୋଉଠି ଚାର୍ଜ କରିକି ଆଣି କାମ କରୁଛନ୍ତି. ଲୋକମାନେ ଖରା ରେ ବର୍ଷା ରେ ଠିଆ ହେଉଛନ୍ତି. ସେ ଖୋଲା ପୋଖରୀ ପାଖ ଜାଗା ବୋଲି ସାପ ର ଭୟ ବି ରହୁଛି. ଘଟଣା ଅନୁସାରେ ନିର୍ମାଣ କାମ ଚାଲିଥିବା ବେଳେ ହୁକ ପକେଇ କଣ୍ଟ୍ରାକ୍ଟର କାମ କରୁଥିଲେ ତାକୁ ବିଜୁଳି ବିଭାଗ ଧରିବାରୁ ମୋଟା ଅଙ୍କ ର ପକେଇ ବିଜୁଳି କାଟିଛନ୍ତି. କିଏ ପୈଠ କରିବ ବୋଲି ଏଯାଏଁ କେହି ପୈଠ କରୁନାହାନ୍ତି ବୋଲି ସୂଚନା ମିଳୁଛି ତେଣୁ ଲୋକ ହଇରାଣ ହଉଛନ୍ତି. ବିଜୁଳି ବିଭାଗ ସୋସିଆଲ ମିଡ଼ିଆ ରେ ସ୍ପଷ୍ଟ କଲେ ଯେ ଦୀର୍ଘ ଦିନ ଧରି ବିଲ ପୈଠ ନ ହେବାରୁ ଲାଇନ କଟାଯାଇଛି. ତେଣୁ ଏଥିରେ ସରକାର ଙ୍କ ଦୁର୍ବଳତା ପଦା ରେ ପଡିଛି. ଅଧିକାରୀ ଲାଚାର ବୋଲି ଜଣାପଡୁଛି. ଯୋଉଠି ଜିଲ୍ଲାପାଳ ଅନ୍ୟ ଯୋଜନା ରୁ ଟଙ୍କା ଉଠେଇ ମହନ୍ତ ଙ୍କ ରହିବା ପାଇଁ ବିଲ ପୈଠ କରିପାରୁଛନ୍ତି ସେଠି ଅଫିସ ର ବିଲ ପୈଠ କରିବାରେ ଏତେ ଅବହେଳା କାହିଁକି ବୋଲି ପଚାରିଛନ୍ତି ଆପ ସଭାପତି ସଂଜୀବ କୁମାର ମହାନ୍ତି. ୭ ଦିନ ଭିତରେ ଯଦି ଏ ବିଷୟ ସଂକ୍ରାନ୍ତୀୟ ସମାଧାନ ନ ହେଲେ ଆପ ଦଳ ବୁଲି ବୁଲି ଦାଣ୍ଡରେ ସରକାର ପାଇଁ ମାଗିବ ଓ ବିଲ ପୈଠ କରିବ.ଏଥିରେ ସୂତ୍ର ରୁ ପ୍ରକାଶ ପାଇଲା ଯେ ବିଲ ପୈଠ କରାଯାଇଛି, ଯଦି ବିଲ ପୈଠ କରାଯାଇଛି ତେବେ ବିଜୁଳି ନ ଦେବାର କାରଣ ଅସ୍ପଷ୍ଟ.. ତେଣୁ ଲୋକ ପ୍ରଶାସନ ଓ ବିଜୁଳି ବିଭାଗ ମଧ୍ୟରେ ଫସି ଯାଉଛି. ତେଣୁ ଜିଲ୍ଲାପାଳ ଏହାର ସ୍ପଷ୍ଟତା ଦିଅନ୍ତୁ ନଚେତ ଆମେ ଆମର ପ୍ରତିଶୃତି ଅନୁଯାଇ ଟଙ୍କା ମାଗି ଯାଚି ଯୋଗାଡ଼ କରି ପୈଠ କରିବୁ ।

# ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ଲାଗି ବାରହା ମୃତ, ଜଣେ ଗିରଫ

ଖପ୍ରାଖୋଲ, ୨୮।୭: ବଲାଙ୍ଗୀରଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବନାଞ୍ଚଳରେ ଏକ ଫାର୍ମ ହାଉସ୍ରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବାର୍ହାର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବନ ବିଭାଗ ଜଣକୁ ଗିରଫକରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଖପ୍ରାଖୋଲ ଥାନା ଅନ୍ତର୍ଗତ ଦେଦର୍ହ ଗ୍ରାମ ନିକଟରେ ଥିବା ସୁଶାନ୍ତ ମେହେର (ରିଙ୍କୁ)ଙ୍କ ଫାର୍ମ ହାଉସ ପରିସରରେ ଶିକାର ନିମନ୍ତେ ରବିବାର ରାତିରେ ବିଦ୍ୟୁତ୍ ତାର ବିଛାଇଥିଲେ। ଏଥିରେ ଏକ ଜଙ୍ଗଲୀ ଏକ ବାର୍ହାର ମୃତ୍ୟୁ ଘଟିଥିଲା। ଖବର ପାଇ ଖପ୍ରାଖୋଲ ବନପାଳ ସୁଧୀର ଜେନା ଓ ବନପାଳ ଇନ୍ଦ୍ରମଣି ବେହେରାଙ୍କ ନେତୃତ୍ୱରେ ବନବିଭାଗର ଏକ ଟିମ୍ ସହ ଖପ୍ରାଖୋଲ ପୁଲିସ ଏସ୍ଆଇ ଲିଙ୍ଗରାଜ କିଷାନଙ୍କ ସମେତ ପୋଲିସ ଟିମ୍ ଓ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ରାତି ପ୍ରାୟ ୧୧ଟାରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରୁ ପ୍ରାୟ ୬୦ କିଲୋଗ୍ରାମ ଓଜନର ଏକ ମୃତ ବାରହାକୁ ଫାର୍ମ ହାଉସ ଭିତରୁ ଜବତ କରାଯାଇଥିଲା। ତେବେ ବନବିଭାଗ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଫାର୍ମ ହାଉସର ଜଗୁଆଳି ଉଗ୍ରେସନ ମାଝୀ ଫେରାର ହୋଇଯାଇଥିଲା। ପରେ ବନବିଭାଗର ତତ୍ପରତା ଓ ଲଗାତାର ଉଦ୍ୟମ ଫଳରେ ସୋମବାର ପୂର୍ବାହ୍ନରେ ଅଭିଯୁକ୍ତ ଉଗ୍ରସେନ ନାୟକ କୁ ଗିରଫ କରିଯାଇଥିଲା। ଆଜି ତାଙ୍କୁ ଆବଶ୍ୟକ ଆଇନଗତ କାର୍ଯ୍ୟକ୍ରମ ପରେ କୋର୍ଟ ଚାଲାଣ କରାଯାଇଥିବା ଖପ୍ରାଖୋଲ ରେଞ୍ଜର ଅରବିନ୍ଦ ନାୟକ ସୂଚନା ଦେଇଛନ୍ତି ।

### ଖରିଫ ଋତୁର ଫସଲ ବୀମାମାସ ୨୦୨୬

# ଏସ୍‌ବିଆଇ ଜେନେରାଲ ଇନସ୍ୟୁରାନ୍ସ ପକ୍ଷରୁ ବୀମା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୮।୭ (ଆନିସ): ଦେଶର ଅନ୍ୟତମ ଅଗ୍ରଣୀ ସାଧାରଣବୀମାକମ୍ପାନି ଓ ପ୍ରଧାନମନ୍ତ୍ରୀ ଫସଲ ବୀମାଯୋଜନା (ପିଏମ୍ଏଫ୍‌ବିୱାଇ) କାର୍ଯ୍ୟକାରିତାର ଅନ୍ୟତମ ପ୍ରମୁଖସଂସ୍ଥାଏସବିଆଇ ଜେନେରାଲ୍ଇନସ୍ୟୁରାନ୍ସ ଦେଶବ୍ୟାପୀ ଫସଲ ବୀମାମାସ ଅଭିଯାନରେ ଯୋଗଦେବଖରିଫ ଋତୁ ୨୦୨୬ ପାଇଁଏହିମାସବ୍ୟାପୀଗ୍ରାହକଯୋଡ଼ିବା ଅଭିଯାନ ୨୦୨୬ ଜୁଲାଇ ୧ରୁ ୩୧ ପର୍ଯ୍ୟନ୍ତ ଚାଲିବଏଥିରେ ଚାଷୀମାନଙ୍କମଧ୍ୟରେ ପିଏମ୍ଏଫ୍‌ବିୱାଇକୁନେଇ ସଚେତନତାବୃଦ୍ଧି କରାଯିବଏବଂସାରା ଦେଶରେବୀମା ସୁବିଧାକୁ ସମ୍ପ୍ରସାରଣକରାଯିବ । ଏହି ଅଭିଯାନ ଅଧୀନରେ ଏସବିଆଇଜେନେରାଲ ଇନସ୍ୟୁରାନ୍ସ ପକ୍ଷରୁମଧ୍ୟପ୍ରଦେଶ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଓଡ଼ିଶା, ମହାରାଷ୍ଟ୍ର, ଆସାମ, ଉତ୍ତରାଖଣ୍ଡ, ତାମିଲନାଡୁ ଓ ଝାଡ଼ଖଣ୍ଡଭଳି ୯ଟି ରାଜ୍ୟରେବ୍ୟାପକସଚେତନତା ଓ ଆଉଟରିଚ୍ ଅଭିଯାନ ଆୟୋଜନ କରାଯିବଏହାଜରିଆରେ ଫସଲ ବୀମାସମ୍ପର୍କରେ ଚାଷୀମାନଙ୍କୁ ଭଲ ଭାବେବୁଝାଯିବ, ସେମାନଙ୍କୁଯୋଡ଼ିହେବାକୁଉତ୍ସାହିତକରାଯିବଏବଂ ୨୦୨୬ ଖରିଫ ଋତୁରେସୂଚନା ଆଧାରିତ ନିଷ୍ପତିନେବାରେ ଚାଷୀମାନଙ୍କୁସହଯୋଗକରାଯିବ। ଚାଷୀମାନଙ୍କୁ ଫସଲ ବୀମାରଲାଭସମ୍ପର୍କରେ ଅବଗତ କରିବା ପାଇଁଏସବିଆଇଜେନେରାଲ୍ଇନସ୍ୟୁରାନ୍ସ ପକ୍ଷରୁ ଫସଲ ବୀମା ପାଠଶାଳା, ଚାଷୀମାନଙ୍କୁନେଇବଡ଼ ଧରଣରକର୍ମଶାଳା ଓ କିଷାନ ମେଳା ଆୟୋଜନ କରିବାଯୋଜନାରହିଛିମହିଳା ଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର କର୍ମଶାଳା ଆୟୋଜନ କରାଯିବ ଓ ଯୁବବର୍ଗଙ୍କମଧ୍ୟରେ ଆଗୁଆ ସଚେତନତାବଢ଼ାଇବା ପାଇଁ ସ୍କୁଲ ଓ କଲେଜଗୁଡ଼ିକରେ ମଧ୍ୟସଚେତନତାଅଧିବେଶନ ଆୟୋଜନ କରାଯିବଏହାସହିତକୃଷିସମ୍ପ୍ରସାରଣ କର୍ମୀ, ବ୍ୟାଙ୍କ୍‌ରେ ସପର୍ଣ୍ଣଂଟମାନଙ୍କୁ ମଧ୍ୟ ପିଏମ୍ଏଫ୍‌ବିୱାଇରେଯୋଡ଼ିହେବ। ଓ ଦାବିସହାୟତାଶିବିରସମ୍ପର୍କରେତାଲିମ ଦିଆଯିବ । ତୃଣମୂଳସ୍ତରରେସଚେତନତାକୁବ୍ୟାପକକରିବା ପାଇଁଘରେଘରେସଚେତନତାକାର୍ଯ୍ୟକ୍ରମ ପହଂଚିବ ଓ ଶିକ୍ଷଣୀୟଉପକରଣବଂଟନ କରାଯିବବାଇକର୍‌ୟାଲି, ପଥପ୍ରାନ୍ତ ନାଟକ, ନୁକଟ ନାଟକ, କାନ୍ଥରେ ଚିତ୍ରାଙ୍କନ ଓ ଗ୍ରାମସଭାରେଘୋଷଣାଭଳି ପଦକ୍ଷେପ ମଧ୍ୟଗ୍ରହଣକରାଯିବହୋର୍ଡିଂ, ବ୍ୟାନର ଓ ପୋଷ୍ଟର ଆଦି ମଧ୍ୟଲଗାଯିବ

**ଏସବିଆଇଜେନେରାଲ୍ଇନ୍‌ସ୍ୟୁରାନ୍ସରଏମ୍‌ଡି ଓ ସିଇଓଶ୍ରୀ ନବୀନ ଚନ୍ଦ୍ରଝା**କହିଛନ୍ତି ଯେ, ଯୁକ୍ତକୃଷିଭାରତୀୟ ଅର୍ଥନୀତିର ମୂଳକେନ୍ଦ୍ର ହୋଇଥିବାରୁ ଚାଷୀମାନଙ୍କ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପୂର୍ବାପେକ୍ଷାଜରୁରୀହୋଇପଡ଼ିଛିଏସବିଆଇଜେନେରାଲ୍‌ରେ ଆମେ ଚାଷୀସମୁଦାୟସାମ୍ନାକରୁଥିବା ଆହ୍ୱାନକୁ ବୁଝୁଛୁଏବଂ ଆମର ବିଶ୍ୱାସରହିଛି ଯେ ବିପଦ ପରିଚାଳନାକରିବା ଓ ଜୀବନଜୀବିକାର ସୁରକ୍ଷାରେସହଯୋଗ କରିବାରେ ଫସଲ ବୀମା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହକରିବ ଆମର ଖରିଫ ୨୦୨୬ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଜରିଆରେ ଆମେ ଫସଲ ବୀମାସଚେତନତାକୁ ସୁଦୃଢ଼କରିବାଏବଂ ଚାଷୀମାନଙ୍କ ପାଖରେସୂଚନା ପହଂଚାଇବାକୁଲକ୍ଷ୍ୟରଖିଛୁସୂଚନା ଆଧାରରେ ନିଷ୍ପତିନେବା ଓ ପିଏମ୍ଏଫ୍‌ବିୱାଇ ଅଧୀନରେ କୃଷିଜନିତରିସ୍କକୁ ଭଲ ଭାବେ ପରିଚାଳନାକରିବା ପାଇଁ ଚାଷୀସମୁଦାୟକୁ ସାହାଯ୍ୟକରିବାକୁ ଆମେ ଚାହୁଁଛୁ । କ୍ଷେତ୍ରଭିତ୍ତିକକାର୍ଯ୍ୟକଳାପ, ଡିଜିଟାଲ ଆଉଟରିଚ ଓ ଅଂଶୀଦାରଙ୍କ ସହସହଯୋଗିତା ଜରିଆରେ ଏସବିଆଇଜେନେରାଲ୍‌ଇନସ୍ୟୁରାନ୍ସ ଚାଷୀସମୁଦାୟଙ୍କମଧ୍ୟରେ ଫସଲ ବୀମାସଚେତନତାକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି ।

# ଗୋମାତାଙ୍କ ସୁରକ୍ଷା, ସମ୍ମାନ ଓ ସଂରକ୍ଷଣ ଦାବିରେ ଗୋ ସମ୍ମାନ ଆହ୍ୱାନ




ସୋନପୁର ୨୮/୦୭,(ଆନିସ): ଆଜି ସୁବର୍ଣ୍ଣପୁର ଜିଲ୍ଲା କଲେକ୍ଟର ଅଫିସ୍ ସମ୍ମୁଖରେ ଗୋମାତାଙ୍କ ସୁରକ୍ଷା, ସମ୍ମାନ ଓ ସଂରକ୍ଷଣ ଦାବିରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବହୁ ସଂଖ୍ୟାରେ ଗୋପ୍ରେମୀ ଓ ସମାଜର ବିଭିନ୍ନ ବର୍ଗର ଲୋକେ ଏକତ୍ରିତ ହୋଇ ଗୋମାତାଙ୍କ ସୁରକ୍ଷା ପାଇଁ ନିଜର ଦାବି ଓ ମତାମତ ଉପସ୍ଥାପନ କରିଥିଲେ। ଗୋମାତାଙ୍କ ପ୍ରତି ସମ୍ମାନ ଓ ସୁରକ୍ଷା ନିଶ୍ଚିତ କରିବା ପାଇଁ ପ୍ରଶାସନ ଓ ସମାଜର ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଆହ୍ୱାନ ଦିଆଯାଇଛି। ଗୋ ସମ୍ମାନ ଆହ୍ୱାନ ଅଭିଯାନ ସୁବର୍ଣ୍ଣପୁର ଜିଲ୍ଲାରେ ଗୋ ସମ୍ମାନ ଆହ୍ୱାନ ଅଭିଯାନକୁ ନେଇ ଦେଖିବାକୁ ମିଳିଛି ଉତ୍ସାହ। ଗୋମାତାଙ୍କ ସୁରକ୍ଷା, ସେବା ଓ ସମ୍ମାନ ପାଇଁ ଏକାଠି ହୋଇଛନ୍ତି ଗୋପ୍ରେମୀ, ସମାଜସେବୀ ଓ ସଚେତନ ନାଗରିକ। ଏହି ଅବସରରେ ଶୋଭାଯାତ୍ରା, ସଚେତନତା କାର୍ଯ୍ୟକ୍ରମ ସହ ଦାବିପତ୍ର ପ୍ରଦାନ କରାଯାଇଛି।ଗୋବଂଶର ସୁରକ୍ଷା ପାଇଁ ଦୃଢ଼ ଆଇନ ପ୍ରଣୟନ, ଗୋଶାଳା ନିର୍ମାଣ ଓ ଗୋସେବାକୁ ଅଧିକ ପ୍ରୋତ୍ସାହନ ଦେବା ଭଳି ବିଭିନ୍ନ ଦାବି ନେଇ ଅଭିଯାନ ପକ୍ଷରୁ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଗୋମାତାଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ସମସ୍ତେ ଏକଜୁଟ ହେବାକୁ ଆହ୍ୱାନ ଦିଆଯାଇଛି।

ଗୋ ସୁରକ୍ଷା ଆମର ଦାୟିତ୍ୱ, ଗୋ ସେବା ଆମର କର୍ତ୍ତବ୍ୟଏହି ବାର୍ତ୍ତା ନେଇ ଆଗକୁ ବଢ଼ୁଛି ଗୋ ସମ୍ମାନ ଆହ୍ୱାନ ଅଭିଯାନ।

### ଅହମଦାବାଦ ବିମାନ ଦୁର୍ଘଟଣା

# ଅକ୍ଟୋବରରେ ସୁପ୍ରିମକୋର୍ଟରେ ଦାଖଲ ହେବ ଚୂଡ଼ାନ୍ତ ରିପୋର୍ଟ

ନୂଆଦିଲ୍ଲୀ: ୨୦୨୫ ଜୁନ୍ ୧୨ ତାରିଖରେ ହୋଇଥିବା ଅହମଦାବାଦ ବିମାନ ଦୁର୍ଘଟଣାର ତଦନ୍ତ କରୁଥିବା ଏଏଆଇବି ( ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ) ଆସନ୍ତା ଅକ୍ଟୋବର ମାସରେ ସୁପ୍ରିମକୋର୍ଟରେ ଏହାର ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବ। ସରକାରୀ ପରିଚାଳିତ ଏହି ତଦନ୍ତକାରୀ ସଂସ୍ଥା ଖଣ୍ଡପୀଠଙ୍କୁ ସ୍ପଷ୍ଟ କରିଛି ଯେ ଏହି ତଦନ୍ତ କେବଳ ଡିଜିସିଏ (ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ) ମଧ୍ୟରେ ସୀମିତ ଥିବା କୌଣସି ଆଭ୍ୟନ୍ତରୀଣ ତଦନ୍ତ ନୁହେଁ। ଦୁର୍ଘଟଣାରେ ନିହତ ବିଦେଶୀ ନାଗରିକଙ୍କ ଦେଶର ବିଶେଷଜ୍ଞ ଏବଂ ଅଧିକାରୀମାନେ ମଧ୍ୟ ଏଥିରେ ସାମିଲ ଅଛନ୍ତି। ଜୁନ୍ ୧୨ ଦୁର୍ଘଟଣା ମାମଲାରେ କୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଦାବି କରି ହୋଇଥିବା ଆବେଦନର ଶୁଣାଣି ସମୟରେ ଏଏଆଇବି ସୁପ୍ରିମକୋର୍ଟଙ୍କୁ ଆଜି ଏହା ଅବଗତ କରିଛନ୍ତି। କ୍ୟାପଟେନ ସୁମିତ ସଭରୱାଲ ଏବଂ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ପାଇଲଟ୍ସ ପକ୍ଷରୁ ଏହି ଆବେଦନ କରାଯାଇଥିଲା।

ସେମାନେ ଚାଲିଥିବା ତଦନ୍ତରେ ବିଭିନ୍ନ ଅସଙ୍ଗତି ଥିବା ଅଭିଯୋଗ କରି ଅଦାଲତଙ୍କ ନିରୀକ୍ଷଣରେ ତଦନ୍ତ କରିବାକୁ ଦାବି କରିଥିଲେ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଆବେଦନକାରୀ ଏବଂ ଏଏଆଇବିର ପକ୍ଷ ଶୁଣିଥିଲେ। ଏଏଆଇବି ପକ୍ଷରୁ କୁହାଯାଇଛି ଯେ, ଦୁର୍ଘଟଣାର କାରଣ ଏବଂ ଘଟଣାକ୍ରମକୁ ପୁନଃସ୍ଥାପନ ପାଇଁ ବୈଷୟିକ ବିଶ୍ଳେଷଣ କରାଯାଉଛି। ଏଏଆଇବି ପକ୍ଷରୁ ହାଜର ଥିବା ସଲିସିଟର ଜେନେରାଲ୍ ତୁଷାର ମେହେଟା ସୁପ୍ରିମକୋର୍ଟଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ଅକ୍ଟୋବର ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟକୁ ଜଉମୁଦ ଲଫାପାରେ ଦାଖଲ କରାଯିବ। ଉଲ୍ଲେଖଯୋଗ୍ୟ ପୂର୍ବରୁ ଏଏଆଇବି କହିଥିଲା ଯେ, ଜାନୁଆରି ସୁଦ୍ଧା ରିପୋର୍ଟ ପ୍ରସ୍ତୁତ ହୋଇଯିବ। ତେବେ ଏହା ବିଳମ୍ବ ହେବାର କାରଣ ବ୍ୟାଖ୍ୟା କରି ତୁଷାର ମେହେଟା ଖଣ୍ଡପୀଠଙ୍କୁ କହିଥିଲେ ଯେ, ବିମାନର କିଛି ଯନ୍ତ୍ରାଂଶକୁ ବିଦେଶକୁ ସ୍ୱତନ୍ତ୍ର ଫରେନସିକ୍ ଏବଂ ବୈଷୟିକ ପରୀକ୍ଷା ପାଇଁ ପଠାଇ ପୁଣି ଭାରତକୁ ଫେରାଯାଇଥିଲା। ଏହି ପ୍ରକ୍ରିୟାରେ ଅଧିକ ସମୟ ଲାଗିଥିଲା। ସୁପ୍ରିମକୋର୍ଟ ଅକ୍ଟୋବରରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବରର ଶେଷ ସପ୍ତାହରେ କରିବାକୁ ସ୍ଥିର କରିଛନ୍ତି।

ଉଲ୍ଲେଖଯୋଗ୍ୟ ୨୦୨୫ ଜୁନ୍ ୧୨ ତାରିଖ ଅପରାହ୍ନରେ ଅହମଦାବାଦରୁ ଲଣ୍ଡନ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆର ଏଆଇ-୧୭୧ ବିମାନ ଉଡ଼ାଣର କିଛି ସେକେଣ୍ଡ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନରେ ଥିବା ୧୨ ଜଣ କ୍ରୁ ସଦସ୍ୟ ଏବଂ ୨୩୦ ଯାତ୍ରୀଙ୍କ ମଧ୍ୟରୁ ୨୨୯ ଜଣଙ୍କର ମୃତ୍ୟୁ ହୋଇଥିଲା। ବିମାନଟି ଅହମଦାବାଦର ଏକ ମେଡିକାଲ୍ କଲେଜର ଛାତ୍ରାବାସ ଉପରେ ଖସିପଡ଼ିଥିବାରୁ ଭୂମିରେ ଥିବା ଆଉ ୧୯ ଜଣଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। କେବଳ ଜଣେ ଯାତ୍ରୀ ଏହି ଦୁର୍ଘଟଣାରୁ ଜୀବିତ ଉଦ୍ଧାର ହୋଇଥିଲେ। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିଲା ଯେ, ଦୁର୍ଘଟଣାର କିଛି ସେକେଣ୍ଡ ପୂର୍ବରୁ ଉଭୟ ଇଞ୍ଜିନର ଫୁଏଲ କଣ୍ଟ୍ରୋଲ୍ ସ୍ୱିଚ୍ 'ରନ୍' ଅବସ୍ଥାରୁ 'କଟଅଫ୍' ଅବସ୍ଥାକୁ ଚାଲିଯାଇଥିଲା। ଏହାର ଏକ ମାସ ପରେ ଏଏଆଇବି ଦୁର୍ଘଟଣାର ସମ୍ଭାବ୍ୟ କାରଣ ସମ୍ପର୍କରେ ଏକ ପ୍ରାରମ୍ଭିକ ରିପୋର୍ଟ ପ୍ରକାଶ କରିଥିଲା।

# ଇଣ୍ଡିଆନ୍ ଆଇଡଲ୍ ବିଜେତା ଜ୍ୟୋତିର୍ମୟୀଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷର ଇଣ୍ଡିଆନ୍ ଆଇଡଲ୍- ସିଜିନ୍ ୧୬ର ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ଆଜି (ମଙ୍ଗଳବାର) ତାଙ୍କ ସରକାରୀ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏଥି ସହିତ ଜ୍ୟୋତିର୍ମୟୀଙ୍କ କୃତିତ୍ୱ ପାଇଁ ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି। ଜ୍ୟୋତିର୍ମୟୀ ଆଜି ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ଇଣ୍ଡିଆନ୍ ଆଇଡଲ୍ ଟ୍ରଫି ପ୍ରଦର୍ଶନ କରିବା ସହିତ ଇଣ୍ଡିଆନ୍ ଆଇଡଲ୍'ର ସଫଳତା ପଛରେ ଥିବା ତାଙ୍କ କଠିନ ପରିଶ୍ରମ ଓ ଅଧ୍ୟବସାୟ ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟମନ୍ତ୍ରୀ ଜ୍ୟୋତିର୍ମୟୀଙ୍କ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନିଜର ଅସାଧାରଣ ପ୍ରତିଭା ଓ କଠିନ ସାଧନା ବଳରେ ଜାତୀୟ ସ୍ତରରେ ବିଜେତା ହୋଇ ରାଜ୍ୟ ପାଇଁ ସେ ଗୌରବ ଆଣିଛନ୍ତି ବୋଲି କହିଥିଲେ। ନୂଆ ପିଢ଼ିର କଣ୍ଠଶିଳ୍ପୀଙ୍କ ପାଇଁ ଜ୍ୟୋତିର୍ମୟୀ ଏକ ପ୍ରେରଣା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଜ୍ୟୋତିର୍ମୟୀ ତାଙ୍କର ସଙ୍ଗୀତ ପ୍ରତିଭାକୁ ଚିକିତ୍ସା କ୍ଷେତ୍ରରେ ମଧ୍ୟ ଉପଯୋଗ କରୁଛନ୍ତି। ରାଜ୍ୟର ଅନେକ କ୍ୟାନ୍ସର ହସ୍ପିଟାଲରେ ମ୍ୟୁଜିକ୍ ଥେରାପି ପ୍ରୟୋଗ କରି ସେମାନଙ୍କ କଷ୍ଟ ଲାଘବ କରିବାରେ ସହାୟତା କରିଛନ୍ତି। ତାଙ୍କର ଏହି ବିରଳ ପ୍ରତିଭା ଓ ସେବା ମନୋଭାବର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ସାରା ରାଜ୍ୟ ତଥା ଦେଶର ଏକ 'ଯୁବ ଆଇକନ୍'। ସଙ୍ଗୀତକୁ ରୋଗୀଙ୍କ ସେବା କ୍ଷେତ୍ରରେ ବ୍ୟବହାର କରିବାର ଏହି ଉଦ୍ୟମ ଆଗାମୀ ଦିନରେ ଏକ ନୂଆ ଟ୍ରେଣ୍ଡ୍ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଜ୍ୟୋତିର୍ମୟୀଙ୍କ ଭଳି ଯୁବ ପ୍ରତିଭାଙ୍କ ନିଷ୍ଠା ଓ ଉଦ୍ୟମ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାର୍ଥକ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ଜ୍ୟୋତିର୍ମୟୀଙ୍କ ଏହି ଯାତ୍ରାରେ ରାଜ୍ୟବାସୀ ବିପୁଳ ଉତ୍ସାହର ସହ ସମର୍ଥନ କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଜାତୀୟ ସ୍ତରର କୃତିତ୍ୱ ସମଗ୍ର ରାଜ୍ୟବାସୀଙ୍କ ପାଇଁ ଏକ ସ୍ମରଣୀୟ ଅଧ୍ୟାୟ ଏବଂ ଏହା ଓଡିଶାର କଳା ପ୍ରତିଭାକୁ ଜାତୀୟ ସ୍ତରରେ ଆହୁରି ଉଜ୍ଜ୍ୱଳ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଜ୍ୟୋତିର୍ମୟୀଙ୍କ ପିତା ଚକ୍ରଧର ନାୟକ ଓ ମାତା ଗୌରୀ ନାୟକ ଉପସ୍ଥିତ ଥିଲେ।

# ନିଟ ପେପର୍ ଲିକ୍ ମାମଲା: ହିଂସାତ୍ମକ ପ୍ରତିବାଦରେ ସାମିଲ ଥିଲେ ଅନେକ ଅପରାଧୀ

ନୂଆଦିଲ୍ଲୀ: ନିଟ ପେପର୍ ଲିକ୍ ମାମଲାକୁ କେନ୍ଦ୍ର କରି ଜନ୍ତର ମନ୍ତର ଏବଂ ଆଖପାଖ ଅଞ୍ଚଳର ରାସ୍ତାରେ ସପ୍ତାହ ଧରି ଚାଲିଥିବା ହିଂସାତ୍ମକ ପ୍ରତିବାଦ ପଛରେ ଥିବା ସତ୍ୟ ଉପରୁ ପରଦା ଉଠାଇଛି ଦିଲ୍ଲୀ ପୁଲିସ। କକ୍ରୋଜ ଜନତା ପାର୍ଟି (ସିଜେପି) ନେତୃତ୍ୱରେ ପ୍ରତିବାଦ ସମୟରେ ମଝିରେ ମଝିରେ ପଥର ଫିଙ୍ଗାଳି ଏବଂ ହିଂସାରେ ଦିଲ୍ଲୀ ପୁଲିସ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀର ୨୪୦ ଜଣ ଅଧିକାରୀ ଏବଂ କର୍ମଚାରୀ ଗୁରୁତର ଆହତ ହୋଇଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ ଭିଡ଼ରେ ଥିବା ୨,୮୭୩ ଜଣ ପ୍ରତିବାଦକାରୀଙ୍କ ମଧ୍ୟରୁ ୯୮୯ ଜଣଙ୍କର ଜଘନ୍ୟ ଅପରାଧିକ ରେକର୍ଡ ରହିଛି। । ଦଙ୍ଗାକାରୀଙ୍କ ଦ୍ୱାରା ପଥର ଫିଙ୍ଗାଳି ଏବଂ ହିଂସାର ଢାଞ୍ଚା ଦେଖି, ପୁଲିସ ସନ୍ଦେହ କରିଥିଲା ଯେ ଏହି ଆନ୍ଦୋଳନର ଆଡ଼ରେ ବାହାର ଅପରାଧୀ ଏବଂ ଅସାମାଜିକ ଲୋକମାନେ ଆନ୍ଦୋଳନରେ ଅନୁପ୍ରବେଶ କରିଛନ୍ତି। ଏହି ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିବା ପାଇଁ ଦିଲ୍ଲୀ ପୁଲିସ ପ୍ରତିବାଦ ସ୍ଥଳ ଏବଂ ଆଖପାଖ ରାସ୍ତାରେ ଏଫଆରଏସ କ୍ୟାମେରା ସ୍ଥାପନ କରିଥିଲା।

ଏହି କ୍ୟାମେରା ମାଧ୍ୟମରେ ଚିହ୍ନଟ ହୋଇଥିବା ସନ୍ଦିଗ୍ଧ ବ୍ୟକ୍ତିଙ୍କ ରେକର୍ଡ ପୁଲିସ ଡାଟାବେସରୁ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚରୁ ଜଣାପଡ଼ିଛି ୨୮୭୩ ଜଣ ପ୍ରତିବାଦକାରୀଙ୍କ ମଧ୍ୟରୁ ୯୮୯ଜଣଙ୍କର ଜଘନ୍ୟ ଅପରାଧିକ ଇତିହାସ ରହିଛି।ଦିଲ୍ଲୀ ପୁଲିସର ତଥ୍ୟ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଜନ୍ତର ମନ୍ତରରେ ହିଂସାତ୍ମକ ପ୍ରଦର୍ଶନ କେବଳ ସାଧାରଣ ଛାତ୍ର କିମ୍ବା ପ୍ରତିବାଦକାରୀଙ୍କ ଦ୍ୱାରା ଗଠିତ ନଥିଲା, ବରଂ ଏକ ସୁଚିନ୍ତିତ ଷଡ଼ଯନ୍ତ୍ରର ଅଂଶ ଭାବରେ ଏକତ୍ରିତ ଅଭ୍ୟାସଗତ ଏବଂ ଜଘନ୍ୟ ଅପରାଧୀଙ୍କ ଭିଡ଼ ଥିଲା।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,
ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda